
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୭ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 27 DECEMBER 2021
Vol.No. 32 ■ No. 331 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ‘ମନ କି ବାତ୍’ରେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୨୬/୧୨: ଗତ ୨ ବର୍ଷ ଧରି ସାରା ବିଶ୍ୱକୁ ଆକ୍ରାନ୍ତ କରିଛି ମହାମାରୀ କରୋନା । ହେଲେ ଏହାଠାରୁ ଅନେକାଂଶରେ ମୁକ୍ତି ମଧ ମିଳିପାରିଛି । ଏହା କେବଳ ସମ୍ଭବ ହୋଇପାରିଛି ଦେଶର ପ୍ରତିଟି ନାଗରିକଙ୍କ ପାଇଁ । ସରକାରଙ୍କ ସ୍ୱାସ୍ଥ୍ୟ ବ୍ୟସ୍ଥା ସହ ସାଧାରଣ ଜନତାଙ୍କ ବ୍ୟକ୍ତିଗତ ସଚେତନତା ଏପରି ଏକ ଶକ୍ତି ସଅଷ୍ଟି କରିଛି ଯାହା କରୋନା ମହାମାରୀକୁ ମାତ୍ ଦେବାକୁ ସମର୍ଥ ହୋଇପାରିଛି । ବୋଲି କହିଛନ୍ତି ମୋଦୀ । ଏବେ କରୋନାର ନୂଆ ଭ୍ୟାରିଆଣ୍ଟ ଆସି ଡରଉଛି । ହେଲେ ଏହାକୁ ବି ଡରିବା ନାହିଁ । ପୂର୍ବ ଭଳି ଏହାକୁ ମଧ ସାହାସ ଓ ଧୈର୍ଯ୍ୟ ସହ ମୁକାବିଲା କରିବା । ସରକାରଙ୍କୁ ଦେଶର ପ୍ରତିଟି ନାଗରିକ ସହଯୋଗ କରିଆସୁଛନ୍ତି । ନୂଆ ଭ୍ୟାରିଆଣ୍ଟ ଓମିକ୍ରନକୁ ହରାଇବାକୁ ଦେଶର ବୈଜ୍ଞାନିକମାନେ ଦିନ ରାତି ଗବେଷଣା ଜାରି ରଖିଛନ୍ତି । ପ୍ରତିଦିନ ସେମାନଙ୍କୁ ନୂଆ ନୂଆ ଡାଟା ମିଳୁଛି । ସେ ଦିନ ଦୂର ନୁହେଁ ଯେତେବେଳେ କରୋନାର ପୂର୍ବ ଦୁଇ ଭ୍ୟାରିଆଣ୍ଟ ଭଳି ଓମିକ୍ରନକୁ ହରାଇବାକୁ ଦେଶ ସମର୍ଥ ହେବ ବୋଲି କହିଛନ୍ତି ମୋଦୀ । ହେଲେ ଏହି ଗବେଷଣାକୁ ସବୁଠୁ ବଡ ଶକ୍ତି ଯୋଗାଇବ ସମାଜ ପ୍ରତି ପ୍ରତି ନାଗରିକଙ୍କ ଦାୟିତ୍ୱ । ଆମେ ଆହୁରି ସଚେତନ ହେବା । ଏହା ଆମ ପ୍ରତ୍ୟେକଙ୍କ ଦାୟିତ୍ୱ । ସରକାରଙ୍କ ବ୍ୟବସ୍ଥା ସହ ନିଜର ବ୍ୟକ୍ତିଗତ ଅନୁଶାସନ ହିଁ ଓମିକ୍ରନକୁ ଦେଶରୁ ଦୂରେଇ ପାରିବ । ଏହି ବ୍ୟକ୍ତିଗତ ଅନୁଶାସନ ସାମୁହିତ ଦାୟିତ୍ୱବୋଧରେ ବଦଳିଯିବ । ଏବଂ ଏହି ସାମୁହିକ ଦାୟିତ୍ୱବୋଧ ହିଁ ନୂଆ ବର୍ଷ-୨୦୨୨କୁ ଖୁସିର ସହ ସ୍ୱାଗତ କରିବ ବୋଲି ମୋଦୀ ‘ମନ କି ବାତ୍’ରେ କହିଛନ୍ତି ।

## ରାଜ୍ୟର ୧୧ଟି ଜିଲ୍ଲାରେ କୁହୁଡି ସମ୍ଭାବନା

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ଆସନ୍ତା ୨୪ ଘଂଟାରେ ରାଜ୍ୟର ୧୧ଟି ଜିଲ୍ଲାରେ କିଛି ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି । ଏଥି ପାଇଁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲାଗୁଡ଼ିକ ମଧରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି,ମୟୂରଭଞ୍ଜ ଓ କୋରାପୁଟ ରହିଛି । ଏଥିସହିତ ଅଭ୍ୟାନ୍ତର ଓଡ଼ିଶା ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ କୁହୁଡ଼ି ପଡ଼ିବାର ସମ୍ଭାବନା ଥିବା ମଧ୍ୟ ପୂର୍ବାନୁମାନ କରାଯାଇଛି । ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆହୁରି କୁହା ଯାଇଛି ଯେ ଡିସେମ୍ବର ୨୭ରୁ ୨୮ ତାରିଖ ମଧରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଆଦି ଜିଲ୍ଲାରେ ବର୍ଷା ଓ ବଜ୍ରପାତ ଆଶଙ୍କା ରହିଛି । ସେହିପରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ କୁହୁଡି ପଡ଼ିବାର ସମ୍ଭାବନା ରହିଛି । ଗତ ୨୪ ଘଂଟା ମଧ୍ୟରେ ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୨୯.୮ ଡିଗ୍ରି ସେଲସିୟସ ଥିବା ବେଳେ ସୁନ୍ଦରଗଡ଼ରେ ସର୍ବନିମ୍ନ ୧୧.୦ ଡିଗ୍ରି ସେଲସିୟସ ତାପମାତ୍ରା ରେକର୍ଡ କରା ଯାଇଥିବା ପ୍ରକାଶ କରାଯାଇଛି ।

## ଜାନୁଆରୀ ୩ରୁ ୧୫ରୁ ୧୮ ବର୍ଷ ପିଲାଙ୍କୁ ଦିଆଯିବ କରୋନା ଟିକା



ଭୁବନେଶ୍ୱର,୨୬/୧୨(ନି.ପ୍ର): ଜାନୁଆରୀ ୩ ତାରିଖରେ ୧୫ରୁ ୧୮ ବର୍ଷର ପିଲାଙ୍କୁ ଦିଆଯିବ କରୋନା ଟିକା । ସାରା ଦେଶରେ ୮ କୋଟି ପିଲା ଏହାଦ୍ୱାରା ଉପକୃତ ହେବେ ବୋଲି ଜଣାପଡିଛି । ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟିକା ଦିଆଯିବା ନେଇ ସୂଚନା ଦେଇଥିଲେ । ଏହାଦ୍ୱାରା ସ୍କୁଲ ଯାଉଥିବା ଛାତ୍ରଛାତ୍ରୀଙ୍କ ସହିତ ସେମାନଙ୍କର ଅଭିଭାବକ ମଧ ଉପକୃତ ହେବେ ବୋଲି ଜଣାପଡିଛି । ବିଶେଷଜ୍ଞଙ୍କର କହିବା କଥା ୫ ବର୍ଷରୁ ଅଧିକ ବୟସର ପିଲାଙ୍କୁ ମଧ ଟିକା ଦିଆଯିବା ଉଚିତ । ଯେତେବେଳେ କରୋନାର ବିଭିନ୍ନ ଭାରିଆଂଟ ଚିହ୍ନଟ ହେଉଛି, ଅନେକ ଆକ୍ରାନ୍ତ ହେଉଛନ୍ତି, ସେତେବେଳେ ବିଳମ୍ବ ନକରି ଛୋଟ ପିଲାଙ୍କୁ ଟିକା ଦିଆଯିବା ଆବଶ୍ୟକ ବୋଲି ଏକ ଯୁକ୍ତି ଉଠିଛି। କାରଣ ବିଳମ୍ବ କେଲେ ସ୍ଥିତି ଜଟିଳ ହୋଇପାରେ । ତେଣୁ ଛୋଟି ପିଲାଙ୍କୁ ଟିକା ଦିଆଯିବା ଦରକାର ବୋଲି ମତ ପ୍ରକାଶ ପାଇଛି । ସେହିପରି ୬୦ରୁ ଅଧିକ ବୟସ୍କ ବ୍ୟକ୍ତି ମଧ ତୃତୀୟ ଡୋଜ ବା ବୁଷ୍ଟର ଡୋଜ ନେବେ । ଏହାଦ୍ୱାରା ୧୧ କୋଟି ଉପକୃତ ହେବେ ବୋଲି ଜଣାପଡିଛି । ସେହିପରି ଫ୍ରଂଟ ଲାଇନ୍ ୱାର୍କରର ୩ କୋଟି ସ୍ୱାସ୍ଥ୍ୟ କର୍ମୀ ବୁଷ୍ଟର ଡୋଜ ନେବେ ବୋଲି ଜଣାପଡିଛି ।

## ପିଲାଙ୍କ ଟିକାକରଣ ପାଇଁ ହୋଇଛି ଯଥେଷ୍ଟ ମାନବସମ୍ବଳର ବ୍ୟବସ୍ଥା: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୫ ବର୍ଷ ରୁ ୧୮ ବର୍ଷ ବୟସର ପିଲାଙ୍କୁ ଟିକାକରଣକୁ ନେଇ ବକ୍ତବ୍ୟ ଦେବା ପରେ ଏଥି ପାଇଁ ରାଜ୍ୟରେ ଯଥେଷ୍ଟ ମାନବସମ୍ବଳର ବ୍ୟବସ୍ଥା କରା ଯାଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଶନିବାର ରାତ୍ରୀରେ ପ୍ରଧାନମନ୍ତ୍ରୀ ଦୁଇଟି କଥା କହିଛନ୍ତି । ଗୋଟିଏ ୧୫ ବର୍ଷ ରୁ ୧୮ ବର୍ଷ ବୟସର ପିଲାଙ୍କୁ ଟିକାକରଣ ଏବଂ ଦ୍ୱିତୀୟରେ ପ୍ରିକସନ ଡୋଜ ଟିକାର ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟକର୍ମୀ ଏବଂ ୬୦ ବର୍ଷରୁ ଅଧିକ ବର୍ଷର ବ୍ୟକ୍ତିଙ୍କ ପାଇଁ ଲାଗୁ ହେବ। ଜାନୁଆରି ୩ ତାରିଖରେ ଛୋଟ ପିଲାଙ୍କ ଟିକା ଏବଂ ୯ ତାରିଖରେ ସ୍ୱାସ୍ଥ୍ୟକର୍ମୀଙ୍କୁ ବୁଷ୍ଟର ଡୋଜ ଦେବା ଆରମ୍ଭ ହେବ। ଟିକାକରଣ ପାଇଁ ରାଜ୍ୟରେ ଏକ ଟିମ ରହିଛି। ସେ କହିଛନ୍ତି ଯେ ରାଜ୍ୟରେ ଟିକା ପାଇଁ କୌଣସି ଅସୁବିଧା ହେବ ନାହିଁ। ଟିକାକରଣ ପାଇଁ ଯଥେଷ୍ଟ ମାନବସମ୍ବଳ ରଖାଯାଇଛି। ଦରକାର ପଡ଼ିଲେ ଅଧିକ ଲୋକଙ୍କୁ ଟିକାକରଣ ପାଇଁ ନିଆଯିବ ବୋଲି ସେ କହିଛନ୍ତି। ମର ଟାର୍ଗେଟ ଜନସଂଖ୍ୟ ଯାହା, ସେହି ଅନୁସାରେ ଟିକାକରଣ କରାଯିବ। ପ୍ରତି ଜିଲ୍ଲାକୁ ୧୫ ବର୍ଷରୁ ୧୮ବର୍ଷ ବୟସର ପିଲାଙ୍କର ତଥ୍ୟ ମଗାଯାଇଛି ବୋଲି ସେ କହିଛନ୍ତି।

## ରାଜ୍ୟସଭା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇଲେ ପାଟଶାଣୀ



ଭୁବନେଶ୍ୱର, ୨୬/୧୨ (ନି.ପ୍ର): ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରର ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ପାର୍ଟୀ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟସଭା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇ ଦେଇଛନ୍ତି । ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରତିଶ୍ରୁତି ଦିଅନ୍ତି ତାହା ପାଳନ କରନ୍ତି । ଏହାପରେ ପ୍ରଣବଙ୍କ ମନ୍ତବ୍ୟକୁ ଦୋହରାଇ ପ୍ରସନ୍ନ ପାଟଶାଣୀ କହିଛନ୍ତି, ନବୀନ ତାଙ୍କ ପ୍ରତିଶ୍ରୁତି ରକ୍ଷା କରନ୍ତୁ । ସେ ତାଙ୍କୁ ରାଜ୍ୟସଭାକୁ ପଠାଇବେ ବୋଲି କହିଥିଲେ । ଦୁଇଥର ରାଜ୍ୟସଭା ଖାଲି ହୋଇଛି । ଏହିସମୟରେ ଅନ୍ୟମାନେ ରାଜ୍ୟସଭାକୁ ଯାଇଛନ୍ତି । ଏବେ ତାଙ୍କୁ ରାଜ୍ୟସଭାକୁ ପଠାଯାଉ ବୋଲି ପାଟଶାଣୀ କହିଛନ୍ତି ।

## ଓଡିଶାରେ ଚିହ୍ନଟ ହେଲେ ଆଉ ୪ ଓମିକ୍ରନ ଆକ୍ରାନ୍ତ



ଭୁବନେଶ୍ୱର,୨୬/୧୨(ନି.ପ୍ର): ରାଜ୍ୟରେ ଆଉ ୪ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେବା ପରେ ଭୟ ବଢ଼ିଛି । ବିଶେଷ କରି ଏପର୍ଯ୍ୟନ୍ତ ୫ ଜଣ ନାଇଜେରିଆ ଫେରନ୍ତା ଓମିକ୍ରନ ସଂକ୍ରମିତ ଚିହ୍ନଟ ହେବା ମୁଣ୍ଡବିନ୍ଧାର କାରଣ ପାଲଟିଛି । ହେଲେ, ଆଶ୍ୱସ୍ତିର କଥା ହେଉଛି, ସେମାନଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କର ଆରଟିପିସିଆର ରିପୋର୍ଟ ନେଗେଟିଭ୍ ଆସିଛି । ସେହିପରି ସାରା ଦେଶରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୪ଶହ ପାର କରିଥିଲେ ବି ସେମାନଙ୍କ ମଧ୍ୟରୁ ୧୩୦ ଜଣ ସୁସ୍ଥ ହୋଇଛନ୍ତି । ଆଉ ଅଧିକାଂଶଙ୍କ ନିକଟରେ କୌଣସି ଲକ୍ଷଣ ନାହିଁ । ▶▶ପୃଷ୍ଠା ୭

## ବିଜେଡିର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ଆସନ୍ତା ୫ ବର୍ଷ ମଧରେ ରାଜ୍ୟବାସୀଙ୍କ ସହଯୋଗରେ ଗରିବୀକୁ ୧୦ ପ୍ରତିଶତକୁ ହ୍ରାସ କରି ଓଡ଼ିଶା ଇତିହାସ ସୃଷ୍ଟି କରିବ । ଏଥିପାଇଁ ଯାହା ଦରକାର ଆମ ସରକାର ସମସ୍ତ ପଦକ୍ଷେପ ନେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବିଜେଡି ସ୍ଥାପନା ଦିବସ ଅବସରରେ ସେ ଉଦବୋଧନ ଦେଇ ଏହା କହିଛନ୍ତି । ସେ କହିଛନ୍ତି ଯେ ୨୫ ବର୍ଷ ତଳେ ବିଜୁବାବୁଙ୍କ ଆଦର୍ଶରେ ଆରମ୍ଭ ହୋଇଥିବା ବିଜୁ ଜନତା ଦଳ ଆଜି ଏକ ସାମାଜିକ ଆନ୍ଦୋଳନରେ ପରିବର୍ତନ ହୋଇଛି । ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସର ପ୍ରତୀକ ପାଲଟିଛି । ରାଜ୍ୟବାସୀଙ୍କ ଆଶୀର୍ବାଦରେ ଦିନକ ଦିନ ଆଗକୁ ବଢ଼ୁଛି ବିଜେଡି । ବିଜୁ ଜନତା ଦଳ ଦେଶର ଏକମାତ୍ର ଦଳ ଯାହାର ଲୋକପ୍ରିୟତା ବର୍ଷକୁ ବର୍ଷ ବଢ଼ୁଛି । ଏଥିପାଇଁ ଦଳର ଲକ୍ଷ ଲକ୍ଷ କର୍ମୀ ଭାଇ ଭଉଣୀମାନଙ୍କ ପରିଶ୍ରମ ଓ ତ୍ୟାଗକୁ ସେ ସମ୍ମାନ ଜଣାଇଛନ୍ତି । ସେ ଦଳୀୟ କର୍ମୀଙ୍କୁ କହିଛନ୍ତି ଯେ ବିଜୁ ଜନତା ଦଳର ବସ୍ ହେଉଛନ୍ତି ଓଡ଼ିଶାବାସୀ, ଆମର ଦିଲ୍ଲୀରେ କେହି ବସ୍ ନାହାଁନ୍ତି । ଯାହା କରୁଛୁ ଓଡ଼ିଶାବାସୀଙ୍କ ପାଇଁ... ▶▶ପୃଷ୍ଠା ୭

## ଆଜିଠାରୁ ରାତି ୧୧ଟା ପରେ ରାଜଧାନୀରେ ନାଇଟ୍ କର୍ଫ୍ୟୁ

ନୂଆଦିଲ୍ଲୀ,୨୬/୧୨: ପୁଣି ଶକ୍ତି ଠୁଳ କରି ଫେରିଛି କରୋନା। ସାଥିରେ ଆସିଥିବା ନୂଆ ଭ୍ୟାରିଆଣ୍ଟ ଓମିକ୍ରନ୍ ମଧ ପ୍ରଭାବ ବିସ୍ତାର କଲାଣି। ଶୀତ ସମୟ ଭାଇରସ ପାଇଁ ପାଗ ଅନୁକୂଳ ହେଉଥିବାରୁ ସଂକ୍ରମଣର ଗତି ବୃଦ୍ଧି ପାଉଛି। ବଢୁଥିବା ଓମିକ୍ରନ୍ ମାମଲା ସମସ୍ତଙ୍କୁ ଛାନିଆ କରିଛି। ଭାଇରସର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ସୋମବାରଠାରୁ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି। । ଦିଲ୍ଲୀରେ ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଲାଗୁ କରାଯିବ। ▶▶ପୃଷ୍ଠା ୭

## ଓବିସି ସଂରକ୍ଷକୁ ନେଇ ତେଜୁଛି ରାଜନୀତି

ଭୁବନେଶ୍ୱର,୨୬/୧୨(ନି.ପ୍ର): ଆଗାମୀ ପଂଚାୟତ ନିର୍ବାଚନରେ ଓବିସିଙ୍କୁ ସଂରକ୍ଷଣ ଦିଆଯିବ ନାହିଁ ବୋଲି ସରକାର ସ୍ୱଷ୍ଟ କରିବା ପରେ ଏହାକୁ ନେଇ ତେଜିଛି ରାଜନୀତି । ବିଜେପି ସାମ୍ବାଦିକ ସମ୍ମିଳନୀ କରି ପ୍ରଶ୍ନ କରିଛି ଯେ, ରାଜ୍ୟରେ ପଛୁଆବର୍ଗଙ୍କୁ ସାମ୍ବିଧାନିକ ଅଧିକାର କେବେ ମିଳିବ । ଶିକ୍ଷା ଓ ଚାକିରି କ୍ଷେତ୍ରରେ ଆଜି ଯାଏଁ କାହିଁକି ସଂରକ୍ଷଣ ଦିଆଯାଉ ନାହିଁ । ଅନ୍ୟରାଜ୍ୟ ଭଳି ଓଡିଶା ମଧ ଓବିସିଙ୍କୁ ନେଇ ରିଭ୍ୟୁ ପିଟିସନ କରିପାରିଥାନ୍ତା ବୋଲି ବିଜେପି କହିଛି । ଦଳରେ ପ୍ରଥମେ ୨୭ ପ୍ରତିଶତ ଓ ପରେ ୪୦ ପ୍ରତିଶତ କଥା କହି ଲୋକଙ୍କୁ ଭୁଆଁ ବୁଲାଇ ହେବନାହିଁ ବୋଲି ଅଭିଯୋଗ କରିଛନ୍ତି ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି । ଏହାର ଉତର ରଖିଛନ୍ତି ବିଜେଡି ନେତା । ଗତକାଲି ରାଜ୍ୟ କାର୍ଯ୍ୟକାରିଣୀରେ ଏନେଇ ସଂକଳ୍ପ ପାରିତ ହୋଇଥିବା କହିଛନ୍ତି ବରିଷ୍ଠ ନେତା ଦେବୀ ମିଶ୍ର । ଆଗାମୀ ପଂଚାୟତ ଓ ପୌର ନିର୍ବାଚନରେ ଦଳୀୟ ଆଧାରରେ ୪୦ ପ୍ରତିଶତ ଓବିସି ପ୍ରାର୍ଥୀଙ୍କୁ ଟିକେଟ ଦିଆଯିବ ବୋଲି ଦଳ ସଂକଳ୍ପ କରିଛି । କଂଗ୍ରେସ ମଧ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି । ରାଜ୍ୟ ଚାହିଁଥିଲେ ଓବିସି ସଂରକ୍ଷଣ କରିପାରିଥାନ୍ତା ବୋଲି କହିଛନ୍ତି ପିସିସି ସଭାପତି । ତେବେ ଦଳ ଆଗାମୀ ନିର୍ବଚନରେ ସବୁ ବର୍ଗରୁ ପ୍ରାର୍ଥୀ ଦେବ ବୋଲି ସୂଚନା ଦେଇଛନ୍ତି ନିରଞ୍ଜନ ପଟ୍ଟନାୟକ ।

## ଗୁଡ଼ି ସୂତାରେ ବେକ କଟିଲା : ସ୍ତ୍ରୀ ଆଗରେ ଆଖି ବୁଜିଲା ସ୍ୱାମୀ



କଟକ,୨୬/୧୨(ନି.ପ୍ର): ଗୁଡି ସୂତାରେ ବେକକଟି ଯୁବକ ମୃତ । କଟକ ଜଗତପୁର ପୀରବଜାର ଅଞ୍ଚଳରେ ଅଘଟଣ । ବାଇକରେ ସ୍ୱାମୀ-ସ୍ତ୍ରୀ ଯାଉଥିବା ବେଳେ ବେକରେ ଲାଗିଗଲା ସୂତା । ଗୁଡି ସୂତା ଲାଗି ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ସୂଚନା । ଜଗତପୁର ଥାନାରେ ଏତଲା । ତେବେ କଟକ ପୀରବଜାର ଅଞ୍ଚଳରେ ଗୁଡ଼ି ସୂତାରେ ବେକ କଟି ଭୈରୀପୁର ଅଞ୍ଚଳର ଜୟନ୍ତ ସାମଲଙ୍କ ମୃତ୍ୟୁ ହୋଇଛି । ଅପରାହ୍ନରେ ସ୍ୱାମୀ ସ୍ତ୍ରୀ ବାଇକରେ ଯାଉଥିବା ସମୟରେ ହଠାତ୍ ଗାଡ଼ିରୁ ପଡ଼ିଯାଇଥିଲେ ସ୍ୱାମୀ । ଏହି ସମୟରେ ଗୁଡ଼ି ସୂତା ବେକରେ ଲାଗି ଯାଇଥିଲା । ବେକ କାଟିବା ସହ ପ୍ରବଳ ରକ୍ତ ସ୍ରାବ ହୋଇଥିଲା । ପରେ ଗୁରୁତର ଅବସ୍ଥାରେ ମେଡିକାକୁ ନିଆଯାଇଥିଲେ ସୁଦ୍ଧା ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଗୁଡିସୂତା ଦୁର୍ଘଟଣାରେ ସବୁଠାରୁ ଦୁଃଖଦ ଦିଗଟି ହେଉଛି ସ୍ତ୍ରୀ ଆଗରେ ଆଖି ବୁଜିଦେଲା ସ୍ୱାମୀ । ସ୍ତ୍ରୀଙ୍କ ଖୁସି କରି କରି ଯାଉଥିବା ବେଳେ ସ୍ୱାମୀ ପରପାରିକୁ ଚାଲିଗଲେ । ଏମିତି ମୃତ୍ୟୁ ଆସିଲା ଯେ ଗୁଡି ସୂତା ସ୍ତ୍ରୀର ସିନ୍ଦୂର ପୋଛିଦେଲା । ଗତ ୬ ମାସ ହେବ ଦୁହିଁଙ୍କ ବିବାହ ହୋଇଥିବା ସୂଚନା ।

## ଉଦଳାରେ ଧ୍ୱନିପ୍ରତିଧ୍ୱନିର ପାଠକ ମଞ୍ଚ ଅନୁଷ୍ଠିତ




ଉଦଳା, ୨୬/୧୨ (ନି.ପ୍ର): ଦୈନିକ ଖବର କାଗଜ ‘ଧ୍ୱନିପ୍ରତିଧ୍ୱନି’ କୁ କେନ୍ଦ୍ର କରି ଉଦଳାରେ ଗଢ଼ି ଉଠିଥିବା ପାଠକ ମଞ୍ଚର ସପ୍ତଦଶ ବାର୍ଷିକ ଉତ୍ସବ ଆଜି ଡ଼ିସେମ୍ବର ୨୫ ତାରିଖ ଶନିବାର ସ୍ଥାନୀୟ ସାଇ ସାଧନା ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର, କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଧାୟକ ଭାସ୍କରଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ବାଲେଶ୍ୱର ଜିଲ୍ଲା ରୂପ୍‌ସା ସ୍ଥିତ ନିଳମଣୀ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ତପନ ବେହେରା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଖବର କାଗଜ ‘ଧ୍ୱନିପ୍ରତିଧ୍ୱନି’ ଓ ପତ୍ରିକା ‘ସାଗରିକା’ ଆଜି ସମଗ୍ର ଓଡ଼ିଶାରେ ନୂତନ ପିଢ଼ିର ସାହିତ୍ୟିକ ମାନଙ୍କୁ ଆଗକୁ ଆଣିବାରେ କିପରି ସହଯୋଗର ହାତ ବଢ଼ାଇଛି ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଇସାଧନା ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. କୁମାର ତ୍ରିପାଠୀ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଧ୍ୱନିପ୍ରତିଧ୍ୱନିର ପରିଚାଳକ ସୃଷ୍ଟିଧର ପରିଡ଼ା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ପତ୍ରିକାର ଜନ୍ମ, କ୍ରମ ବିକାଶ ଓ ପ୍ରତିଷ୍ଠା କ୍ଷେତ୍ରରେ ପାଠକ, ଲେଖକ ଓ ପୃଷ୍ଠପୋଷକ ମାନଙ୍କର ଅବଦାନକୁ ପ୍ରଶଂସା କରିଥିଲେ । ପାଠକ ମଞ୍ଚର ଆବାହିକା ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ▶▶ପୃଷ୍ଠା ୭

## ବାଂଲାଦେଶୀ ବୋଟ୍ ଜବତ : ୨୦ ନାଗରିକ ଅଟକ

ପାରାଦୀପ,୨୬/୧୨ (ନି.ପ୍ର): ପାରାଦୀପ ଉପକୂଳରୁ ସନ୍ଦିଗ୍ଧ ବାଂଲାଦେଶୀ ବୋଟ୍ ଜବତ ଘଟଣାରେ ଆସନ୍ତାକାଲି ହେବ ଜଏଣ୍ଟ ଇନକ୍ୱାରୀ। ନୌସେନା, କୋଷ୍ଟ ଗାର୍ଡ, ମେରାଇନ୍ ପୁଲିସ, କଷ୍ଟମ୍ସ, ମତ୍ସ୍ୟ ବିଭାଗ ଓ ଗୁଇନ୍ଦା ବିଭାଗ ଏହାର ମିଳିତ ତଦନ୍ତ କରିବେ। ଏନେଇ ସୂଚନା ଦେଇଛନ୍ତି ପାରାଦୀପ ଅତିରିକ୍ତ ଏସପି। ବାଂଲାଦେଶୀ ବୋଟରେ ଥିବା ୨୦ ଜଣ ବାଂଲା ନାଗରିକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ଓ ସେମାନଙ୍କ ପରିଚୟ ଯାଞ୍ଚ ଚାଲିଛି।


## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ନହଙ୍ଗା ଉଚ୍ଚ ବିଦ୍ୟାଳୟ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

## ବୃକ୍ଷରୋପଣ, ଯୋଗ ଓ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସଚେତନ



ଖଇରା,୨୬/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୯ତାରିଖରୁ ଆରମ୍ଭ ହୋଇଥିବା ୭ଦିନିଆ ସ୍ୱତନ୍ତ୍ର ସେବା ଶିବିର ୨୫ତାରିଖ ଶନିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି ।। ୨୨ତାରିଖ ଦିନ ଯୋଗ ଶିବିର ଏବଂ ୨୪ତାରିଖ ଦିନ ଡାକ୍ତର ଅନୋଲା ଜଗଦେବ ଙ୍କ ସହଯୋଗରେ ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବା ସହ ଲୋକଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା । ଅନ୍ୟ ଦିବସ ଗୁଡିକରେ ଦିବସରେ ସ୍ୱେଚ୍ଛାସେବି ମାନେ ନହଙ୍ଗ ଗ୍ରାମ, ନହଙ୍ଗ ହାଇସ୍କୁଲ,ଏମଇ ସ୍କୁଲ ପରିକ୍ରମା କରି ସ୍ୱଛତା, ପରିବେଶ ସୁରକ୍ଷା ଉପରେ ସ୍ଲୋଗାନ ଦେବା ସହ ଲୋକଙ୍କୁ ସଚେତନ କରାଇଥିଲେ ଓ ଗଛ ଲଗାଇଥିଲେ । ଶନିବାର ଉଦ୍‌ଯାପନୀ ଦିବସରେ ଅଧ୍ୟକ୍ଷା ଅନିତାରାଣି ନାୟକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମ ପରିଚାଳିକା ଜ୍ୟୋସ୍ନାବାଳା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଖଇରା ବ୍ଲକ ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପିଲାମାନେ ଆତ୍ମବିଶ୍ୱାସ ଓ ଦୃଢ ଇଛାଶକ୍ତି ସହ ଆଗକୁ ବଢିଲେ ପ୍ରତିକାର୍ଯ୍ୟରେ ସଫଳତା ପାଇ ପାରିବେ ବୋଲି କହିଥିଲେ । ଅଧ୍ୟାପିକା ମମତାମୟୀ ପଣ୍ଡା, ଅଳକାନନ୍ଦା ସାହୁ ,ଶିକ୍ଷାକର୍ମଚାରୀ ବିଣାପାଣି ବେହେରା, ରମା ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ପରେ ମୁଖ୍ୟଅତିଥି ୨୫ଜଣ ସ୍ୱେଚ୍ଛା ସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବେତନଟୀ ବ୍ଲକରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ



ବାରିପଦା,୨୬/୧୨ (ନି.ପ୍ର): ମୟୂରଭଂଜ ଜିଲ୍ଲାର ବେତନଟୀ ବ୍ଲକରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍‌ସିଂ (ଭର୍ଚୁଆଲ୍) ମୋଡରେ ରାଜ୍ୟ ସ୍ତରରୁ ଗୁରୁବାର ଆନୁଷ୍ଠାନିକ ଭାବେ ଭିତି ପ୍ରସ୍ତାପାନ କରିଛନ୍ତି । ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଓଡିଶା ରାଜ୍ୟ ସଡକ ପରିବହନ ତତ୍ୱାବଧାନରେ ରାଜ୍ୟର ୨୨ଟି ଜିଲ୍ଲାରେ ୫୫ଟି ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ତ୍ୱରାନ୍ୱିତ କରାଯାଉଥିବା ଯୋଜନା କାର୍ଯ୍ୟକ୍ରମ ଅର୍ନ୍ତଭୁକ୍ତ ମୟୂରଭଂଜ ଜିଲ୍ଲାର ବେତନଟୀ ବ୍ଲକରେ ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରାଯିବା ନେଇ ରାଜ୍ୟ ସ୍ତରରୁ ଭିଡିଓ କନଫରେନସିଂ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶୁଭ ଭିତିପ୍ରସ୍ତର ସ୍ଥାପନ କରି କହିଥିଲେ ଯେ ଓଡିଶାର ଗ୍ରାମାଂଚଳରୁ ଠାରୁ ଆରମ୍ଭ କରି ସହରାଂଚଳ / ଜିଲ୍ଲା ପର୍ଯ୍ୟନ୍ତ ଲୋକମାନଙ୍କ ସୁଗମ ଯାତାୟତ ପାଇଁ ଯାତ୍ରୀବାହୀ ବସ୍ ସେବା ଚଳାଚଳ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ସହିତ ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନଙ୍କ ପାଇଁ ଉନ୍ନତ ମାନର ସେବା ଯୋଗାଇ ଦେବା ସକାଶେ ଯାତ୍ରୀ ପ୍ରତିକ୍ଷାଳୟ, ପାନୀୟ ଜଳ, ଶୌଚାଳୟ, ସତନ୍ତ୍ର ଯାନବାହାନ ପାର୍କ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସତନ୍ତ୍ର ସେଡ୍ ନିର୍ମାଣ ଆଦି ସମସ୍ତ ଆନୁସର୍ଙ୍ଗିକ ବ୍ୟବସ୍ଥା ଉପଯୋଗ ଥାଇ ଭିତିଭୂମିର ବିକାଶ କରାଯିବାର ବ୍ୟବସ୍ଥା ରହିଛି । ଏହି ଅବସରରେ ମୟୂରଭ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଭିଡିଓ କନଫରେନ୍‌ସିଂ ହଲରେ ଆୟୋଜିତ ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୟୂରଭ ଶ୍ରୀ ବିନୀତ ଭରଦ୍ୱାଜ୍, ଭା.ପ୍ର.ସେ., ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମୟୂରଭ ରୁଦ୍ରନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୟୂରଭ ଶ୍ରୀ ପ୍ରକାଶ ଚନ୍ଦ୍ର ବେହେରା ଓ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ହେମନ୍ତ କୁମାର ସିଂ, ଆଂଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସ ପ୍ରମୁଖ ସମେତ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ, ଏମ୍‌ଭିଆଇ ତଥା ସଂପୃକ୍ତ ବିଭାଗ ଅଧରକାରୀ ମାନେ ଯୋଗ ଦେଇଥିଲେ ।

# ଓଡ଼ିଶା ଡ୍ରାଇଭର ମହାସଂଘର ସାଧାରଣ ବୈଠକ




ବାସୁଦେବପୁର,୨୬/୧୨ (ନି.ପ୍ର): ବାସୁଦେବପୁର ବ୍ଲକର କରଞ୍ଜଆଡ଼ିଆ ବଜାରରେ ଓଡ଼ିଶା ଡ୍ରାଇଭର ମହାସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତିତ୍ୱ କରିଥିଲେ ଦିଲ୍ଲୀପ ସାହୁ । ବାସୁଦେବପୁର ବ୍ଲକ ସଭାପତି ସଞ୍ଜୟ ମହାନ୍ତି, ଜିଲ୍ଲା କୋଷାଧ୍ୟକ୍ଷ ପ୍ରଶାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇ ଡ୍ରାଇଭର ମାନଙ୍କ ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ନିଶା ଦ୍ରବ୍ୟ ନ ଖାଇ ଗାଡି ଚଳାଇବା, ସମସ୍ତେ ଏକତ୍ର ହୋଇ ଦୁଃଖି ଗରିବ ଙ୍କୁ ସାହାଯ୍ୟ କରି ସମସ୍ତଙ୍କୁ ସମ୍ମାନ ଦେବା ଏ ସମ୍ପର୍କରେ ବ୍ଲକ ସଭାପତି ମତ ରଖିଥିଲେ । ଚାରୋଟି ପଂଚାୟତ ର ଡ୍ରାଇଭର ଭାଇ ମାନେ ଏହି ସଭାରେ ଯୋଗ ଦେଇଥିଲେ । ସମସ୍ତଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ




ପାରାଦୀପ,୨୬/୧୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତଥା ଜାତୀୟ ସହରାଂଚଳ ସ୍ୱାସ୍ଥ୍ୟ ମିଶନ ଅଧିନସ୍ଥ ପାରାଦୀପ ଷଣ୍ଢକୁଦ ଠାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟବର ସୂଚନା ଓ ଲୋକ ସମ୍ପର୍କ ଏବଂ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପାରାଦୀପ ବିଧାୟକ ସଂବିତ ରାଉତରାୟ, ଜିଲ୍ଲାପାଳ ପାରୁଲ ପଟଓାରୀ, ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧୀର,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କ୍ଷେତ୍ରବାସୀ ଦାଶ, ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ, ପାରାଦୀପର ପୂର୍ବତନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଡି.ପି.ଏମ୍. ଚକ୍ରଧର ଜେନା ପ୍ରମୁଖ ଯୋଗ ଦେଇଥିଲେ । ଷଣ୍ଢକୁଦ ବସ୍ତି ପାରାଦୀପର ସର୍ବବୃହତମ ବସ୍ତି ଅଟେ । ଏହାର ଲୋକସଂଖ୍ୟା ଦୃଷ୍ଟିରୁ ଏଠାରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକତା ରହିଥିଲା । ଏଠାକାର ଲୋକମାନଙ୍କର ସ୍ୱସ୍ଥ୍ୟ ସମସ୍ୟା ଦେଖାଗଲେ ସେମାନଙ୍କୁ ୫କି.ମି. ଦୂରରେ ଥିବା ଅଠରବାଙ୍କୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବାକୁ ପଡୁଥିଲା । ଏଠାରେ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ହେବା ପରେ ସ୍ଥାନୀୟ ଲୋକମାନେ ବହୁ ଭାବରେ ଉପକୃତ ହୋଇପାରିବେ ।

# ସଂସ୍କୃତି ବିଭାଗ ପକ୍ଷରୁ ଖଇରା ମହୋତ୍ସବ: ସମ୍ବଲପୁରୀ ନୃତ୍ୟରେ ମତୁଆଲା ଦର୍ଶକ



ଖଇରା,୨୬/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ ସଂସ୍କୃତି ଓ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲି ମଧୁବନ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି । ବିଡିଓ ପର୍ଶୁରାମ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ,ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା,ସଦର ବିଧାୟକ ସ୍ୱରୁପ ଦାସ,ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ଯେଉଁ ମାଟିର କଳା ସଂସ୍କୃତି ଯେତେ ଉନ୍ନତ ସେ ଜାତି ସେତିକି ସମୃଦ୍ଧ ବୋଲି କହିଥିଲେ । ଶିକ୍ଷକ ବିଷ୍ଣୁପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ବଲାଙ୍ଗିର କେସିଙ୍ଗାରୁ ଆସିଥିବା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପରିବେଷିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା । ସେହିଭଳି ମଣ୍ଟୁ ଛୁରିଆ ଓ ଟୁପଙ୍କ ଦ୍ୱାରା ମନୋମୁଗ୍ଧକର ସଙ୍ଗୀତ ପରିବେଷଣ କରାଯାଇଥିଲା ।

# ଅନୁସୂଚିତ ଜାତିରୁ ଜଳେଶ୍ୱର ପୌରଷଦ ଅଧ୍ୟକ୍ଷ ପଦ ସଂରକ୍ଷଣ ଲାଗି ଦାବି

ଜଳେଶ୍ୱର ,୨୬/୧୨ (ନି.ପ୍ର): ୫୭ବର୍ଷ ପୂର୍ବେ ଗଠନ ହୋଇଥିବା ଜଳେଶ୍ୱର ମ୍ୟୁନିସିପାଲଟିର ଅଧ୍ୟକ୍ଷ ପାଦବୀ ଅନୁସୂଚିତ ଜାତିଲାଗି ସଂରକ୍ଷଣ ହୋଇନଥିବାରୁ ଚଳିତବର୍ଷ ସଂରକ୍ଷଣ ଲାଗି ଦାବି ହୋଇଛି । ଜଳେଶ୍ୱର ସହରାଞ୍ଚଳରେ ଲୋକସଂଖ୍ୟା ୩୦ହଜାରରୁ ଅଧିକ ହୋଇଥିବା ବେଳେ ପ୍ରାୟ ୩ ହଜାର ଲୋକ ଅନୁସୂଚିତ ଜାତି ରହିଥିବା କୁହାଯାଉଛି । ୧୯୬୪ ମସିହାରୁ ବିଜ୍ଞାପିତ ପରିଷଦ ଓ ୨୦୧୩ରୁ ପୌରପରିଷଦ ଭାବେ ଜଳେଶ୍ୱର ପରିଗଣିତ ହୋଇ ଆସୁଥିବା ବେଳେ ଅଦ୍ୟାବଧି ଅଧକ୍ଷ ପଦ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ହୋଇନଥିବାରୁ ଏ ସମ୍ପର୍କରେ ଆମ୍ବେଦକର ସମତା ମଂଚର ଜଳେଶ୍ୱର ଶାଖା ସଭାପତି ତଥା ବିଜେଡି ଅନୁସୂଚିତ ସେଲ୍‌ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ଜେନା ଦାବି କରିଛନ୍ତି ।

# ଭାରତରତ୍ନ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପାରାଦୀପ,୨୬/୧୨ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣ ଅବୟବ ଶନିବାର ଦିନ ୯୭ତମ ଜନ୍ମ ଜୟନ୍ତୀ ଅବସରରେ ପାରାଦୀପ ନୂଆବଜାରସ୍ଥିତ ବାଜପେୟୀ ପାର୍କ ପରିସରେ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ଉନ୍ମୋଚିତ ହୋଇଯାଇଛି । ଭୁବନେଶ୍ୱରର ମାନ୍ୟବର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିମୂର୍ତ୍ତୀକୁ ଉନ୍ମୋଚନ କରିଥିଲେ । ଏହା ପରେ ସାଂସଦ ଏକ ପଦଯାତ୍ରାରେ ଯୋଗ ଦେବା ସହ ଜୟଦେବ ସଦନ ପରିସରେ ଏକ ସଭାରେ ଯୋଗ ଦେଇଥିଲେ । ଅପରାହ୍ନରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସେ ସମ୍ବୋଧିତ କରିବା ସହ ରାଜ୍ୟ ସରକାରଙ୍କ ଅପାରଗତାକୁ ସମାଲୋଚନା କରିଥିଲେ । ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାରେ କାମ କରୁଥିବା ଲୋକମାନେ ବାହାର ରାଜ୍ୟର ହୋଇଥିବା ବେଳେ ଏଠିକା ଶିଳ୍ପସଂସ୍ଥାରେ ଅଗ୍ରାଧିକାରଭିତ୍ତିରେ ପ୍ରଥମେ ପାରାଦୀପ, ଜଗତସିଂହପୁର ଓ ଓଡିଶାର ଶିକ୍ଷିତ ବେକାର ଯୁବକମାନଙ୍କୁ ନିଯୁକ୍ତି ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧ୍ୟକ୍ଷ ଅଜିତ ଦାସ, ଶୈଳେନ୍ଦ୍ରୀ ସେନାପତି, ଜୀବନ ସାହୁ, ହରିହର ବେହେରା, ରେଣୁବାଳା ସାହୁ, ବିକନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ କୋଟି୨୫ଲକ୍ଷ ବ୍ୟୟରେ ହେଲା ରେଳ ଅଣ୍ଡର ପାସ୍ : ସାଂସଦଙ୍କ ଶିଳାନ୍ୟାସ



ଜଳେଶ୍ୱର ୨୫/୧୨(ନିପ୍ର): ଜଳେଶ୍ୱର-ରାଜଘାଟ-ଅମର୍ଦ୍ଦାରୋଡ ମଧ୍ୟରେ ରେଳ ଯାତାୟାତରେ ବିଘ୍ନ ଓ ବିଳମ୍ବ ନ ହେବାଲାଗି ଜଳେଶ୍ୱର ବ୍ଲକ ଅଧିନ ମହମ୍ମଦନଗରପାଟଣା ଅଧିନ କୋବାଡିଆଠାରେ ଥିବା ରେଳଫାଟକକୁ ହଟାଇ ୫୧ନଂ ସବ୍‌ୱେ (ଅଣ୍ଡର ପାସ୍) ନିର୍ମାଣ ଲାଗି ଶୁକ୍ରବାର ଅପରାହ୍ନରେ ବାଲେଶ୍ୱରର ସାଂସଦ ଶିଳାନ୍ୟାସ କରିଛନ୍ତି । ୩କୋଟି୨୫ଲକ୍ଷ ଟଙ୍କା ବ୍ୟୟରେ ଏହି ଅଣ୍ଡରପାସ୍ ନିର୍ମାଣ ଲାଗି ପ୍ରାୟ ୧୦ବର୍ଷ ତଳେ ତତ୍‌କାଳୀନ ସାଂସଦ ଖାରବେଳ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ରେଳବାଇ ବିଭାଗ ସିଦ୍ଧାନ୍ତ ନେଇଥିଲା । ଗାଁ ମଧ୍ୟ ଦେଇ ରେଳ ଲାଇନ୍ ଯାଇଥିବାରୁ କ୍ଷେତରୁ ଚାଷ ଆଣିବା ଓ ଗାଇ, ଗୋରୁ ଓ ମଣିଷ ଗୋଟିଏ ପଟରୁ ଅନ୍ୟ ପଟକୁ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଥିଲା । ଦୀର୍ଘବର୍ଷ ଧରି ଲୋକଙ୍କ ଦାବୀକୁ ସମ୍ମାନ ଜଣାଇ ସେଠାରେ ୧୦ବର୍ଷ ପୂର୍ବେ ଏକ ଲେଭେଲକ୍ରସିଂ ନିର୍ମାଣ ହୋଇଥିଲା । ପରବର୍ତ୍ତି ସମୟରେ ଦୀର୍ଘସମୟଧରି ଫାଟକ ବନ୍ଦ ରହିବା ଏପରିକି ଲୋକଙ୍କ ଯାତାୟତ ଲାଗି ଦୀର୍ଘ ସମୟ ଧରି ଫାଟକ ଖୋଲା ରହିବା ଦ୍ୱାରା ରେଳବାଇର ସମସ୍ୟା ଦେଖା ଦେବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିଆସୁଥିଲା । ଶେଷରେ ଏହି ଅଣ୍ଡରପାସ୍ ନିର୍ମାଣ ପ୍ରସ୍ତାବ ଗୃହିତ ହେବାପରେ ଅର୍ଥ ବ୍ୟୟବରାଦ କରାଯାଇଥିଲା । ଏହି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ସାଂସଦ ପ୍ରତାପ ଷଡଙ୍ଗୀଙ୍କ ସହିତ ବିଧାୟକ ଅଶ୍ୱିନୀ ପାତ୍ର, ଡିଆର୍‌ଏମ୍ ମନୋରଂଜନ ପ୍ରଧାନ, ଅରୁଣ ବେଜ, ପ୍ରବୀର ପ୍ରଧାନ, ପ୍ରତିପ କୁମାର ପ୍ରଧାନ, ଆନନ୍ଦ କର, ଅରୁଣ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ ଶିକ୍ଷା ବିଭାଗରେ ରୂପାନ୍ତରୀକରଣ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ

ଜଳେଶ୍ୱର ,୨୬/୧୨ (ନି.ପ୍ର): ସମ୍ପ୍ରତି ରାଜ୍ୟରେ ଘରୋଇ ବିଦ୍ୟାଳୟ ଗୁଡିକ ସହିତ ସମକକ୍ଷ କରିବା ସହିତ ମାଧ୍ୟମିକ ସ୍ତରରେ ରୂପାନ୍ତରୀକରଣ ଯୋଜନା ଆରମ୍ଭ ହୋଇଛି । ଫଳରେ ପର୍ଯ୍ୟାୟକ୍ରମେ ରାଜ୍ୟର ସରକାରୀ ଉଚ୍ଚ ବିଦ୍ୟାଳୟକୁ ସରକାରୀଭାବେ ୪୫ଲକ୍ଷ ତଥା ପୂର୍ବତନ ଛାତ୍ର, ଅଭିଭାବକ ଓ ଶୁଭେଚ୍ଛୁ ମାନଙ୍କ ଦାନର ଅନ୍ୟ ୨ଗୁଣ ଅର୍ଥ ସରକାର ଦେବାର ବ୍ୟବସ୍ଥା କରିଛନ୍ତି । କିନ୍ତୁ ଏହି ରୂପାନ୍ତରିକରଣ ଯୋଜନା ବ୍ରିଟେନ୍‌ରେ ପ୍ରଚଳତ ହେଉଥିବାରୁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚଳନ କରିଥିବା ସଂପର୍କରେ ଆଜି ଖୁଲୁଡାସ୍ଥିତ ଶୀତଳାମାତା ଉଚ୍ଚ ବିଦ୍ୟାଳୟର ଶ୍ରେଣ ଗୃହର ଭିତ୍ତପ୍ରସ୍ତର ସ୍ଥାପନ କରି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି । ଏହି ସହଭାଗିତା ଅର୍ଥରେ ଶିକ୍ଷାର ବିକାଶ ଘଟୁଥିବା ସମ୍ପର୍କରେ କହିବା ସହିତ ପ୍ରଧାନ ଶିକ୍ଷକ ୨ଲକ୍ଷ ୨୦ହଜାର ଟଙ୍କା ବିଦ୍ୟାଳୟକୁ ସହାୟତା କରିଥିବା ସଂପର୍କରେ କହିଥିଲେ । ଆସନ୍ତା ଦିନରେ ଏହାକୁ ଏକ ମଡେଲ ବିଦ୍ୟାଳୟରେ ପରିଣତ କରିବା ଲାଗି ସମ୍ମିଳତ ଚେଷ୍ଟା ସଂପର୍କରେ କହିଥିଲେ ।

# ଅଳିଆ ଉଠାଇବା ପାଇଁ ବ୍ୟାଟେରୀ ଚାଳିତ ଯାନର ଶୁଭାରମ୍ଭ



ପାରାଦୀପ,୨୬/୧୨ (ନି.ପ୍ର): ପାରାଦୀପ ସହରର ବିଭିନ୍ନ ଗଳିକନ୍ଦିରୁ ଓଦା ଓ ଶୁଖିଲା ଅଳିଆ ନେବା ପାଇଁ ପାରାଦୀପ ପୌରପାଳିକାକୁ ବହୁ ପରିଶ୍ରମ କରିବାକୁ ପଡୁଥିଲା । ଗଳି କନ୍ଦିରୁ ଅଳିଆ କାଢିବା ପାଇଁ ଆବଶ୍ୟକ ବ୍ୟାଟେରୀ ଚାଳିତ ଯାନର ଶନିବାର ଦିନ ପୌରପାଳିକା କାର୍ଯ୍ୟାଳୟର ଶୁଭାରମ୍ଭ କରାଯାଇଛି । ପାରାଦୀପ ବିଧାୟକ ସଂବିତ ରାଉତରାୟ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବ୍ୟାଟେରୀ ଚାଳିତ ଯାନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ୩୫ଗୋଟି ବ୍ୟାଟେରୀ ଚାଳିତ ଗାଡି ସହରରୁ ଅଳିଆ ଉଠା କାମରେ ନିୟୋଜିତ ହେବେ । ଘରକୁ ଘର ବୁଲି ଏହି ଗାଡି ଅଳିଆ ସଂଗ୍ରହ କରିବେ । ଏହାକୁ ମହିଳାମାନେ ଚଳାଇବେ ଏବଂ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଜଣେ ଲେଖାଏଁ ସହାୟକ ନିଯୁକ୍ତି ହୋଇଥିବା ନେଇ ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.କାହ୍ନୁ ଚରଣ ଧୀର, ପାରାଦୀପର ପୂର୍ବତନ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ ।

# ବିଶିଷ୍ଟ ଜନନାୟକ ପ୍ରସନ୍ନ ପାଳଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା ଅନୁଷ୍ଠିତ



ଜଳେଶ୍ୱର ,୨୬/୧୨ (ନି.ପ୍ର): ଉତ୍ତର ବାଲେଶ୍ୱରର ବିଶିଷ୍ଟ ଜନନାୟକ, ସମାଜସେବୀ, ୪ଥରର ବିଧାୟକ ପ୍ରଶନ୍ନ ପାଳଙ୍କ ୧୬ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା ରାଜପୁର(ବାଘାବାଳୀ)ଛକଠାରେ ତାଙ୍କ ପ୍ରତିମୂର୍ତ୍ତି ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସ୍ମୃତିକମିଟିର ଟ୍ରଷ୍ଟି ତନ୍ମୟାନନ୍ଦ ପାଳ ଅଧ୍ୟକ୍ଷତା କରି ଉଦ୍ଦେଶ୍ୟ ଜ୍ଞାପନ ଓ ସ୍ମୃତିଚାରଣ କରିଥିଲେ । ଏଥିରେ ମୁଖ୍ୟ ଅତିଥିଭାବେ କବି କାଳିପଦ ପଣ୍ଡା ଯୋଗ ଦେଇ ଜଳେଶ୍ୱର ବାସୀ ସ୍ୱର୍ଗତ ପ୍ରଶନ୍ନ ପାଳଙ୍କ ସଂଗ୍ରାମୀ ଜୀବନ, ଉଚ୍ଚ ଶିକ୍ଷିତ ଏବଂ ବିଧାନସଭାରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରି ଆସୁଥିଲେ ମଧ୍ୟ ଉଚିତ୍ ସମ୍ମାନ ପ୍ରଦର୍ଶନ କରିନାହାନ୍ତି । ଜଳେଶ୍ୱରରେ ବହୁ ବ୍ୟକ୍ତି ସାଂସ୍କୃତିକ ଓ ସାମାଜିକ ସଂଗଠନ ଥିଲେ ମଧ୍ୟ ଲଗାତର ୧୮ବର୍ଷର ବିଧାୟକ ପ୍ରସନ୍ନପାଳଙ୍କୁ ପୂଜ୍ୟପୂଜାରେ ବ୍ୟତିକ୍ରମ କରିଥିବା ଶ୍ରୀ ପଣ୍ଡା କହିଛନ୍ତି । ଜଳେଶ୍ୱର, ବାଲିଆପାଳ ଅଂଚଳରୁ ୨ୟ ବିଧାୟକଭାବେ ନିର୍ବାଚିତ ହୋଇ ଶିକ୍ଷା ଅନୁଷ୍ଠାନ, ରାସ୍ତାଘାଟ, ପିଇବାପାଣି ସମସ୍ୟା ଦୂର, ସର୍ବୋପରି ଲୋକହିତକର କାର୍ଯ୍ୟ କରି ଆଜିବି ଅମର ରହିଛନ୍ତି । ମୁଖ୍ୟବକ୍ତାଭାବେ ଗବେଷକ ଡ. ଶ୍ରୀକାନ୍ତ ପାତ୍ର ଯୋଗ ଦେଇ ସ୍ୱର୍ଗତ ପାଳଙ୍କ ସ୍ମୃତିଚାରଣ କରି ଜଳେଶ୍ୱରର ନୂଆବାଜର ଓ ବଡବଜାରସ୍ଥିତ ହାଇସ୍କୁଲର ସେହି ଥିଲେ ବିଦ୍ଧାଣୀ ଓ ମୋଟରେ ୧୧ଟି ଉଚ୍ଚ ବିଦ୍ୟାଳୟ ସ୍ଥାପନ କରି ଶିକ୍ଷାର ପ୍ରଦୀପ ଜାଳିଥିଲେ । ଶିଖରପୋଲ ଲାଗି ସରକାରଙ୍କ ଠାରେ ଦାବିଉପସ୍ଥାପନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ସେ ଅଗ୍ରଗଣ୍ୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଶତ୍ରୁଘ୍ନ ରାଉଳ, ସୁଶାନ୍ତ ମହଲା, ଅଶୋକ ବେରା, ବିଷ୍ଣୁପ୍ରସାଦ ପାଳ, ଜଳଧର ଭଂଜ, ମହେଶ କୁମାର ପାଳ, ଅମ୍ରିତ ପାଳ, ବକ୍ତବ୍ୟ ରଖି ୧୬ଶହ ଶତାବ୍ଦୀର କବି ଦିନକୃଷ୍ଣ ଓ ସ୍ୱାଧିନତାପରେ ଜନନାୟକ ପ୍ରଶନ୍ନପାଳଙ୍କ ପ୍ରତିମୂର୍ତ୍ତି ତଥା ରାଇବଣିଆ ଦୁର୍ଗର ଅବିକଳ ପ୍ରାଚୀର ଜଳେଶ୍ୱର ରେଳ ଷ୍ଟେସନ ପ୍ରାଚୀର ପ୍ରତିଷ୍ଠା କରିବାକୁ ଦାବି କରିଥିଲେ ।

# ଡ୍ରେସକୁ ଚାହିଁ ବ୍ୟାଗ୍

**ସାଧାରଣତଃ ଆମେ ବିଭିନ୍ନ ସ୍ଥାନକୁ ଭିନ୍ନ ଭିନ୍ନ ଡ୍ରେସ୍ ପିନ୍ଧିବା ସହ ଡ୍ରେସ୍ ଅନୁଯାୟୀ ଷ୍ଟାଇଲିସ୍ ବ୍ୟାଗ୍ କ୍ୟାରି କରିଥାଉ । ଯୁଗ ବଦଳିବା ସହ ଲୋକମାନେ ନିଜ ଲାଇଫଷ୍ଟାଇଲରେ ମଧ୍ୟ ପରିବର୍ତ୍ତନ ଆଣିଲେଣି । ବର୍ତ୍ତମାନ ଟ୍ରେଣ୍ଡରେ ରହିଛି ହ୍ୟାଣ୍ଡବ୍ୟାଗ୍ । ଏବେ ମହିଳାଙ୍କ ମଧ୍ୟରେ ପୋଷାକ ପରି ହ୍ୟାଣ୍ଡବ୍ୟାଗର କ୍ରେଜ ଦେଖିବାକୁ ମିଳୁଛି । ଭିନ୍ନଭିନ୍ନ ପୋଷାକ ସହ ବିଭିନ୍ନ ବ୍ୟାଗ କ୍ୟାରି କରି ନିଜକୁ ଷ୍ଟାଇଲିସ୍ ଲୁକ୍ ଦେଉଛନ୍ତି ମହିଳାମାନେ । ଆସନ୍ତୁ ଜାଣିବା କେଉଁ ଡ୍ରେସ୍ ସହ କେଉଁ ବ୍ୟାଗ୍ କ୍ୟାରି କରାଯାଇପାରିବ ।**

### ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀ:

ଟ୍ରାଡିଶନାଲ ଲୁକ୍ ଯେପରି ଶାଢ଼ି କିମ୍ବା ଇଣ୍ଡୋୱେଷ୍ଟର୍ଣ୍ଣ ଆଉଟ୍‌ଫିଟ୍ ସହ ଆପଣ ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀ ବ୍ୟବହାର କରିପାରିବେ । ସାଧାରଣତଃ ମହିଳାମାନେ ଏହି ବ୍ୟାଗକୁ ଶାଢ଼ି ଏବଂ ଲେହେଙ୍ଗା ସହ କ୍ୟାରି କରୁଥିବା ଦେଖିବାକୁ ମିଳେ । ସିଲ୍କ ଶାଢ଼ି କିମ୍ବା ବନାରସୀ ଶାଢ଼ି ସହ ଗୋଲ୍ଡେନ୍ ପୋଟଲୀ ବ୍ୟାଗ କ୍ୟାରି କଲେ ଏହା ଆପଣଙ୍କୁ ରୟାଲ ଲୁକ୍ ଦେବ । ଗୋଲ୍ଡେନ୍ ଏବଂ ସିଲଭର ପୋଟଲୀର ବିଭିନ୍ନ ଡିଜାଇନ୍ ମାର୍କେଟରେ ଉପଲବ୍ଧ ।





### ମନିପର୍ସ:

ମନି ପର୍ସ ସାଧାରଣତଃ ୱେଷ୍ଟର୍ଣ୍ଣ ଆଉଟଫିଟ୍ ସହ କ୍ୟାରି କରାଯାଏ । ଏହି ବ୍ୟାଗକୁ କ୍ୟାରି କରିବା ସହଜ । ମହିଳାମାନେ ସାଧାରଣତଃ କଲେଜ ପାର୍ଟି, ଅଫିସ୍ ପାର୍ଟି ଏବଂ ଇଭେଣ୍ଟ ଶୋକୁ ୱାନ୍‌ପିସ୍ ସହ ମିନି ବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଉଛି । ମିନିବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଉଛି । ମିନି ବ୍ୟାଗ୍ କ୍ୟାରି କରୁଥିବା ଦେଖାଯାଉଛି । ମିନିବ୍ୟାଗ୍ କ୍ୟାରି କରିବା ଦ୍ୱାରା ଏହା ଖୁବ୍ ଷ୍ଟାଇଲିସ୍ ଏବଂ ଡିସେଣ୍ଟ ଲୁକ୍ ଦେଇଥାଏ । ଏହାଛଡ଼ା ଆପଣ ଚାହିଁଲେ ଏହି ବ୍ୟାଗକୁ ଉଭୟ ୱେଷ୍ଟର୍ଣ୍ଣ ଏବଂ ଇଣ୍ଡୋ ୱେଷ୍ଟର୍ଣ୍ଣ ଡ୍ରେସ୍ ସହ କ୍ୟାରି କରିପାରିବେ । ବଲିଉଡର ବିଭିନ୍ନ ଅଭିନେତ୍ରୀ ମିନିବ୍ୟାଗ୍ କ୍ୟାରି କରୁଥିବାର ଦେଖିବାକୁ ମିଳିଥାଏ ।

### କ୍ଲଚ ବ୍ୟାଗ୍:

ମହିଳାମାନେ ସବୁବେଳେ ଷ୍ଟାଇଲିସ୍ ରହିବାକୁ ପସନ୍ଦ କରିଥାନ୍ତି । ସେଥିପାଇଁ ସେମାନେ ସବୁବେଳେ ଟ୍ରେଣ୍ଡକୁ ଫଲୋ କରିଥାନ୍ତି । ଯେହେତୁ ବର୍ତ୍ତମାନ ବିବାହ ଋତୁ ଚାଲିଛି ସେଥିପାଇଁ ମହିଳାମାନେ ନିଜ ଷ୍ଟାଇଲିସ୍ ଲୁକ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଲେଣି । ତେବେ ପ୍ରତ୍ୟେକ ମହିଳାଙ୍କ ପାଖରେ କ୍ଲଚ୍ ବ୍ୟାଗ୍ ରହିବା ଆବଶ୍ୟକ, କାରଣ ଏହି ବ୍ୟାଗ୍ ପ୍ରତି ୱେଡିଙ୍ଗ ଆଉଟଫିଟ୍ ସହ ମ୍ୟାଚ୍ କରିଥାଏ ଯେପରି ଲେହେଙ୍ଗା, ଶାଢ଼ି, ଗାଉନ୍ ଆଦି । ଏହାଛଡ଼ା କଲଚ୍ ବ୍ୟାଗ୍ ୱେଷ୍ଟର୍ଣ୍ଣ ଡ୍ରେସ୍ ସହ ମଧ୍ୟ ଆପଣ କ୍ୟାରି କରିପାରିବେ ।



# ଦୁଗ୍ଧସାଗର ଜଳପ୍ରପାତ



ଗୋଆର ଦୁଧ୍‌ସାଗର ଜଳପ୍ରପାତ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର । ଜଳପ୍ରପାତକୁ ଦେଖିବାକୁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହେ । ଜଳପ୍ରପାତର ନାମକରଣକୁ ନେଇ ଏକ ଐତିହାସିକ ତଥ୍ୟ ରହିଛି । ପୂର୍ବେ ଏଠାରେ ଜଣେ ସୁନ୍ଦରୀ ରାଜକୁମାରୀ ରହୁଥିଲେ । ପ୍ରତିଦିନ ହ୍ରଦରେ ସ୍ନାନ କରିବାବେଳେ ସେ ସୁନା ଢ଼ାଳରେ କ୍ଷୀର ପିଉଥିଲେ । ଥରେ ସେ ସ୍ନାନ କରୁଥିବା ସମୟରେ ଗଛ ଆଢୁଆଳରୁ ଲୁଚି କେହି ଜଣେ ରାଜକୁମାର ଦେଖୁଥିଲେ । ଲାଜରେ ରାଜକୁମାରୀ ସେଠାରେ ଢ଼ାଳରୁ କ୍ଷୀର ଢ଼ାଳି ଦେଲେ । ଏହା ଦେଖି ସଖୀମାନେ ଲଜ୍ଜା ନିବାରଣ ପାଇଁ ରାଜକୁମାରୀଙ୍କୁ ବସ୍ତ୍ର ପିନ୍ଧାଇଲେ । ସେହିଦିନରୁ ରାଜକୁମାରୀଙ୍କ ସମ୍ମାନାର୍ଥେ ପ୍ରବାହିତ ଜଳପ୍ରପାତର ନାମ ଦୁଧ୍‌ସାଗରର ରଖାଯାଇଛି । ଏହାର ଜଳରାଶି ଦୁଗ୍ଧ ଭଳି ସ୍ୱଚ୍ଛ ଓ ନିର୍ମଳ । ଏଠାକୁ ଆସିଲେ ଜଳପ୍ରପାତ ମନୋରମ ସୌନ୍ଦର୍ଯ୍ୟ ସହ ଭଗୱାନ୍ ମହାବୀର ଅଭୟାରଣ୍ୟ ଦେଖି ପାରିବେ । ରଙ୍ଗବେରଙ୍ଗର ପଶୁ, ପକ୍ଷୀ, ସରୀସୃପ, ଉଦ୍ୟାନ ରହିଛି । ଟ୍ରେକିଂ ପାଇଁ ମଧ୍ୟ ଦୁଧ୍‌ସାଗର ପର୍ଯ୍ୟଟନସ୍ଥଳୀ ଭାବେ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି । ଭାରତର ବୃହତ୍ ଜଳପ୍ରପାତ ମଧ୍ୟରେ ଏହା ଷଷ୍ଠ ସ୍ଥାନ ଅଧିକାର କରିଛି । ବର୍ଷର ଯେକୌଣସି ସମୟରେ ଏ ସ୍ଥାନର ମଜା ଆପଣ ଉଠାଇ ପାରିବେ । ପାଣାଜିଠୁ ସଡ଼କପଥରେ ୬୦ କି.ମି. ଓ ମାଡ୍‌ଗାଓଁରୁ ଟ୍ରେନ୍‌ରେ ଗଲେ ୪୬ କି.ମି. ଦୂରରେ ଦୁଧ୍‌ସାଗର ଅବସ୍ଥିତ ।

# ବିଟ୍‌ର ଉପକାରୀ ଗୁଣ





ବିଟ୍ ଶରୀରର ଶକ୍ତି ବୃଦ୍ଧି କରିବା ସହ ମାଂସପେଶୀ ଶକ୍ତ କରିଥାଏ । ଏଥିରେ ଭିଟାମିନ-ସି, ଭିଟାମିନ-ଏ ଓ ଭିଟାମିନ-ବି ୬ ସାଙ୍ଗକୁ ଫୋଲିକ୍ ଏସିଡ୍, ଜିଙ୍କ୍, ପ୍ରୋଟିନ୍, କାର୍ବୋହାଇଡେଟ୍, ଫ୍ୟାଟ୍, ଫାଇବର୍, ସୋଡ଼ିୟମ୍, ପୋଟାସିୟମ୍, ମାଗ୍ନେସିୟମ୍ ଓ ଆଇରନ୍ ଆଦି ଭରପୁର ମାତ୍ରାରେ ରହିଛି । ତିନୋଟି ଛୋଟ ବିଟ୍ ୫ ଭାଗ ଫଳ ଓ ପରିବା ସହିତ ସମାନ ହୋଇଥାଏ । ତେଣୁ ବିଟ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ବିଟ୍‌ରେ ନାଇଟ୍ରିକ୍ ଅକ୍ସାଇଡ୍‌ର ମାତ୍ରା ଅଧିକ ରହିଛି । ତେଣୁ ପ୍ରତ୍ୟେକ ଦିନ ୨୫୦ ମି.ଲି. ବିଟ୍ ଜୁସ୍ କିମ୍ବା ଫାଳେ ବିଟ୍ ଖାଇବା ଦ୍ୱାରା ରକ୍ତଚାପର ଆଶଙ୍କା କମିଥାଏ । ରକ୍ତଚାପ ଦ୍ୱାରା ହେଉଥିବା ଅନ୍ୟ ରୋଗକୁ ପ୍ରତିରୋଦ କରିଥାଏ ବିଟ୍ । ବିଟ୍ ହୃଦ୍‌ରୋଗକୁ ମଧ୍ୟ ରୋକିଥାଏ । ବିଟ୍‌ରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଓ ଫାଇବର୍ କୋଲେଷ୍ଟେରୋଲ୍ କମ୍ କରିଥାଏ । ଏହାଛଡ଼ା ଏଥିରେ ଥିବା କାରୋଟିନୋଏଡ୍ ଓ ଫ୍ଲାଭନୋଏଡ୍ ଖରାପ କୋଲେଷ୍ଟ୍ରୋଲ୍‌କୁ ନଷ୍ଟ କରିଦିଏ । ବିଟ୍‌ରେ ରହିଛି ପର୍ଚୁର ମାତ୍ରାରେ ଫୋଲିକ୍ ଏସିଡ୍, ଯାହା ଶରୀରର ଟିସ୍ୟୁ ବିକାଶରେ ସହାୟକ ହୋଇଥାଏ । ଗର୍ଭାବସ୍ଥାର ପ୍ରଥମ ତିନି ମାସରେ ଶିଶୁର ମେରୁଦଣ୍ଡ ବିକାଶ ପାଇଁ ଏହି ଫୋଲିକ୍ ଏସିଡ୍ ଉପକାରୀ ହୋଇଥାଏ । ଏହାଛଡ଼ା ବିଟ୍‌ରେ ଆଇରନ୍‌ର ପରିମାଣ ଅଧିକ ଥିବାରୁ ଗର୍ଭାବସ୍ଥାରେ ମହିଳାଙ୍କୁ ଥକ୍କାପଣରୁ ମୁକ୍ତି ଦେଇଥାଏ । ଏଥିରେ ସିଲିକା ରହିଛି । ଏହା ମାଂସପେଶୀ ଓ ହାଡରେ କ୍ୟାଲସିୟମ୍‌କୁ ଠିକ୍ ଭାବେ ଉପଯୋଗ କରିବାରେ ସାହାଯ୍ୟ କରିଥାଏ । ଫଳରେ ଅଷ୍ଟିଓପୋରୋସିସ୍‌ର ଆଶଙ୍କା କମ୍ ହୋଇଯାଏ । ସାଧାରଣତଃ ବିଟ୍‌ରେ ଫ୍ୟାଟ୍ ନଥାଏ । ଏହା ସହିତ ଏଥିରେ କ୍ୟାଲୋରୀ ମଧ୍ୟ କମ୍ । ତେଣୁ ଶରୀରରେ ସୁଗାର୍‌ର ପରିମାଣକୁ ନିୟନ୍ତ୍ରଣ କରିବାରେ ଏହା ବେଶ୍ ସହାୟକ ହୋଇଥାଏ । ବିଟ୍‌ରେ ପ୍ରଚୁର ପରିମାଣର ଆଇରନ୍ ଥିବାରୁ ଏହା ରକ୍ତହୀନତା ଓ ଥକ୍କାପଣ ଦୂର କରେ । ବିଟ୍‌ରେ ଥିବା ଫୋଲିକ୍ ଏସିଡ୍ ସହିତ ନାଇଟ୍ରିକ୍ ଅକ୍ସାଇଡ୍ ଡିମେନ୍‌ସିଆ କମ୍ କରିବାରେ ସହାୟକ ହୋଇଥାଏ । ଅଧିକ ବିଟ୍ ସେବନରେ ରହିଛି ବିପଦ: ବିଟ୍ ଅଧିକ ଖାଇବା ଦ୍ୱାରା ମଳ ଓ ପରିସ୍ରା ଲାଲ୍‌ରଙ୍ଗର ହୋଇଥାଏ । ଏହାଛଡ଼ା ଅତ୍ୟଧିକ ବିଟ୍ ଖାଇବା ଦ୍ୱାରା ଶରୀରରେ ଫାଇବର୍‌ର ମାତ୍ରା ମଧ୍ୟ ବୃଦ୍ଧି ପାଇଥାଏ । ଫଳରେ ଗ୍ୟାସ୍ ଓ ଡାଇରିଆ ହୋଇଥାଏ । ଗୋଟିଏ କପ୍ ବିଟ୍‌ରେ ୧୪ ଗ୍ରାମ୍ ସୁଗାର ରହିଥାଏ । ତେଣୁ ରକ୍ତରେ ଶର୍କରା ପରିମାଣ ଅଧିକ ନ ହେବା ପାଇଁ ବିଟ୍‌ର ପରିମାଣ ପ୍ରତି ସଚେତନ ରହିବା ଆବଶ୍ୟକ ।

# ପୋଥି-ବିଦ୍ୟା



ଏକଦା ଗୁରୁକୁଳରେ ଶିକ୍ଷାଲାଭ କରୁଥିଲେ ଚାରି ବନ୍ଧୁ । ଶାସ୍ତ୍ର ପଠନ ଶେଷ କରି ସେମାନେ ଉପାର୍ଜନ ପାଇଁ ହରକୁ ବାହାରିଲେ । ସେମାନଙ୍କ ଜ୍ଞାନ ଥିଲା ପୋଥି-ସର୍ବସ୍ୱ । ସହରକୁ ଯାଇଥିବା ବାଟ ଜଣା ନ ଥିଲା । ସେମାନେ ଅଗ୍ରସର ହେଉଥିବା ପଥ ଗୋଟିଏ ସ୍ଥାନରେ ଦୁଇ ଆଡକୁ ଯାଇଥିବା ଦେଖି ଅଟକିଗଲେ । ଠିକ୍ ସେହି ସମୟରେ ଚାରି ଜଣ ଲୋକ କୋକେଇରେ ଶବ କାନ୍ଧେଇ ସେଠାରେ ପହଞ୍ଚିଲେ । ସେମାନଙ୍କ ପଛରେ ଥିଲେ ସମ୍ମାନସ୍ୱଦ ଦିଶୁଥିବା ଦଳେ ଲୋକ । ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କ ଶବ ଶ୍ମଶାନକୁ ନିଆଯାଉଥିଲା । ଚାରି ବନ୍ଧୁ ଚାହିଁଥିଲେ ସହରକୁ ପଡିଥିବା ପଥ ପଚାରି ବୁଝିପାରିଥାଆନ୍ତେ । ତେବେ ସେମାନେ ତାହା ନ କରି ପୋଥି-ବିଦ୍ୟା ପ୍ରୟୋଗ କରି ବାଟ ବାଛିବାକୁ ନିଷ୍ପତ୍ତି ନେଲେ । ଜଣେ କହିଲା, 'ବିଶିଷ୍ଟ ଲୋକେ ଯାଉଥିବା ପଥରେ ଯିବା ଶ୍ରେୟସ୍କର ।' ପରିଣାମ ସ୍ୱରୂପ ପହଞ୍ଚିଗଲେ ଶ୍ମଶାନରେ । ଶ୍ମଶାନରେ ଲୋକେ ଶବଦାହ କାମରେ ଲାଗିଲେ । ଚାରି ବନ୍ଧୁଙ୍କ ପ୍ରତି କେହି ଧ୍ୟାନ ଦେଲେ ନାହିଁ । ହଠାତ୍ କେଉଁଠୁ ଗଧଟିଏ ଆସି ସେମାନଙ୍କ ନିକଟରେ ପହଞ୍ଚିଲା । ଜଣେ ବନ୍ଧୁ କହିଲା, 'ଯିଏ ସୁଖଦୁଃଖରେ ପାଖରେ ଥାଏ, ସେ ପ୍ରକୃତ ବନ୍ଧୁ ।' ତହୁଁ ଚାରି ବନ୍ଧୁ ଗଧକୁ ଆଉଁସି ପକାଇଲେ । ଗଧ ଚାଲିବାରୁ ତା' ପଛରେ ଚାଲିଲେ । ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିଲା ଓଟଟିଏ । ଓଟକୁ ଦେଖି ଆଉ ଜଣେ କହିଲା, 'ଜୋର୍‌ରେ ଆସୁଥିବା ପ୍ରାଣୀ ନୀତିବାନ୍' ଶେଷ ଜଣକ କହିଲା, 'ନୀତିବାନ୍‌ଙ୍କ ମାର୍ଗରେ ବନ୍ଧୁଙ୍କୁ ନେବା ବୁଦ୍ଧିମାନ୍‌ର କର୍ତ୍ତବ୍ୟ' । ଚାରି ବନ୍ଧୁ ଏଥର ବଳପୂର୍ବକ ଓଟକୁ ଅଟକାଇ ତା' ସହ ଗଧକୁ ବାନ୍ଧିଦେଲେ । ଦୁଇ ପ୍ରାଣୀଙ୍କର ବନ୍ଧନ ଅଭ୍ୟାସ ନ ଥିଲା । ଦୁହେଁ ଚିତ୍କାର କଲେ । ଦୁହିଁଙ୍କର ମାଲିକ ଘଟଣା ସ୍ଥଳୀରେ ପହଞ୍ଚିବ, ସେମାନଙ୍କ ପୋଷା ପ୍ରାଣୀଙ୍କୁ ଚୋର ନେଇଯାଉଥିବା ଭାବି ମାଡ଼ ଚଢ଼ାଇଲେ । ଚାରି ବନ୍ଧୁଙ୍କୁ ଜୀବନ ବଞ୍ଚାଇ ଦୌଡିବାକୁ ପଡିଲା ।

## ସ୍ୱାସ୍ଥ୍ୟବାନ ରହିବା ପାଇଁ କିଛି ଟିପ୍ସ

ସ୍ୱାସ୍ଥ୍ୟବାନ ହେବା ସମସ୍ତଙ୍କ ଇଚ୍ଛା । ଆସନ୍ତୁ ନିଜକୁ ସ୍ୱାସ୍ଥ୍ୟବାନ ରଖିବା ପାଇଁ ଟିପ୍ସ ଆପଣେଇବା । ବୟସ ଅନୁସାରେ ଅନ୍ନ ସେବନ କରନ୍ତୁ । ସକାଳ ଜଳଖିଆ ନିଶ୍ଚିତ ଖାଆନ୍ତୁ । ଟିଭି ଦେଖିବା ସମୟରେ ଏବଂ ପଢ଼ିବା ସମୟରେ ଭୋଜନ କରନ୍ତୁ ନାହିଁ କିମ୍ବା କଥାବର୍ତ୍ତା ହୋଇ ଭୋଜନ କରନ୍ତୁ ନାହିଁ । ରୋଗ ହୋଇଥିଲେ ଭୋଜନରେ ସଂଯମତା ରଖନ୍ତୁ । ଲମ୍ବା ଆୟୁ ପାଇବା ପାଇଁ ହେଲେ ଯେତେ ଭୋଗ କରୁଥିଲେ ମଧ୍ୟ ଅଳ୍ପ ଭୋଜନ କରନ୍ତୁ । ଏକ ସମୟରେ ଅଧିକ ଭୋଜନ କରନ୍ତୁ ନାହିଁ । ଦିନକୁ ତିନି ଥର ଭୋଜନ କରନ୍ତୁ ଏବଂ ଦୁଇ ଥର ହାଲ୍‌କା ଜଳଖିଆ କରନ୍ତୁ । ସକାଳୁ ଓ ରାତ୍ରି ଭୋଜନରେ ବିଭିନ୍ନତା ରଖନ୍ତୁ । ବାସି ଖାଦ୍ୟ ଖାଆନ୍ତୁ ନାହିଁ । ଅଳ୍ପ ଖାଆନ୍ତୁ ମାତ୍ର ତାଜା ଖାଦ୍ୟପଦାର୍ଥ ଖାଆନ୍ତୁ ।

# ଔଷଧ ଖାଇବା ପୂର୍ବରୁ କେତେକ ସାବଧାନତା ଅବଲମ୍ବନ କରନ୍ତୁ





ଆଜିକାଲି ପ୍ରାୟ ସମସ୍ତେ କୌଣସି ରୋଗରେ ପୀଡିତ ଏବଂ ବିଭିନ୍ନ ପ୍ରକାର ରୋଗରୁ ରକ୍ଷା ପାଇବା ପାଇଁ ଆମେ ବିଭିନ୍ନ ପ୍ରକାର ଔଷଧ ବ୍ୟବହାର କରିଥାଉ । ଦେଖିବାକୁ ମିଳେ ଯେ ବ୍ୟକ୍ତି ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ଖାଇଦିଅନ୍ତି ଏବଂ ବିଭିନ୍ନ ରୋଗରେ ପୀଡିତ ହୁଅନ୍ତି । ଯେତେବେଳେ ତାଙ୍କୁ ହୋଶ ଆସେ ସେତେବେଳକୁ ବହୁତ ଡେରି ହୋଇଯାଇଥାଏ । ଆମେ ଏପରି କାହିଁକି କରିବା ଯେ ଗୋଟିଏ ରୋଗକୁ ଭଲ କରିବାକୁ ଯାଇ ଅନ୍ୟ ରୋଗର ବଶବର୍ତ୍ତୀ ହେବା । ଔଷଧ ଖାଇବା ପୂର୍ବରୁ କେତେକ ବିଷୟ ପ୍ରତି ଧ୍ୟାନ ଦିଆଯାଇଥାଏ । ନିଜ ଇଚ୍ଛାରେ ଔଷଧ ସେବନ କରନ୍ତୁ ନାହିଁ । ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ । ଡାକ୍ତରଙ୍କ ପରାମର୍ଶ ପାଳନ କରନ୍ତୁ । ଯେତେବେଳେ ଔଷଧ ଖାଇବାକୁ କହିବେ ସେତେଥର ସେତେବେଳେ ଔଷଧ ଖାଆନ୍ତୁ । ଯଦି ଆପଣ ଅନୁଭବ କରନ୍ତି ଯେ ଡାକ୍ତରଙ୍କ ଔଷଧର କିଛି ଖରାପ ପ୍ରଭାବ ଶରୀର ଉପରେ ପଡୁଛି ତାହାହେଲେ ସଂଗେ ସଂଗେ ଡାକ୍ତରଙ୍କ ପାଖକୁ ଯାଆନ୍ତୁ ଏବଂ ତାଙ୍କୁ ସବୁ ସମସ୍ୟା କୁହନ୍ତୁ । ଘରେ ଯଦି କେହି ଗର୍ଭବତୀ ମହିଳା ଥାଆନ୍ତି ତାହାହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ଦିଅନ୍ତୁ ନାହିଁ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସଠିକ୍ ମାତ୍ରାରେ ଖାଆନ୍ତୁ ନିଜ ମନ ମୁତାବକ କମ୍ ବା ବେଶୀ କରନ୍ତୁ ନାହିଁ । ପିଲାମାନଙ୍କୁ ଔଷଧ ରଖିବା ସ୍ଥାନ ଠାରୁ ଦୂରେଇ ରଖନ୍ତୁ । ଆପଣ ଶରୀର ଠିକ୍ ହୋଇଗଲେ ମଧ୍ୟ ଔଷଧ ସେବନ ଛାଡନ୍ତୁ ନାହିଁ । କାରଣ ଡାକ୍ତର ଏକ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଖାଇବାକୁ ପରାମର୍ଶ ଦିଅନ୍ତି । ତେଣୁ ସେହି ସମୟ ପର୍ଯ୍ୟନ୍ତ ଔଷଧ ଖାଆନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଔଷଧ ସବୁବେଳେ ଭଲ ଷ୍ଟୋରରୁ ଏବଂ ଏକ୍ସପାରି ଡେଟ ଦେଖି କିଣନ୍ତୁ । ଔଷଧକୁ ପରିଷ୍କାର ହାତରେ ଧରି ଖାଆନ୍ତୁ ।

# ଟୁଥ୍‌ବ୍ରଶ୍‌ରେ ଜୀବାଣୁ





ପ୍ରତିଦିନ ସକାଳୁ ଆମେ ବିଛଣା ଛାଡିବା ପରେ ଟୁଥ୍‌ବ୍ରଶ୍ ଦରିଥାଉ । ଏହି ବ୍ରଶ୍‌ରେ ଦାନ୍ତ ସଫା କରୁ । ହେଲେ କେବେ ଭାବିନଥାଉ ଯେ ଏହି ବ୍ରଶ୍‌ରେ କେତେ ଜୀବାଣୁ ଥାଏ; ଯାହା ଆମକୁ ରୋଗାକାନ୍ତ କରାଏ । ଆସନ୍ତୁ ଜାଣିବା ଟୁଥ୍‌ବ୍ରଶ୍‌ର ଜୀବାଣୁ କିପରି ଆମ ଶରୀରକୁ ପ୍ରବେଶ କରେ ।

ଲଣ୍ଡନ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାପଡିଛି ଯେ ଟୁଥ୍‌ବ୍ରଶରେ ହିଁ ଅସଂଖ୍ୟ ଜୀବାଣୁ ଭରି ରହିଥାଏ । ଗୋଟିଏ ଖୋଲା ବ୍ରଶ୍‌ରେ ୧୦୦୦ଲକ୍ଷରୁ ଅଧିକ ଜୀବାଣୁ ଥାଏ । ଏଥିରେ ଦୁଇ ପ୍ରକାର ଜୀବାଣୁ ଦେଖାଯାଏ । ପ୍ରଥମଟି ଇ.କୋଲି ଜୀବାଣୁ, ଯାହାଦ୍ୱାରା ଡାଇରିଆ ହୋଇଥାଏ । ଦ୍ୱିତୀୟଟି ଷ୍ଟାଫିଲୋକସି ଜୀବାଣୁ, ଯାହା ଦ୍ୱାରା ଚର୍ମ ସଂକ୍ରମଣ ହୋଇଥାଏ ।

ପାଟିରେ ୧୦୦ରୁ ଊର୍ଦ୍ଧ୍ୱ ସୂକ୍ଷ୍ମ ଜୀବ ଥାଆନ୍ତି । ବାହାରର ଅସୁସ୍ଥ ଜୀବାଣୁ ଏହି ସୂକ୍ଷ୍ମଜୀବର ସଂସ୍ପର୍ଶରେ ଆସିଲେ ରୋଗ ସୃଷ୍ଟି ହୋଇଥାଏ । ବ୍ରଶ୍‌ରେ ଥିବା ଜୀବାଣୁ ଦାନ୍ତ ମୂଳ ମାଢ଼ି ଓ ଦାନ୍ତ ସନ୍ଧିରେ ରହିଥାଏ । ଏହା ବଢ଼ି ବଂଶବିସ୍ତାର ମଧ୍ୟ କରିଥାଏ । ରୋଗପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତିଠାରେ ଏହା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ । ପାଟିରେ ନିଜ ଟୁଥ୍‌ବ୍ରଶ୍ ମାଧ୍ୟମରେ ଅନେକ ଜୀବାଣୁ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ । ତେବେ ଏହି ସମସ୍ୟା ତଥା ଟୁଥ୍‌ବ୍ରଶ୍‌କୁ କିପରି ଜୀବାଣୁ ମୁକ୍ତ କରିପାରିବା ଆସନ୍ତୁ ଜାଣିବା ।

ଶୌଚାଳୟ ପାଖରୁ ଟୁଥ୍‌ବ୍ରଶ୍‌କୁ ଦୂରେଇ ରଖନ୍ତୁ: ପ୍ରାୟତଃ ବାଥ୍‌ରୁମ୍ ଛୋଟ ଥାଏ । ଅନେକଙ୍କ ଘରେ ବାଥ୍‌ରୁମ୍‌କୁ ଲାଗି ଟଏଲେଟ୍ ଥାଏ । ପ୍ରାୟ କେତେକ ଏହି ଟଏଲେଟ୍ ପାଖରେ ଟୁଥ୍‌ବ୍ରଶ୍ ରଖିଥାନ୍ତି । ଟଏଲେଟ୍ ପ୍ୟାନ୍‌ରୁ ଜୀବାଣୁ ପବନରେ ଉଡିବୁଲେ । ତେଣୁ ଯଥା ସମ୍ଭବ ଟୁଥ୍‌ବ୍ରଶକୁ ଟଏଲେଟ୍‌ଠୁ ଦୂରେଇ ରଖନ୍ତୁ ।

ଟୁଥ୍ ବ୍ରଶ ହୋଲଡର: ଟୁଥ୍ ବ୍ରଶ ହୋଲ୍ଡର ଟଏଲେଟ୍ ପାଖରେ ହିଁ ରହିଥାଏ । ଟଏଲେଟ୍‌ର ପ୍ୟାନ୍‌ରୁ ଜଳ ନିର୍ଗତ ହେଲାପରେ ଜୀବାଣୁ ବାୟୁରେ ଉଡିବୁଲେ । ବାଥ୍‌ରୁମ୍ ସଫା କରିବା ସମୟରେ ମଧ୍ୟ ଜୀବାଣୁ ଆପଣଙ୍କ ଟୁଥ୍‌ବ୍ରଶ ସଂସ୍ପର୍ଶରେ ଆସେ । ଟୁଥ୍ ବ୍ରଶ୍ ହୋଲ୍ଡରକୁ ଟଏଲେଟ ପାଖରୁ ଦୂରେଇ ରଖିବା ଉଚିତ୍ । ବାସ୍ତବରେ ଟୁଥ୍‌ବ୍ରଶ୍ ହୋଲ୍ଡର ଘରର ତୃତୀୟ ମଇଳା ଜିନିଷରେ ଗଣା ହେଉଛି ।

ଟୁଥ୍ ବ୍ରଶକୁ ଫୋପାଡନ୍ତୁ: ଆମେରିକାର ଡେଣ୍ଟାଲ ଆସୋସିଏସନ୍ ଅନୁଯାୟୀ ପ୍ରତି ୩- ୪ ମାସରେ ବ୍ରଶକୁ ପରିବର୍ତ୍ତନ କରନ୍ତୁ । ଯଦି ବ୍ରଶ୍ ଘସି ହୋଇ ନଷ୍ଟ ହୋଇଯାଇଥାଏ, ତେବେ ଏହାଦ୍ୱାରା ଆପଣ ଅସୁସ୍ଥ ହୋଇ ପାରନ୍ତି । ଏହାଦ୍ୱାରା ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ ହୋଇ ପଡେ । ଯଦି ଆପଣ ଇଲେକ୍ଟ୍ରୋନିକ୍ସ ଟୁଥ୍‌ବ୍ରଶ୍ ବ୍ୟବହାର କରୁଥାନ୍ତି, ତେବେ ଖରାପ ହୋଇଗଲା ପରେ ଟୁଥ୍‌ବ୍ରଶ୍‌ର ମୁଣ୍ଡକୁ ଫିଙ୍ଗି ଦିଅନ୍ତୁ ।

ପାଟିର ଯତ୍ନ: ପ୍ରତ୍ୟେକ ସମୟରେ ବ୍ରଶ୍ ଏବଂ ଫ୍ଲସ୍ ଦ୍ୱାରା ଦାନ୍ତକୁ ସଫା କରିବା ଆବଶ୍ୟକ । ଦାନ୍ତରେ କେତେ ଜୀବାଣୁ ଲୁଚି ରହିଥାନ୍ତି । ଏହି ଜୀବାଣୁକୁ ମୁକ୍ତ କରିବା ପାଇଁ ବ୍ରଶ କରିବା ପୂର୍ବରୁ ଜୀବାଣୁରୋଧି ମାଉଥ୍ ୱାସ୍ ଦ୍ୱାରା ପାଟି ସଫା କରନ୍ତୁ । ଏହାପରେ ବ୍ରଶ କରିବା ଆବଶ୍ୟକ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୭ ଡିସେମ୍ବର ୨୦୨୧, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବାୟୁ ପ୍ରଦୂଷଣ...

ବେଶ୍ କିଛି ବର୍ଷ ହେବ ଶ୍ୱାସକ୍ରିୟା ସମ୍ପାଦନ କରିବା ପ୍ରଶ୍ୱାସ ନେବା ଓ ନିଶ୍ୱାସ ଛାଡ଼ିବା- ସ୍ୱାସ୍ଥ୍ୟ ପାଇ ହାନିକାରକ ସାବ୍ୟସ୍ତ ହୋଇ ଆସୁଛି । ଏହି ସମସ୍ୟା ବେଶୀ ବୃଦ୍ଧି ପାଉଛି ଶୀତ ଋତୁରେ ଏବଂ ଏହା ହେଉଛି ବାୟୁ ପ୍ରଦୂଷଣ ଯୋଗୁଁ । ନିକଟରେ ପ୍ରକାଶିତ ଦୁଇଗୋଟି ଅଧ୍ୟୟନ ଭାରତରେ ବାୟୁ ପ୍ରଦୂଷଣର ଦୁଇଗୁଣା ବୋଝକୁ ଭିନ୍ନ ଭିନ୍ନ ଉପାୟରେ ଚିହ୍ନଟ କରିଛନ୍ତି । ସିଏଆଇଆର ଏବଂ ନ୍ୟାସନାଲ ଏଭିରମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ଗବେଷକମାନଙ୍କ ଦ୍ୱାରା ପ୍ରକାଶିତ ଏକ । ଏହି ଅଧ୍ୟୟନ ବାୟୁର ସାଧାରଣ ମାନକ ବଜାୟ ରଖିବାରେ ବିଫଳ ହେଉଥିବା ୩୧ଟି ସହର ଓ ମେଟ୍ରୋପଲିଟାନ୍ତି କେନ୍ଦ୍ରଗୁଡ଼ିକରେ ଘଟୁଥିବା ଏହି ଅପମୃତ୍ୟୁର ଅର୍ଥନୀତିକ ବୋଝକୁ ହିସାବକୁ । ନେଇଥିଲା ଏବଂ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲା ଯେ ୨୦୧୭ରେ କେବଳ ଏହି କାରଣରୁ ଦେଶକୁ ୯୦ ବିଲିଅନ୍ ଡଲାର ପରିମାଣର ଅର୍ଥ ରାଶିର କ୍ଷତି ସହିବାକୁ ପଡ଼ିଥିଲା । ଆଉ ଏହି ପରିମାଣର ଅର୍ଥ ରାଶି ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩.୪ ପ୍ରତିଶତ । ଏହି ବର୍ଗର ସହରମାନଙ୍କ ମଧ୍ୟରେ ଯେଉଁଗୁଡ଼ିକ ଆସୁଛନ୍ତି, ସେମାନଙ୍କ ତାଲିକାରେ ଦିଲ୍ଲୀ ସର୍ବାଗ୍ରେ ରହିଥିବା ବେଳେ ପଛକୁ ପଛ ରହିଛନ୍ତି ମୁମ୍ବାଇ, ହାଇଦ୍ରାବାଦ ଏବଂ କୋଲକାତା । ଉଲ୍ଲେଖନୀୟ କଥା ହେଉଛି- ବଡ଼ ବଡ଼ ସହରମାନଙ୍କରେ ବାୟୁ ପ୍ରଦୂଷଣର ଖରାପ ପ୍ରଭାବଗୁଡ଼ିକ ଉପରେ ଅସମାନୁପାତିକ ଗୁରୁତ୍ର ଚିନ୍ତାଜନକ ପ୍ରସଙ୍ଗର ମାତ୍ର ଗୋଟିଏ ଅଂଶକୁ ବୟାନ କରୁଛି । ସେଣ୍ଟର ଫର ସାଇନ୍ସ ଆଣ୍ଡ ଏଭିରମେଣ୍ଟ୍ ଦ୍ୱାରା କରାଯାଇଥିବା ଏକ ନୂତନ ବିଶ୍ଳେଷଣ, ଯାହା ପ୍ରକାଶିତ ଅନ୍ୟ ଅଧ୍ୟୟନଟି ସହିତ ମେଳ ଖାଇ ଯାଉଛି, ସେଥିରୁ ଜଣାପଡ଼ିଛି ଯେ ସମଗ୍ର ଉତ୍ତର ଭାରତ ଶୀତ ଋତୁରେ ସ୍ମଗ୍ ଅର୍ଥାତ୍ କୁହୁଡ଼ି ସହିତ ଧୂଆଁର ମିଶ୍ରଣକୁ ଭୋଗ କରୁଥିବା ବେଳେ ଅନ୍ୟ ଭାବରେ ପରିଷ୍କାର କୁହାଯାଉଥିବା ଛୋଟ ଛୋଟ ସହରଗୁଡ଼ିକ ଦିଲ୍ଲୀଜାତୀୟ ରାଜଧାନୀ ଅଞ୍ଚଳ (ଏସିଆର)ରେ ବଜାୟ ରହୁଥିବା ପ୍ରଦୂଷଣର ସ୍ତର ସହିତ ହୁଏତ ସମାନ ରହୁଛି, ନଚେତ୍ ଅଧିକ ରହୁଛି । ଏହି ଅଧ୍ୟୟନ ସିଦ୍ଧାନ୍ତରେ ଉପନୀତ ହୋଇଥିଲା ଯେ ଶୀତ ଋତୁରେ ଦିଲ୍ଲୀର ହାରାହାରି ପିଏମ୍୨.୫ ଜମାଟ ବାନ୍ଧି ରହିବାର ସ୍ତର ଜାତୀୟ ନିରାପଦ ମାନକଠାରୁ ହାରାହାରି ୪.୫ ଗୁଣ ଅଧିକ ହୋଇଥିବା ବେଳେ ଆଗ୍ରା, ବୃନ୍ଦାବନ ଏବଂ ଫିରୋଜାବାଦ ଭଳି ସହରଗୁଡ଼ିକରେ ଅବସ୍ଥା ଏହାଠୁ ଆହୁରି ଖରାପ ଥିଲା । ଦିଲ୍ଲୀ ଏସିଆରରେ ତ ପିଏମ୍୨.୫ର ସ୍ଥିତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଅନୁମୋଦିତ ସୀମାଠାରୁ ୧୪ ଗୁଣ ଅଧିକ। ଏୟାର ଭିଜୁଆଲର ୨୦୧୯ ମସିହାର ବିଶ୍ୱ ବାୟୁର ମାନ ରିପୋର୍ଟ ଅନୁସାରେ ବିଶ୍ୱର ଯେଉଁ ୩୦ଟି ସହରର ସ୍ଥିତି ବାୟୁ ପ୍ରଦୂଷଣ ଦୃଷ୍ଟିରୁ ଅତ୍ୟନ୍ତ ଖରାପ, ସେଥି ମଧ୍ୟରୁ ୨୧ଟି ଭାରତରେ ଅବସ୍ଥିତ ଏବଂ ଏହି ତାଲିକାରେ ଭାରତର ଛଅଗୋଟି ସହର ଶୀର୍ଷ ସ୍ଥାନ ମଣ୍ଡନ କରୁଛନ୍ତି । ଉତ୍ତରପ୍ରଦେଶର ସହରଗୁଡ଼ିକରେ ପାଟିକ୍ୟୁଲେଟ୍ ମ୍ୟାଟରର ହାରାହାରି ଜମାଟର ସ୍ତର ବା ଅବସ୍ଥାନ ଏସିଆର ତୁଳନାରେ ଆଠ ପ୍ରତିଶତ ଅଧିକ । ବାୟୁ ପ୍ରଦୂଷଣ କେବଳ ବଡ଼ ବଡ଼ ସହରାଞ୍ଚଳରେ ଦେଖାଯାଏ ଏବଂ ସେଠାକାର ଲୋକମାନଙ୍କୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଥାଏ ବୋଲି ଦେଶର ନୀତିଗତ ତଥା ସରକାରୀ ବ୍ୟବସ୍ଥା ବିଚାର କରିବା ପ୍ରାୟତଃ ଦେଖା ଯାଇଥାଏ । ତେଣୁ ଏହି ସମସ୍ୟାର ନିରାକରଣ ନିମନ୍ତେ କୌଣସି ପ୍ରକାରର ନୀତିଗତ କାର୍ଯ୍ୟାନୁଷ୍ଠାନ କରିବା ବେଳେ ସେମାନେ ଦେଶର ଛୋଟ ସହର ଓ ଗ୍ରାମାଞ୍ଚଳଗୁଡ଼ିକୁ ସେଥିରୁ ବାଦ୍ ଦେଇଥାନ୍ତି, ନଚେତ୍ ସେଗୁଡ଼ିକୁ ଅଣଦେଖା କରିଥାନ୍ତି। କିନ୍ତୁ ଅଧିକ ନହେଲେ ସୁଦ୍ଧା ଏସବୁ ଅଞ୍ଚଳ ମଧ୍ୟ ବାୟୁ ପ୍ରଦୂଷଣ ଯୋଗୁଁ ସମାନ ଦୁରବସ୍ଥା ଭୋଗିଥାନ୍ତି । ପରିଣତି ସ୍ୱରୂପ, ମୁଖ୍ୟତଃ ସହରାଞ୍ଚଳର ଅବସ୍ଥାକୁ ଧ୍ୟାନରେ ରଖି ବାୟୁର ଦୁର୍ବଳ ମାନକୁ ଦୂର କରିବା ନିମନ୍ତେ ନୀତି ନିୟମ ପ୍ରସ୍ତୁତ କରାଯିବା ସହିତ ଆବଶ୍ୟକୀୟ ପଦକ୍ଷେପମାନ ନିଆଯାଇଥାଏ । ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ପଦକ୍ଷେପମାନ ନିଆଯିବାକୁ ଦୃଷ୍ଟିରେ ରଖିଥିଲେ ମଧ୍ୟ ଏ ଦିଗରେ ଆବଶ୍ୟକୀୟ ମାନକ ହାସଲ କରି ପାରୁ ନଥିବା ସହରାଞ୍ଚଳଗୁଡ଼ିକ ଉପରେ ଅଧିକତଃ ଧ୍ୟାନ ଦିଆଯାଇଥାଏ । ପରନ୍ତୁ, ଦେଶର ସହରାଞ୍ଚଳଠାରୁ ବହୁ ଦୂରରେ ଅବସ୍ଥିତ ଗ୍ରାମାଞ୍ଚଳଗୁଡ଼ିକରେ ପରିସ୍ଥିତି କିଛି କମ୍ ଜଟିଳ ନୁହେଁ । ଉଲ୍ଲେଖ କରାଯାଇପାରେ ଯେ ବିଗତ ଦଶ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ଯାନବାହନର ସଂଖ୍ୟା ବୃଦ୍ଧି ପାଇଛି ; ଶୀତ ଦିନେ ଦେହକୁ ଉଷୁମ ରଖୁବା ପାଇଁ ତ ଏସବୁ ଅଞ୍ଚଳରେ ନଡ଼ାକୁଟା ବା କାଠ ଜାଳି ନିଆଁରେ ସେକିହେବା ଏକ ସାଧାରଣ କଥା । ଏଥି ସହିତ ଗ୍ରାମାଞ୍ଚଳର ଖରାପ ଅବସ୍ଥାକୁ ଆହୁରି ଖରାପ କରିଦେବା ନିମନ୍ତେ ଦୁର୍ବଳ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ତଥା ଅସମାନୁପାତିକ ବିକାଶ ଯଥେଷ୍ଟ ସମୟ ଉପଗତ ହୋଇଛି, ବାୟୁର ଉତ୍ତମ ମାନ ବଜାୟ ରଖିବା ନିମନ୍ତେ କେବଳ ବଡ଼ ବଡ଼ ସହର ନୁହେଁ, ଛୋଟ ସହରଗୁଡ଼ିକ ଅର୍ଥାତ୍ ଦ୍ୱିତୀୟ ଶ୍ରେଣୀର ସହରାଞ୍ଚଳଗୁଡ଼ିକ ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଛୋଟ ଛୋଟ ପଡ଼ା ଉପରେ ମଧ୍ୟ ଦୃଷ୍ଟିପାତ କରାଯିବା ସହିତ ସେଥିପାଇଁ ପଦକ୍ଷେପ ନିଆଯିବା ଉଚିତ । ବାୟୁ ପ୍ରଦୂଷଣ ଏକ ସୀମା ସରହଦ ଭିତରେ ସୀମିତ ରହୁ ନଥିବା ସମସ୍ୟା ଏବଂ ସେଥିପାଇଁ ନୀତି ନିର୍ଦ୍ଧାରକମାନେ ଆଞ୍ଚଳିକତାଭିତ୍ତିକ ଦୃଷ୍ଟିଭଙ୍ଗୀ ଆପଣାଇବାର ଆବଶ୍ୟକତା । ରହିଛି, ଯାହା ବାୟୁକୁ ବିଶୁଦ୍ଧ ରଖିବା ନିମନ୍ତେ ସହରାଞ୍ଚଳ ମଡେଲଗୁଡ଼ିକର ପରିପୂରକ ସାଜୁଥିବ ।

## ଆଶା ଓ ଆଶଙ୍କାରେ କ୍ରିପ୍ଟୋକରେନ୍ସି



ଗୋପାଳ ମହାପାତ୍ର

କ୍ରିପଟୋକରେନ୍ସିକୁ ନେଇ ଏବେ ଦେଶରେ ଚର୍ଚ୍ଚା ଜୋରଧରିଛି। ପ୍ରଧାନମନ୍ତ୍ରୀ ମଧ୍ୟ ବିଶ୍ୱସ୍ତରରେ ଏହି କରେନ୍ସି ପାଇଁ ଆଇନ ପ୍ରଣୟନ କରାଯିବା ପାଇଁ ଅପିଲ କରିଛନ୍ତି। କିନ୍ତୁ କଥା ହେଉଛି କ୍ରିପ୍ଟୋକରେନ୍ସି କ'ଣ? ଏହି ପ୍ରଶ୍ନର ଉତ୍ତର ଭାରତୀୟ ରିଜର୍ଭ ବ୍ୟାଙ୍କ ବା ସରକାରଙ୍କ ପାଖରେ ନାହିଁ। ଏହା ସତ୍ତ୍ୱେ ମଧ୍ୟ ଅନେକ ନିବେଶକ କ୍ରିପ୍ଟୋକରେନ୍ସିରେ ବହୁ ପରିମାଣର ଅର୍ଥ ନିବେଶ କରିଛନ୍ତି ଓ କରୁଛନ୍ତି ମଧ୍ୟ। କିନ୍ତୁ ଭାରତ ସରକାର ଏ ବାବଦରେ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନାହାନ୍ତି କି ଏହା ବିରୁଦ୍ଧରେ ମଧ୍ୟ ପଦକ୍ଷେପ ନେଇନାହାନ୍ତି। ଏବେ ଚର୍ଚ୍ଚା ଚାଲିଛି ଯେ, ସରକାର କ୍ରିପ୍ଟୋକରେନ୍ସି ବାବଦରେ କେବେ ଓ କ'ଣ ପଦକ୍ଷେପ ନେବେ? ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ଼ ଅଫ୍ ଇଣ୍ଡିଆ ବା ସେବିର ନିୟନ୍ତ୍ରଣରେ କ୍ରିପ୍ଟୋକରେନ୍ସି ନିବେଶ କରାଯାଇପାରିବ ବୋଲି କୁହାଯାଉଛି। କିନ୍ତୁ ଏହା ସହଜ କଥା ନୁହେଁ। କ୍ରିପ୍ଟୋକରେନ୍ସି କ'ଣ, ଏକଥା ବୁଝିବା ଏବଂ ଏହାକୁ ନିୟନ୍ତ୍ରଣ କରିବା ମଧ୍ୟ ଏତେ ସହଜ ନୁହେଁ ଅନ୍ୟପକ୍ଷରେ ଡେରିରେ ହେଲେ ମଧ୍ୟ ଏହି କରେନ୍ସି ପାଇଁ ଅର୍ଥ ବ୍ୟବସ୍ଥା ବିପର୍ଯ୍ୟସ୍ତ ନିଶ୍ଚୟ ହେବ ବୋଲି ଅନେକ ଅର୍ଥଶାସ୍ତ୍ରୀଙ୍କ ମତ। ବିଶ୍ୱସ୍ତରରେ ସମନ୍ୱୟ ରକ୍ଷା କରାଯାଇ ଏହାକୁ ନିୟନ୍ତ୍ରଣ କରିବା ମଧ୍ୟ କଷ୍ଟକର ହେବ।

କ୍ରିପ୍ଟୋକରେନ୍ସି ବିଶ୍ୱର ଏମିତି ଏକ କଥିତ କରେନ୍ସି (ମୁଦ୍ରା) ଯାହାକୁ ଆତଙ୍କବାଦ ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। କିନ୍ତୁ ଦାୟିତ୍ୱ କାହାର ଓ କରେନ୍ସିର ଅନ୍ତିମ ପୈଠ କିଏ ସୁନିଶ୍ଚିତ କରିବ ଏକଥା ଏଯାବତ୍ ସ୍ପଷ୍ଟ ହୋଇନାହିଁ। ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ କ୍ରିପ୍ଟୋକରେନ୍ସିକୁ ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ଆଶଙ୍କା କରାଯାଉଛି। ଏସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି କ୍ରିପ୍ଟୋକରେନ୍ସିରେ ଯେ କେବଳ ନିବେଶକଙ୍କ ପାଇଁ ବିପଦ ଅଛି ତା ନୁହେଁ ଏହାର ପ୍ରଭାବ ସରକାରଙ୍କ ଉପରେ ପଡ଼ିବ। ସବୁଠାରୁ ବଡ଼ କଥା ହେଉଛି କ୍ରିପ୍ଟୋକରେନ୍ସି କୁ କରେନ୍ସି ଭାବରେ ଗ୍ରହଣ କରାଯାଇପାରିବ ନାହିଁ ଯଦିଓ ଏହାର ବିକ୍ରି କରେନ୍ସି ଭଳି କରାଯାଉଛି। କୌଣସି ପ୍ରପତ୍ର ବା ବସ୍ତୁକୁ କରେନ୍ସିର ମାନ୍ୟତା ସେତେବେଳେ ଦିଆଯାଇଥାଏ ଯେତେବେଳେ ଏକଥା ସ୍ପଷ୍ଟ ହୋଇଥାଏ ଯେ, କରେନ୍ସିକୁ କିଏଜାରି କରିଛି ବା କରେନ୍ସିର ଜାରିକର୍ତ୍ତା କିଏ ?ଭାରତୀୟ କରେନ୍ସିର ଦାୟିତ୍ୱ ରିଜର୍ଭ ବ୍ୟାଙ୍କ ନେଇଥାଏ ବା ରିଜର୍ଭ ବ୍ୟାଙ୍କ କରେନ୍ସି ଜାରି କରିଥାଏ। କରେନ୍ସି ସେତେବେଳେ ଅଧିକାରିକ କରେନ୍ସି ହୋଇଥାଏ ଯେତେବେଳେ ତାର ଦାୟିତ୍ୱ କେହି ନେଇଥାଏ। କ୍ରିପ୍ଟୋକରେନ୍ସି ପ୍ରସଙ୍ଗରେ ଏମିତି କିଛି ନାହିଁ। ନା ଏହି କ୍ରିପ୍ଟୋକରେନ୍ସିକୁ କେହି ଜାରି କରିଛି ବା ତାର ଦାୟିତବ୍ କେହି ନେଇଛି।

ନିବେଶର ଇତିହାସରେ ଅଭୁଦପୂର୍ବ ବୋକାମୀ ସବୁ ଦେଖିବାକୁ ମିଳେ। ମଣିଷର ଆଶା ବା ଲାଳସା ହିଁ ବୋକାମୀର ମାଧ୍ୟମ ହୋଇଥାଏ। କ୍ରିପ୍ଟୋକରେନ୍ସି କ୍ଷେତ୍ରରେ ସମିତି ହେବ ବୋଲି ମଧ୍ୟ ଆଶଙ୍କା ରହିଛି। କ୍ରିପ୍ଟୋକରେନ୍ସି ହେଉଛି ଏକ ଅଦୃଶ୍ୟ ଡିଜିଟାଲ୍ କରେନ୍ସି। ଏଥିରେ କୌଣସି ଭୌତିକ ବସ୍ତୁ ମିଳିବ ନାହିଁ। ଅଦୃଶ୍ୟ ଦୁନିଆର କରେନ୍ସି ହେଉଛି ଏହା ପ୍ରଥମେ ବିଟକଏନ୍ କଥା ଉଠିଥିଲା ଏବେ କ୍ରିପ୍ଟୋକରେନ୍ସି କଥା ଉଠୁଛି । ଭାରତୀୟ କରେନ୍ସି ଉପରେ ଲେଖା ହୋଇଛି ଯେ, ମୁଁ ଧାରକକୁ ଏତେ ଟଙ୍କା ଦେବା ପାଇଁ ବଚନ ଦେଉଛି। କ୍ରିପ୍ଟୋକରେନ୍ସି ବା ବିଟକଏନ ପାଇଁ ଏମିତି କିଛି ଗ୍ୟାରେଣ୍ଟି ନାହିଁ। ତାହା ହେଲେ ଏହି କରେନ୍ସିକୁ କ'ଣ ସମ୍ପତ୍ତି, ସେୟାର, ଗୃହ, ବ୍ୟାଙ୍କ ଡିପୋଜିଟ୍ ବା ସୁନା ବୋଲି କୁହାଯାଇପାରିବ କି? ଏ ପ୍ରସଙ୍ଗରେ ବିଚାର ବିମର୍ଷ କରାଯିବା ଆବଶ୍ୟକ। ସେୟାର ହେଉଛି କମ୍ପାନୀର ଅଂଶ ଓ ଏଥବରେ ସମ୍ପୃକ୍ତ କମ୍ପାନୀର ମାଲିକାନା ମଧ୍ୟ ଥାଏ। କମ୍ପାନୀର ବ୍ୟବସାୟ ବଢିଲେ କମ୍ପାନୀର ଲାଭ ହୋଇଥାଏ ଏଣୁ କମ୍ପାନୀର ସେୟାରର ମୂଲ୍ୟ ମଧ୍ୟବଢିଯାଇଥାଏ। ଏଥିଓହିତ କ୍ପାନୀର ଅଂଶ କିଣିବା ଲୋକଙ୍କର ସଂଖ୍ୟା ମଧ୍ୟ ବଢିଥାଏ। ଏଥିପାଇଁ ଲାଭଜନକ କମ୍ପାନୀର ସେୟାର କିଣିବା ପାଇଁ ଲୋକେ ଆଗ୍ରହ କରିଥାନ୍ତି। କିନ୍ତୁ କ୍ରିପ୍ଟୋକରେନ୍ସି ବା ବିଟକଏନ୍ କୌଣସି କମ୍ପାନୀର ସମ୍ପତ୍ତି ନୁହେଁ। ବ୍ୟାଙ୍କ ଡିପୋଜିଟ୍ ନୁହେଁ କିମ୍ବା କୌଣସି ବ୍ୟାଙ୍କ ଏହି କରେନ୍ସିର ଦାୟିତ୍ୱ ନେଇନଥାଏ। ଏହା ମଧ୍ୟ ସୁନା ନୁହେଁ। ତେବେ ଏହା କ'ଣ? ଏହା ହେଉଛି ଡିଜିଟାଲ ବା ଟେକନିକ୍ ଦ୍ୱାରା ଉତ୍ପନ୍ନ ଏକ ଉତ୍ପାଦ ଯାହାକୁ ନେଇ ବିଭିନ୍ନ ପ୍ରକାରର ତ୍ରୁଟିପୂର୍ଣ୍ଣ କଥା ପ୍ରଚାର କରାଯାଉଛି। ପ୍ରଥମ କଥା ହେଉଛି ଏହାର ମୂଲ୍ୟ ସବୁବେଳେ ବୃଦ୍ଧି ପାଇବ ବୋଲି କୁହାଯାଉଛି। ମୂଲ୍ୟ ଆଳୁର ହେଉ ବା ସେୟାର ଅଥବା ଅନ୍ୟ କୌଣସି ଜିନିଷର, ମୂଳ ଅର୍ଥଶାସ୍ତ୍ର ହେଉଛି ଗୋଟିଏ ଓ ଏହା ହେଉଛି ଆବଶ୍ୟକତା ଅଧିକ କିନ୍ତୁ ଆପୂର୍ତ୍ତି କମ୍। ଏସବୁରେ ବ୍ୟବସାୟ ବା କାରବାର ଦେଖାଯାଇଥାଏ ଓ ଲାଭ ବଢ଼ିବା କଥାମଧ୍ୟ ଦେଖାଯାଇଥାଏ। ଅନ୍ୟ ଏକ କାରଣ ହେଉଛି ଦୁର୍ଲଭତା। ସୁନା କିଛି କରେ ନାହିଁ କବେଳ ବାକ୍ସ ବା ଆଲମିରାରେ ତାଲା ବନ୍ଦ କରାଯାଇ ଏ ହ । କ ୁ ରଖାଯାଇଥାଏ। କିନ୍ତୁ ଏହା ଦୁର୍ଲଭ, ଆପୁର୍ତ୍ତି ମଧ୍ୟ ସୁଲଭ ନୁହେଁ। ଗୃହର ମୂଲ୍ୟ ବଢିବାର ମୂଳରେ ମଧ୍ୟ ଏହି କାରଣ ରହିଛି। ଗୃହର ଆପୂର୍ତ୍ତି ମଧ୍ୟ ସୀମିତ। କିନ୍ତୁ କ୍ରିପ୍ଟୋକରେନ୍ସି ବା ବିଟକଏନର ଆପୂର୍ତ୍ତିକୁ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଚିତ୍ର ନାହିଁ। ସୁନା ଭଳି ଏହାର ପ୍ରୟୋଗ ମଧ୍ୟ କରାଯାଇପାରିବ ନାହିଁ।

ଏସବୁ ପରେ ମଧ୍ୟ କ୍ରିପ୍ଟୋକରେନ୍ସିର ମୂଲ୍ୟ ବଢୁଛି କାହିଁକି? ଏହାର ଉତ୍ତର ହେଉଛି ଅଜ୍ଞାନତା ଏବଂ ଲାଳସା। ଏକ ତଥ୍ୟ ଅନୁସାରେ ଭାରତର ଦେଢ କୋଟିରୁ ଅଧିକ ଲୋକ କ୍ରିପ୍ଟୋକରେନ୍ସିରେ ନିବେଶ କରିଛନ୍ତି। ଏହି ସଂଖ୍ୟା ଭାରତର ଜନସଂଖ୍ୟାର ୧ ପ୍ରତିଶତ ନୁହଁନ୍ତି କିନ୍ତୁ ନ୍ୟୁଜିଲାଣ୍ଡ ଭଳି ଦେଶର ଲୋକ ସଂଖ୍ୟାଠାରୁ ଅଧିକ। ଏବେ ଏହି କରେନ୍ସି ପାଇଁ ଆଇନ ପ୍ରଣୟନ କରାଯିବ ବୋଲି କୁହାଯାଉଛି କିନ୍ତୁ ସରକାର ବହୁ ପୂର୍ବରୁ ଏଥିପାଇଁ ଆଇନ ପ୍ରଣୟନ କରିବା କଥା। ମଣିଷର ମନୋବୃତ୍ତିର ଏକ ବୁନିଆଦି କଥା ହେଉଛି ଲାଳସା। ବିବେକକୁ ଚାପିଦେଇ ଲାଳସା ଜାଗ୍ରତ ହୋଇଥାଏ। ଲାଳସାର ଅନେକ ନମୁନା ଆର୍ଥିକ ବଜାରରେ ଅନେକବାର ଦେଖାଯାଇଛି। ଟ୍ୟୁଲିପ୍ ଫୁଲକୁ ନେଇ ଏଭଳି ଲାଳସା ନେଦରଲ୍ୟାଣ୍ଡସରେ ଦେଖାଯାଇଥିଲା, ଲୋକଙ୍କର ଏକଭ୍ରମ ଧାରଣା ଥିଲା ଯେ, ଟ୍ୟୁଲିପ୍ ଫୁଲର ମୂଲ୍ୟ ସବୁବେଳେ ବଢିବ ଏଣୁ ଲୋକେ ବହୁଳ ଭାବରେ ତାକୁ କିଣିବାରେ ଲାଗିଲେ। କିନ୍ତୁ ଏମିତି ଏକ ଦିନ ଆସିଲା ଟ୍ୟୁଲିପ୍ ଫୁଲ କିଣିଥିବା ଲୋକଙ୍କ ପୁଞ୍ଜି ମଧ୍ୟ ବୁଡ଼ିଗଲା। ଆର୍ଥିକ ଜଗତରେ ଅନେକ କାରବାର ମୁର୍ଖମାନଙ୍କ ଦ୍ୱାରା ଚାଲିଛି। କିଏଜଣେ ଯଦି ବିଟକଏନ୍ ପାଞ୍ଚ ଶହ ଡଲାର ଦେଇ କିଣିଛି ତ ପୁଣି କେହି ଗରାଖ ମିଳିଗଲେ ହଜାରେ ଡଲାରରେ ବିକ୍ରି କରି ଦେଉଛି। ମଙ୍ଗଳ ଗ୍ରହରେ ଜମି କିଣାବିକା ଚାଲିଲାଣି। ଏମିତି ଅନେକ କଥା ଦୁନିଆରେ ଘଟୁଛି।

୧୯୯୨ମସିହାରେ ହର୍ଷଦ ମେହେଟ୍ଟା ଜାଲିଆଦି ଘଟଣା ବେଳେ କେତେକ କମ୍ପାନୀର ସେୟାର ରାତାରାତି ବଢିଯାଇଥିଲା। ଲୋକେ ମଧ୍ୟ କିଣିଥିଲେ ହେଲେ କିଛି ଦିନ ପରେ ସବୁ ସେୟାରର ମୂଲ୍ୟ କମିଯାଇଥିଲା। ବିଟକଏନ ଓ କ୍ରିପ୍ଟୋକରେନ୍ସି କାରବାର ଏବେ କୌଣସି ଭାରତୀୟ ପ୍ରାଧିକରଣ ଦ୍ୱାରା ନିୟନ୍ତ୍ରିତ ନୁହେଁ ଯେଉଁଠି ଅଭିଯୋଗ ଦରଜ କରାଯାଇପାରିବ। ଇଣ୍ଟରନେଟରେ ଏବେ ଠକେଇ ବଢିଚାଲିଛି। କିଏ ବାବଦରେ ଅନେକ ଅଭିଯୋଗ ମଧ୍ୟ ଦିନ ପ୍ରତିଦିନ ଆସୁଛି। କାହାରି ପାଖରେ ଉତ୍ତର ନାହିଁ ଯେ, କ୍ରିପ୍ଟୋକରେନ୍ସିର ମୂଲ୍ୟ କ୍ରଗାଗତ ଭାବେ ବଢିବ କାହିଁକି? କ୍ରିପ୍ଟୋକରେନ୍ସି ପାଇଁ ଲୋକଙ୍କର ଆଗ୍ରହ ଦୃଷ୍ଟିରୁ ଡିଜିଟାଲ କରେନ୍ସି ପ୍ରଚଳନ କରାଯିବା ପାଇଁ ରିଜର୍ଭବ୍ୟାଙ୍କ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛି। କିନ୍ତୁ ଏଭଳି କରେନ୍ସିର ବିଶ୍ୱାସନୀୟତା ବୃଦ୍ଧି କରିବା ପାଇଁ ଏଲନ ମସ୍କ ତାଙ୍କ ଟେସଲା କମ୍ପାନୀର ଗାଡି ବିକ୍ରି ପାଇଁ ବିଟକଏନ ରେ କ୍ରୟ କରିବା ପାଇଁ ମଞ୍ଜୁରି ଦେଇଛନ୍ତି। ଯେତେବେଳେ ଏଲନ ମସ୍କ କ୍ରିପ୍ଟୋକରେନ୍ସିକୁ ଗୁରୁତ୍ୱଦେଉଛନ୍ତି ସେତେବେଳେ ଅନ୍ୟମାନେ ତାଙ୍କୁ ଅନୁସରଣ କରୁଛନ୍ତି। ସରକାର ୨୦୧୯ରେ କ୍ରିପ୍ଟୋକରେନ୍ସି ଉପରେ ପ୍ରତିବନ୍ଧ ଏବଂ ଅଧିକାରିକ ଡିଜିଟାଲ ମୁଦ୍ରା ବିଧେୟକ ଆଣିଥିଲେ। କିନ୍ତୁ ଏଥିରେ ପୂର୍ଣ୍ଣ ପ୍ରତିବନ୍ଧ କଥା ନଥିଲା। କ୍ରିପ୍ଟୋକରେନ୍ସି ପାଇଁ ବଡ଼ ଜାଲିଆତି ଘଟଣା ଘଟିବା ପୂର୍ବରୁ ସରକାର ଏହାର କିଣାବିକା ଉପରେ ନିୟନ୍ତ୍ରଣ ହାସଲ କରିବା ଉଚିତ୍ ଅନ୍ୟଥା ନିବେଶକ ମାନେ ତ କ୍ଷତିଗ୍ରସ୍ତ ହେବ ଏଥିସହିତ ଆମ ଦେଶର ଅର୍ଥବ୍ୟବସ୍ଥା ମଧ୍ୟ ପ୍ରଭାବିତ ହେବ।


ରାମଚନ୍ଦ୍ରପୁର,ରଣପୁର

(ମୋ)୯୪୩୮୪୮୫୦୯୪





## ଏବେ ସରକାର କ'ଣ କରିବେ ?



ସୁବ୍ରତ କର

ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଦୁଇ ଦୁଇଟି କାର୍ଯ୍ୟକ୍ରମ ପିଲାମାନେ ହାତକୁ ନେଇ ପାଳିଥିଲେ । ଖୁବ୍ ଭଲ କଥା, କାରଣ ସରକାରଙ୍କ ଥିବା କୋଭିଡ ଗାଇଡଲାଇନକୁ କେତେଦିନ ମାନିବେ? ପିଲାଙ୍କ ମନ ଅସ୍ଥିର ଏବଂ ଶରୀର ମଧ୍ୟ । ମୌକା ଖୋଜୁଥିଲେ । ମିଳିଗଲା, ଗୋଟିଏ ହେଲା ୧୫୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଯାହାକି ସୋମବାର ଉଦ୍‌ଘାଟନ ହୋଇ ମଙ୍ଗଳବାର ଉଦ୍‌ଯାପନ କାର୍ଯ୍ୟକ୍ରମ ରହିଥିଲା । ଏହାପରେ ପୁରସ୍କାର ବିତରଣ ସହ ନାଚ, ଗୀତର କାର୍ଯ୍ୟକ୍ରମ ମଧ୍ୟ ଥିଲା । ଏହାକୁ କୋଭିଡ କଥା ଏବଂ ଓମିକ୍ରନ କଥାକୁ ପାଶୋରି ଯାଇ ନିଜକୁ ଖୁଲମ୍‌ଖୋଲା ନିୟୋଜିତ କରିଥିଲେ । ଏହା ମଧ୍ୟ ଗ୍ରହଣ କରାଯାଇ ପାରିବ । କିନ୍ତୁ ଦୁଃଖର କଥା ହେଲା କାହାରି ମୁହରେ ତୁଣ୍ଡି (ମାସ୍କ) କି ସାମାଜିକ ଦୂରତା ନଥିଲା । ଗୀତ, ନାଚ ଚାଲିଥିବା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ କ'ଣ କରୁଥିଲେ? ଏହା କ'ଣ ତାଙ୍କର ଅକ୍ତିଆର ବାହାରେ ଥିଲା ? କର୍ତ୍ତୃପକ୍ଷ କୋଭିଡ୍ ପାଇଁ ଡିସେମ୍ବର ମାସର ଥିବା ଗାଇଡଲାଇନ ବିଷୟରେ ଜାଣି ନଥିଲେ ନା କେହି ଗଣ୍ଡଗୋଳ ଭିତରକୁ ଯିବାକୁ ଚାହିଁ ନଥିଲେ? ଏହା ଚାରିଆଡ଼େ ଭାଇରାଲ ହେବା ପରେ ଏବଂ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଲା ପରେ କଟକ ମହାନିଗମଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା । କିନ୍ତୁ ଫଳ ଶୂନ । କାରଣ ତା ପରଦିନ ସେହି ବିଶ୍ୱବିଦ୍ୟାଳୟରେ ପୂର୍ବ ଛାତ୍ରାବାସର ପିଲାମାନେ ୧୦୦ବର୍ଷ ପାଳନ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ ଏବଂ କାର୍ଯ୍ୟକ୍ରମରେ ମଧ୍ୟ ଆଗ ଦିନ ଭଳି ଗହଳି, ନାଚ, ଗୀତ କରିବା ପାଇଁ ରେଭେନ୍ସା କର୍ତ୍ତୃପକ୍ଷ ମାନି ନେଇଥିଲେ । ଏହାର ମଧ୍ୟ ଯଥେଷ୍ଟ କାରଣ ଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଜ୍ୟପାଳ ନିଜେ ଥିଲେ ଏବଂ ପ୍ରାକ୍ତନ ପ୍ରଧାନ ବିଚାରପତି ଦୀପକ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ । ପୂର୍ବତନ ଡି.ଜି ଏବେକାର ଓଡ଼ିଶା ସରକାରଙ୍କ ଲୋକସେବା ଆୟୋଗର ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି ମଧ୍ୟ ବିଶେଷ ଅତିଥିର ସ୍ଥାନ ଗ୍ରହଣ କରିଥିଲେ । ସବୁଠୁ ଦୁଃଖର କଥା ହେଲା ପୂର୍ବତନ ଘଟଣାକୁ ପାଶୋରି ଯାଇ ନିଜେ କୂଳପତି ଏହି ସଭା କାର୍ଯ୍ୟକ୍ରମକୁ ଆଗକୁ ନେବାରେ ସାହାଯ୍ୟ କରିଥିଲେ । ଏହି ସଭା କାର୍ଯ୍ୟକ୍ରମରେ ପିଲାମାନଙ୍କ ପାଖରେ ତୁଣ୍ଡି ନଥିଲା ବା ଦୂରତା ରକ୍ଷା କରିବା କଥା ଭୁଲି ଯାଇଥିଲେ । ଏହି ବାବଦରେ ଗତକାଲି ମଧ୍ୟ ଏହି ପ୍ରକାର ଏକ ସଭା କାର୍ଯ୍ୟ ବରହମପୁର ସହରରେ ହୋଇଥିଲା ଯେଉଁଥିରେ ସେଠାକାର ଏମଏଲଏ ଏବଂ ସବ୍ କଲେକ୍ଟର ସକ୍ରିୟ ଭାଗ ନେଇଥିଲେ । ଏହି ସବୁ ଘଟଣା ଉପରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଆସିଥିଲା ଯେ ଆମେ କଣ ଏକା କରୁଛୁ ରାଜନୈତିକ ସଭା ସମିତିର ଯେଉଁ ପ୍ରକାରର ଭିଡ଼ ହେଉଛି ଏବଂ ଲୋକେ କୋଭିଡ୍ ଗାଇଡଲାଇନ ମାନୁ ନାହାନ୍ତି, ତା ପାଇଁ ସରକାର କଣ ପଦକ୍ଷେପ ନେଉଛନ୍ତି ? ସରକାର ଏହାର ଉତ୍ତର ଦିଅନ୍ତୁ ।

+ବାଲେଶ୍ୱର






### ଶେଷ ସଂଳାପ

ସୁଧାକର ରାଉତ

ଆଗୋ ଶୀତ ତୁମ ଶୀତଳ ସ୍ପର୍ଶରେ
ଜଡ଼ାଇଲ କିଆଁ ଏତେ
ତାପେ ସିଝୁଥିବା କାଠ ଗଣ୍ଡିଟି ମୁଁ
କି ଲାଭ ପାଇଲ ସତେ?

ତମେ ଭାବିଥିଲ ମୋ ଦେହ ଅଗଣା
ହେବ ତହୁଁ ପୁଲକିତ
ଜୀବନ ପାତ୍ର ବୟସ ଇଡ଼ିଛି
ଭ୍ରାନ୍ତ ଧାରଣା ଇଏତ ।

ଆସିବା ବେଳେ ତ ଦେଲ ନାହିଁ ଦେଖା
ଏବେ ଶୁଷ୍କ ଅପରାହ୍ନ
ବୟସର ରଙ୍ଗ ଯାଇଛି ଉଜୁଡ଼ି
ଅମାବାସ୍ୟାରେ କି ଜହ୍ନ ।

ଅବାଂଛିତ ଭାବେ ପଡ଼ିରହିଛି ମୁଁ
ହରାଇ ନିଜ ଅସ୍ତିତ୍ୱ
ଅନୁରାଗ ସ୍ପର୍ଶେ ପୁଲକ କେବେ କି
ହ୍ରାସ କରିବ ଦୂରତ୍ୱ ।

ତୁମ ଭାବନାରେ ଏବେ ବି ଉଷ୍ମତା
ସପନରେ ଖେଳେ ଢେଉ
ଅଲୋଡ଼ା ହୋଇ ଅନ୍ଧାରକୁ ଚାହିଁଛି
ସହି କେତେ ତୁମ ଦାଉ ।

ଦିଅନି ଗୋ ଏତେ ଯନ୍ତ୍ରଣା ମୋତେ
ସ୍ଥବିର ମୁଁ ଅସହାୟ
କହି ସାରିଛି ମୁଁ ଶେଷ ସଂଳାପ
କରି ମିଛ ଅଭିନୟ ।


♥ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨


### ଶୀତଋତୁ

ଶ୍ରୀ ଚନ୍ଦ୍ରଶେଖର ସାହୁ

ଶୀତଋତୁ ଏକ
ଅବୁଝା ଋତୁଟିଏ
କବିତା ପରି
ଦେହ ମନକୁ
ବାରମ୍ବାର
ଥରାଉଥାଏ ।

ଆକାଶକୁ
ଚାହିଁ ହୁଏନି ବୋଲି
ତଳ ମୁହାଁ ହୋଇ
ବାଟ ଚାଲିବାକୁ ହୁଏ,
କୁହୁଡ଼ି ଅନ୍ଧାର ପରି
ଘୋଟି ଆସେ
ବାଟ ଓଗାଳେ ।
ବେଳେବେଳେ
ଜୀବନ ବି
ଶୀତ ପରି
ସ୍ମୃତି ସାଉଁଟେ ।

ଶୀତରୁ
ଅତୀତ ଖୋଜୁ
କାକର ଟୋପରୁ
ଶୋଷ ମେଣ୍ଟାଉ ।

ଦଉଡ଼ି ଦଉଡ଼ି
ହାଲିଆ ହେଲେବି
ଛାଇ ଖୋଜୁନା
ଲମ୍ବା ରାସ୍ତା ପାଇଁ
ସ୍ୱପ୍ନ ଦେଖୁ ।

ଏତେ ପରେ ବି
ଶୀତ ପୁଣି
ନୂଆ ବୋଉର
ଲମ୍ବା ଓଢ଼ଣା ଭିତରୁ
ଲାଜୁଆ ଆଖିରେ
କାଣିଚାଏ ସ୍ୱପ୍ନ
ଆଙ୍କି ପାରେନି ।

ତଥାପି ଶୀତ ଏକ
ପତ୍ରଝଡ଼ା ଗଛର
ଚିତ୍ରକଳ୍ପଟିଏ
ଶୀତ ପୁଣି
ଖରା ଆଉ ଛାଇ
ନଥିବା ଋତୁଟିଏ
ତଥାପି ସ୍ମୃତିର
ଫର୍ଦ୍ଦେ କାଗଜ
ପଢ଼ିହୁଏ ।


♥ ସା- କସପା, ପୋ- ଅହିୟାସ,
ଜି- ଯାଜପୁର-୭୫୫୦୩୬
(ମୋ) ୭୮୭୩୬୯୩୮୦୭


### ବାହୁଡ଼ା ବେଳରେ...

ଉମେଶ ଚନ୍ଦ୍ର ଯେନା



ଏ ବର୍ଷ ଆରମ୍ଭରୁ ସମସ୍ତେ ହସୁଥିଲେ
ତିନି ଓଳିରୁ ଗୋଟେ ଓଳିର
ଭାତରେ ବି ହସ ଥିଲା
ଷାଠିଏ ପଉଟିର
ଫ୍ଲାଏ ରାଇସକୁ ଫୋପାଡ଼ି
ଲୋକେ ହସୁଥିଲେ
କିନ୍ତୁ କିଛି ହସରେ ବି
ଶବ ଦୋଳି ଖେଳୁଥିଲା ।

ଲୁହ କଥା କଣ କହିବି ଯେ
ବଳକା ନିଶ୍ୱାସରେ,ମଡ଼ା ଶେଜରେ
ଗଙ୍ଗ ହେଇ ଯାଉଥିଲା
କଅଁଳ କାନରେ ।
ଦାଣ୍ଡ ଦୁଆରୁ
ମୁନିସିପାଲିଟି ଲୋକେ
ପୋଛି ନେଉଥିଲେ ଲୁହ ସବୁକୁ
କିନ୍ତୁ ମୁଁ ଦେଖିଥିଲି
ଗାଲ ଉପରେ ବି ଲୁହ ଥିଲା ।

କେବଳ ଯେ ଏତିକିରେ ସରିନି
ଦୁଃଶାସନ ଥକି ଗଲାପରେ
ଅନ୍ୟମାନେ ବି
ଦ୍ରୌପଦୀର ବସ୍ତ୍ରକୁ ଟାଣୁଥିଲେ ।
ବିଚରା ପାଳଭୂତକୁ ଜାଳି
ଯାଜ୍ଞସେନୀ ପାଇଁ ଯଜ୍ଞ କରୁଥିଲେ
କେବଳ ଆତ୍ମସନ୍ତୋଷ ପାଇଁ ।

କଙ୍କାଳର ଲୁହ ସବୁ
ବନ୍ୟା ପରି ବହି ଯାଇଛି ବର୍ଷକ ଭିତରେ
କୁହ ତ କଙ୍କାଳର ଲୁହ ଥାଏ କି ?
ତଥାପି ଲାତ ମରା ଯାଇଛି
ତା' ପେଟରେ ।
କେତେଟା ନିର୍ଜନ
ଖରାବେଳ ବିତାଇଛି ଯେ
ପାଣି ପାଇଁ ହାହାକାର
ଫଟା ଭୂଇଁର ଆତ୍ମଚିତ୍କାର
ଶୁଣିଥିଲେ ବି ଦେଖିଛି
ପଥର ମୂର୍ତ୍ତିଟା କେତେ କ୍ଷୀର ପିଇଛି
ଆଉ କେତେ ଜଣ
ନାଳି ପାଣିରେ ମସଗୁଲ ହୋଇ
ରକ୍ତରେ ହୋଲି ଖେଳିଛନ୍ତି ମୋ ଆଗରେ ।
କେମିତି ଭୁଲି ଯାଉଛନ୍ତି
ଅତୀତ ଯେ ଏମାନେ
ସବୁ ଛାଡି ନୂଆ ବର୍ଷର ଆଗମନେ
ମତେ କଳଙ୍କ ଲଗା ଲୁହାପରି ଝାଡ଼ିଝୁଡି
ନିରୀହ ଜୀବର ମାଂସରେ
ନୂଆ ଦୁନିଆରେ ଦେଖିବାର
ଉତ୍ସବ ପାଳୁଛନ୍ତି ଏମାନେ ।


♥କଲ୍ୟାଣ ପୁର, ବିଂଝାରପୁର,
ଯାଜପୁର
(ମୋ) ୯୯୩୮୩୧୬୭୩୨


### ରୂପ

ଭାଗୀରଥି ସାଗର

ଗୋରା ଟକ୍ ଟକ୍ ଗଠନ ଶୈଳୀ
ସଠିକ୍ ହେଲେ ଦୁନିଆ ଜାକର
ନଜର ପଡେ ତୋ ଉପରେ।
ଗୁଣ ତୋ ଯେମିତି ଥାଉ,
ଚେହେରାରେ ମନ କିଣି
ବସିଭୂତ କରୁ ପଥଚାରୀ,
ଉଡାଣ ଅଧିକାରୀର
ଉଚ୍ଚ ମନକୁ। ତୁ ସାଜି କଳ୍ପନା ପାର୍କର
ଫୁଲ ରୂପସୀ ମୋହୁ ପ୍ରାଣକୁ।
ତୁ ହସିଲେ ଝରେ ମୁକ୍ତା।
ତୁ କଳା ଦିଶିଲେ କାହିଁ କି ଯେ ମଣିଷ
ଟିକିଏ ଅନାଇବା ବଡ଼ ମୁସ୍କିଲ ହୁଏ।
ବିକୃତ, କଦାକାର,
କୁତ୍ସିତ ହେଲେ ତୁ, ତୋ ଜୀବନେ
କଳା ବାଦଲ ଆସେ ମାଡ଼ି।
କେତେ କାଂଶେ ଅବିବାହିତ ହେଇ
ଜୀବନ ହୁଏ ଅତିବାହିତ।
ଗୁଣ ସିନା ମହାନ୍, ମନୁଷ୍ୟ ଖାଲି
ଦେଖେ ତତେ,ତୁ ଚୁମ୍ବକ, ତୋ ଆଡ଼କୁ
ଟାଣି ହୃଦୟ, ଗର୍ବେ ହେଉ ଉବୁଟୁବୁ।
ତୁ ସତେତ ମନ ଆକୃଷ୍ଟର ମାହିଲ୍
ଚାବିକାଠି।


♥ ଡାଲଗୁମା, କୋକସରା,
କଳାହାଣ୍ଡି
(ମୋ) ୯୩୩୭୬୨୪୮୯୯

# ବାଲ୍ୟକାଳୁ ଧନ ଧର୍ମ ମୁଁ ଅର୍ଜିବି...





## ରାଧାଶ୍ୟାମ ରାଉଳ

ସୁଧୀ ପାଠକେ, ବିଶ୍ୱ ମହାମାରୀ କରୋନାର କୋପ ଆଗରେ ଆମେ ସଭିଏଁ ଅସହାୟ, ନିରୁପାୟ । ଜୀବନ, ମୃତ୍ୟୁର ଚାଲିଛି ଛକାପଞ୍ଝା ଖେଳ। କହିବା କାଠିକର ବ୍ୟାପାର, କେତେବେଳେ କାହାର କ'ଣ ହେବ ଏଇ ପରିପ୍ରେକ୍ଷୀରେ ଭକ୍ତକବି ମଧୁସୂଦନ ରାଓଙ୍କର କାଳଜୟୀ କବିତାଂଶ, 'ବାଲ୍ୟକାଳୁ ଧନ ଧର୍ମ ମୁଁ ଅର୍ଜିବି, ଏ ଜୀବନ ଅନିଶ୍ଚିତ । କେ' ଜାଣେ କାହାର କେବେ ମୃତ୍ୟୁକାଳ ହୋଇଯିବ ଉପସ୍ଥିତକୁ ଭଲଭାବେ ହେଜିବା କଥା ।

କବିତାଂଶରେ ଥିବା ଶବ୍ଦଗୁଡ଼ିକର ଅର୍ଥ ବୁଝିବାରେ କିଛି ଅସୁବିଧା ନାହିଁ । ଯେହେତୁ ଏ ଜୀବନ ଅନିଶ୍ଚିତ, କିଏ ଜାଣିଛ କେତେବେଳେ କାହାର ମୃତ୍ୟୁକାଳ ଉପଗତ ହେବ । ଏଥିରେ ଥିବା କାର୍ଯ୍ୟ-କାରଣ ସଂପର୍କକୁ ଯଦି ବିଶ୍ଳେଷଣ କରିବା, ତେବେ କାରଣରେ ରହୁଛି ଏ ଜୀବନ ଅନିଶ୍ଚିତ, କେତେବେଳେ କାହାର ମୃତ୍ୟୁ ସମୟ ଆସିଯିବ ସେ ନେଇ କେହି ବି କହିପାରିବେ ନାହିଁ । ତେଣୁ ଏ ଯେଉଁ ସ୍ୱଳ୍ପ ସମୟର ଜୀବନକୁ ନେଇ ଆମେ ବଂଚୁଛୁ, ସେଇ ସ୍ୱଳ୍ପ ସମୟ ମଧ୍ୟରେ ଯୋଡ଼ିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଆମକୁ ସଂପନ୍ନ କରିବାକୁ ହେବ । ତାହାହେଉଛି ଧନ ଅର୍ଜନ ଓ ଧର୍ମ ଅର୍ଜନ ।

ତେବେ ଏ କବିତାଂଶର ଭାବାର୍ଥ କିନ୍ତୁ ଆଉ କିଛି ଅଧିକ ବ୍ୟାଖ୍ୟାର ଦାବୀ ରଖୁଛି ।

ସୁଧୀବୃନ୍ଦ, ଏଇ ମର୍ମରେ ଏଠାରେ ଅବଶ୍ୟ କୁହାଯାଇ ପାରେ ଯେ, ଆମେ ସମସ୍ତେ ଯୋଡ଼ିଏ ଜଗତରେ ବାସ କରୁଛନ୍ତି। ଧନ ଅର୍ଜନ ପାଇଁ ବସ୍ତୁବାଦୀ ଜଗତରେ ଆଉ ଧର୍ମ ଅର୍ଜନ ପାଇଁ ଆଧ୍ୟାତ୍ମିକ ଜଗତରେ। କିନ୍ତୁ ଏ ଯୋଡ଼ିଏ ଜଗତ ମଧ୍ୟରେ ସୁସମନ୍ୱୟ ସ୍ଥାପନ କରିବା କ୍ଷେତ୍ରରେ ଆମେ ସଂପୂର୍ଣ୍ଣ ବିଫଳ ହେଉଛୁ । ଧର୍ମ ଅର୍ଜନ କଥାକୁ ଭୁଲିଯାଇ କେବଳ ଧନ ଅର୍ଜନରେ ମନ, ଧ୍ୟାନ ଦେଇ ଚାଲିଛୁ । ବିଷୟବାସନାରେ ମଜ୍ଜି ଧନ ଅର୍ଜନ ସପକ୍ଷରେ ଅବାନ୍ତର ଯୁକ୍ତି ବାଢ଼ି ଚାଲିଛୁ କ'ଣ ନା, ବଂଚି ରହିବାକୁ ହେଲେ ସଂଗ୍ରାମ ଜରୁରୀ। ଜୀବନ ଏକ ସଂଗ୍ରାମ ! ମାଗଣାରେ କିଛି ମିଳେ ନାହିଁ । ନିଜର ସମୟ, ଶକ୍ତି, ସାମର୍ଥ୍ୟ, ମସ୍ତିଷ୍କ, ଧନ ଅର୍ଜନ ଲାଗି ପ୍ରୟୋଜନ । ନିଜ ନିଜର ସାମାଜିକ ପରିଚୟ ପ୍ରତିଷ୍ଠା ଓ ସମ୍ମାନକୁ ଅତୁଟ, ଅକ୍ଷୁର୍ଣ୍ଣ ରଖିବା ପାଇଁ ଏବଂ ନିଜ ନିଜର ଉନ୍ନତି ସମୃଦ୍ଧି, ସଫଳତା ହାସଲ ପାଇଁ ଅର୍ଥ ଉପାର୍ଜନ ବା ଧନ ଅର୍ଜନର ବହୁତ୍ ବହୁତ୍ ଆବଶ୍ୟକତା ରହିଛି। 'ପାଖରେ ନଥାଇ ଧନ, ବିକଳ ହୁଅଇ ମନ' ନ୍ୟାୟରେ ନାହିଁ । ଚଉଦିନ ଅନ୍ଧାର ଦିଶିବା ଥୟ !

ତେବେ ଧନ ଅର୍ଜନ କରିବା ଏତେ ସହଜ କାମ ନୁହେଁ । ବର୍ତ୍ତମାନ ସମୟରେ ଧନ ଅର୍ଜନ ପାଇଁ ଯେଉଁ ରେଟରେ ଚାଲିଛି ଗଳା କଟାକଟି ପ୍ରତିଯୋଗିତା, ସେଥିରେ ବାଜିମାତ୍ କରି ବିଜୟୀ ହେବାକୁ ହେଲେ ଯେତେସବୁ କୌଶଳ, କସରତର ସହି ଇସ୍ତେମାଲ୍ ହେବା ଜରୁରୀ । ସେଥିପାଇଁ ତ ସବୁ ସମୟ ସେଇ ଆଡ଼େ ଯିବ, ଧର୍ମ ଅର୍ଜନ ପାଇଁ ଆଉ ସମୟ କାହିଁ ?

ତ ଏଭଳି ଅବାନ୍ତର ଯୁକ୍ତି ବାଢ଼ୁଥିବା କରିତ୍କର୍ମା ମହାଶୟମାନଙ୍କୁ ଅତ୍ୟନ୍ତ ନମ୍ର ଭାବରେ ଆମ୍ଭେ କିଛି କହିବାକୁ ଚାହୁଁଛୁ । ଆପଣମାନେ ଧର୍ମ ଅର୍ଜନକୁ ଆଗ୍ରାହ୍ୟ କି ଅବଜ୍ଞା କରନ୍ତୁ କି ଭକ୍ତ କବିଙ୍କର ଏ କବିତାଂଶକୁ ଅସମ୍ମାନ କରନ୍ତୁ, ଆମ୍ଭର ସେ ନେଇ କିଛି କହିବାର ନାହିଁ । କାରଣ, ଆମର ଉଦ୍ଦେଶ୍ୟ, ଯୁକ୍ତିତର୍କ, କଳି ଝଗଡ଼ା କି ମୁକାବିଲା କରିବା ନୁହଁ । ତେବେ କାର୍ପଣ ମାନଙ୍କର ସଦୟ ଅବଗତି ନିମନ୍ତେ ଆମ୍ଭେ ଏତିକି କହିବାକୁ ଚାହୁଁ କି, ବନ୍ଧୁଗଣ, ଆମେ ସବୁ ପାଠଶାଠ ପଢ଼ି, ଶିକ୍ଷିତ ଉଚ୍ଚ ଶିକ୍ଷିତ, ସୁସଭ୍ୟ ମଣିଷ ହେଲୁ । ହେଲେ ଆଧୁନିକ ଶିକ୍ଷାବ୍ୟବସ୍ଥା ଆମକୁ କ'ଣ ଶିଖେଇଲା ? କେବଳ ବସ୍ତୁବାଦୀ ଜଗତ ସହ ସଂପର୍କ। ଆପେ ବଂଚିଲେ ବେପାର ନାଆଁ ନୀତିରେ କେବଳ ନିଜ ନିଜର ସୁଖ ସୁବିଧା ହାସଲ। ବ୍ୟକ୍ତି କୈନ୍ଦ୍ରିକ ମାନସିକତାର ବଶବର୍ତ୍ତୀ ହୋଇ କେମିତି ଅଧିକରୁ ଅଧିକ ଧନସଂପତ୍ତି ବ୍ୟାଙ୍କ ବାଲାନ୍ସ ବୃଦ୍ଧି କରିବା ? ଅଧିକରୁ ଅଧିକ କେମିତି କୋଠାବାଡ଼ି, ଗାଡ଼ିର ମାଲିକ ହୋଇପାରିବା ? କେମିତି ନିଜ ନିଜର ସମୃଦ୍ଧି ଓ ଉତ୍ତରୋତ୍ତର ଉନ୍ନତି ସାଧନ ପାଇଁ ସତତ ପ୍ରୟାସୀ ହେବା ? ଅନ୍ୟମାନଙ୍କୁ ପଛରେ ପକେଇ ନିଜେ କେମିତି ଆଗକୁ ବଢ଼ିବା ?'

ତେବେ ଆମ୍ଭର ଏସନ ପ୍ରାସଙ୍ଗିକ ପ୍ରଶ୍ନକୁ ଶୁଣୁଛ କିଏ ନା ବୁଝୁଛି କିଏ ? ବସ୍ତୁବାଦର କିମିୟା ଓ ଭେଲିକିରେ ମସଗୁଲ ପ୍ରାୟ ଆମେ ସଭିଏଁ । ନିଜ ନିଜର ମତଲବକୁ ନେଇ ସଭିଏଁ ମତ୍ତ, ପାଗଳ । ସେଥିପାଇଁ ତ ଆମ ପାଖରେ ସଂପର୍କ ତୁଚ୍ଛ, ନୀତି ଆଦର୍ଶ, ମୂଲ୍ୟବୋଧ ନଗଣ୍ୟ । ଆମେ ଭଲ ପାଇ ପାରୁନାହୁଁ କାହାକୁ । ନା ନିଜ ବାପା, ମା, ସ୍ତ୍ରୀ, ପିଲାଛୁଆଙ୍କୁ, ନା ଆତ୍ମୀୟ, ସ୍ୱଜନ, ପ୍ରିୟ ପରିଜନଙ୍କୁ ? କାର୍ଯ୍ୟବ୍ୟସ୍ତତାର ବାହାନା ଦେଖେଇ ପ୍ରକାରାନ୍ତରେ କ୍ରମଶଃ ଦୂରେଇ ଯାଉଛୁ ନିଜ ଲୋକମାନଙ୍କ ପାଖରୁ । ଆମେ ଭୁଲି ଯାଉଛୁ, ଆମ ଭିତରେ ଥିବା ମହତଗୁଣକୁ, ବିବେକପଣକୁ । ବଡ଼ ସଙ୍କଟ ସମୟ ଦେଇ ଏବେ ଆମେ ସଭିଏଁ ଗତି କରୁଛନ୍ତି, ସୁଧୀଜନେ ! ବସ୍ତୁବାଦର ହଟଚମଟ ଭିତରେ ଆମେ ଏତେ ସ୍ୱାର୍ଥ ସର୍ବସ୍ୱ ହୋଇପଡ଼ିଛୁ ଯେ ଆମ ପରସ୍ପର ଭିତରେ ଉତ୍ତମ ବୁଝାମଣାର ଅଭାବ ରହୁଛି । ଯେକୌଣସି ପ୍ରସଙ୍ଗ କି ମାମଲାକୁ ନେଇ ଆପୋସ ଆଲୋଚନା କରିବାକୁ ଆଦୌ ପ୍ରସ୍ତୁତ ନୁହଁ । ଅଧିକନ୍ତୁ ପ୍ରସଙ୍ଗକୁ ଅଧିକ ଜଟିଳ ଓ ବିବାଦୀୟ କରିଦେଉଛୁ । କଥା କଥାକେ ପାଟିତୁଣ୍ଡ, କଳିଗୋଳ, ଯୁକ୍ତିତର୍କ ସ୍ତରକୁ ଓହ୍ଲେଇ ଯାଉଛୁ । କେହି କାହାକୁ ବୁଝିବାକୁ କି ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି । ବାପା ପୁଅ ଭିତରେ, ସ୍ୱାମୀ ସ୍ତ୍ରୀ ଭିତରେ, ଭାଇ ଭାଇ ଭିତରେ, ଚାକର ମାଲିକ ଭିତରେ, କର୍ମଚାରୀ କର୍ତ୍ତାପକ୍ଷ ଭିତରେ, ସଚରାଚର ସଂପର୍କ-ସଂକଟ । ମୂଳ ପ୍ରସଙ୍ଗକୁ ଫେରିବା, ହଁ, ଜୀବନ ଉପରେ କୋଉଁ ଭରସା ? ପାଣି ଫୋଟକା ସମ ଆମ ଏ ଜୀବନ। କେତେବେଳେ ଫୁଟ୍‌କିନା ଫାଟିଯିବ ! ଇତିହାସ ସାକ୍ଷୀ ଅଛ, ପୁରାଣ ଶାସ୍ତ୍ର ପ୍ରମାଣ ରଖିଛି, କେତେକେତେ ପରାକ୍ରମୀ, ପ୍ରଭାବଶାଳୀ କୁବେର ପ୍ରାୟ ମହାଧନୀ; ଯେ' ଝାର ପ୍ରଭାବ, ପରାକ୍ରମ, ପ୍ରତାପ, ଔଦ୍ଧତ୍ୟ, ଅର୍ଥ, କ୍ଷମତା, ବାହୁବଳ ଦେଖେଇଛନ୍ତି ନିଜ ନିଜର ଜୀବନକାଳ ଭିତରେ । ହେଲେ ଯେତେବେଳେ ମୃତ୍ୟୁର ଶୀତଳସ୍ପର୍ଶ ସେମାନଙ୍କୁ ଛୁଇଁଛି ଯାନି ଯେତେବେଳେ ଚିରନିଦ୍ରାରେ ସେମାନେ ଶୋଇଯାଇଛନ୍ତି, ସେମାନେ କ'ଣ ସେମାନଙ୍କର ଜୀବନକାଳ ଭିତରେ ଅର୍ଜିଥିବା ଧନ ଦୌଲତ, ସଂପତ୍ତି, କୋଠାବାଡ଼ି, ବ୍ୟାଙ୍କ ବାଲାନ୍ସ, ଫାର୍ମ ହାଉସ ଇତ୍ୟାଦି ଇତ୍ୟାଦିକୁ ସେମାନଙ୍କର ସାଥୀରେ ନେଇ ଯାଇଛନ୍ତି କି ? ବିଶ୍ୱବିଜୟୀ ଗ୍ରୀକ୍ ସମ୍ରାଟ୍ ଆଲେକ୍‌ଜାଣ୍ଡର ନିଜର ମୃତ୍ୟୁ ପୂର୍ବରୁ ନିଜର ଇଚ୍ଛାକୁ ସ୍ୱଷ୍ଟ ଓ ସାର୍ବଜନୀନ କରିଦେଲେ, 'ଶବାଧାରରେ ଯେତେବେଳେ ମୋ ମର ଶରୀରକୁ ଶ୍ମଶାନ ନିଆଯିବ, ସେତେବେଳେ ମୋର ଦୁଇ ହାତ ପାପୁଲି ସଂପୂର୍ଣ୍ଣ ଖୋଲା ରହିବ । କାରଣ ଏ ଜଗତକୁ ଆସିବା ବେଳେ ମୁଁ ସାଥୀରେ କିଛି ନେଇ ଆସିନଥିଲି । ସେଇପରି ଏ ଜଗତରୁ ବିଦାୟ ନେବାବେଳେ କିଛି ବି ମୁଁ ସାଥୀରେ ନେଇଯିବି ନାହିଁ । ବିଲ୍‌କୁଲ୍ ଖାଲି ହାତ ! ବାଃ କି ଚମତ୍କାର ଜୀବନ ଦର୍ଶନ ।

ସୁଧୀବୃନ୍ଦ, ଏହା ସତ୍ୟ, ଧନ ଅର୍ଜନର ମୋହ ଏତେ ତୀବ୍ର ଯେ ସହଜରେ ଯା'ର ଶକ୍ତ ପନ୍ଝାରୁ ନିଜକୁ ସବୁକୁଲେଇ ହୁଏନାହିଁ । ତଥାପି ଜୀବଦ୍ଦଶାରେ ଧର୍ମ ଅର୍ଜନ ପାଇଁ ଆମେ ଏତେ କୁଣ୍ଠିତ କ'ଣ ପାଇଁ ?

ଧର୍ମ ଅର୍ଜନ ବା ଧର୍ମ ଆଚରଣ ଦୁରୂହ କି ଗହନ ବ୍ୟାପାର ନୁହେଁ । ଧର୍ମର ଅର୍ଥ ସ୍ୱଭାବ, ଗୁଣ, ଆଚରଣ, ପୁଣ୍ୟକର୍ମ । ଅନ୍ୟମାନଙ୍କ ପ୍ରତି ଆମର ସ୍ୱଭାବ, ଗୁଣ ଚରିତ୍ର, ଆଚରଣ ପ୍ରଦର୍ଶନ ହିଁ ଆମର ଧର୍ମ । ସତ୍‌ଚିନ୍ତା, ସତ୍‌କର୍ମ କରିବାକୁ ଆମେ ଆମର ଧର୍ମ ଅର୍ଜନ ବୋଲି କହି ପାରିବା । ଆମେ ଆମର ନିତିଦିନର କାର୍ଯ୍ୟବ୍ୟସ୍ତତା ଭିତରୁ କିଛି ସମୟ ବାହାର କରି ଅନ୍ୟମାନଙ୍କ ପ୍ରତି ଦୟା, କ୍ଷମା, ପ୍ରେମ, ସେବା, ସମବେଦନା, ସହଶୀଳତା ପ୍ରଦର୍ଶନ କରିପାରିବା। ବିପଦରେ ମଧ ଅନ୍ୟମାନଙ୍କୁ ସାହାଯ୍ୟ କରିପାରିବା । ଶାସ୍ତ୍ର ପ୍ରମାଣ କରୁଛ, ପରୋପକାରାୟ ସ୍ୱର୍ଗାୟ। ନିଜ ଭିତରେ ଥିବା ଘମଣ୍ଡ, ଦାମ୍ଭିକପଣ, ଯାବତୀୟ ବସ୍ତୁବାଦୀ ଅବିଗୁଣକୁ ପରିହାର କରି ଆମ ପରସ୍ପର ଭିତରେ ଶାନ୍ତି, ମୈତ୍ରୀ, ସଂପ୍ରୀତି, ସଦ୍‌ଭାବ ସ୍ଥାପନା କରିବା ହେଉଛି ପ୍ରକୃତ ଧର୍ମ ଅର୍ଜନ ।

ଅବଶ୍ୟ ଧର୍ମ ଅର୍ଜନର ଭାବାର୍ଥ ବୁଝିବା ବେଳେ ଏସମସ୍ତ ପୁଣ୍ୟକର୍ମ ସହ ଆଧ୍ୟାତ୍ମିକ ଚେତନା ଯୋଡ଼ି ହୋଇଯାଏ । ଆଧ୍ୟାତ୍ମିକ ଚେତନା ବା ଆତ୍ମା ସମ୍ବନ୍ଧୀୟ ଭାବନା ଧର୍ମ ଅର୍ଜନର ଭିତ୍ତିଭୂମି। 'ଈଶ୍ୱର ଅଛନ୍ତି ବୋଲି'ର ଦିବ୍ୟ ଅନୁଭବ ହିଁ ଆମକୁ ପୁଣ୍ୟକର୍ମ କରିବାକୁ ବା ଧର୍ମ ଅର୍ଜନ ପାଇଁ ପ୍ରେରଣା ଦେଇଥାଏ।

ସୁଧୀ ପାଠକେ, ବାଲ୍ୟକାଳେ ବା ପିଲାବେଳରେ ଆମେ ଯେଉଁ ଆଦର୍ଶରେ ଅନୁପ୍ରାଣିତ ହେଉ, ବୟସ ବଢ଼ିବା ସହ ପରବର୍ତ୍ତୀ ସମୟରେ ଆମେ ସେ ଆଦର୍ଶରୁ ଓହରିଯାଉ । ଯେଉଁ କାମ ବାଲ୍ୟକାଳରୁ ହେବା ଉଚିତ ବର୍ତ୍ତମାନ ଏ ପରିଣତ ବୟସରେ ଦେଖିବା ବେଳକୁ ସେ କାମ ଆମେ ଜମାରୁ ହାତକୁ ନେଇନାହୁଁ କିମ୍ବା ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି । ତେବେ ସେ ନେଇ ମନରେ ଚିନ୍ତା, ଅବସୋସ ଆଣିବାର ଆବଶ୍ୟକତା ନାହିଁ । ଏବେ ବି ସମୟ ଅଛି । କାମ ବହୁତ ହୋଇଗଲା ଧନ ଅର୍ଜନ। ଆସନ୍ତୁ ଏଣିକି ଧର୍ମ ଅର୍ଜନ ପାଇଁ ସଂକଳ୍ପ ନେବା । ହରିଓମ୍, ତତ୍‌ସତ୍ !


+ଡ୍ୟୁପ୍ଲେକ୍ସ:୧୦(ବି),
ବୀମାବିହାର, ମର୍କତନଗର,
ସେକ୍ଟର-୬, କଟକ-୭୫୩୦୧୪
ମୋ: ୯୪୩୭୦୯୦୯୮୫


# ଛୁ



## ଇଂ.ବିଦ୍ୟାଧର ପଣ୍ଡା



ଛୁ ମାରିଛି ଗୋଟିଏ କଅଁଳା ଛୁଆର ମାଆ। ଛୁଆଟି ରାହା ଧରି କେତେବେଲୁ ରଢିରଢି ଧକେଇଲାଣି। ଭଦ୍ରମହିଳା ଜଣକ କିଂକର୍ତ୍ତବ୍ୟବିମୂଢ଼। କାହା ମୁହଁରେ ବାଡବତା ନାହିଁ। କିଏ କେତେ କଥା କହୁଛନ୍ତି। କିଏ କହୁଛି ଏଇ ବୋଧେ ସେ ଛୁଆର ମାଆକୁ ଭଗେଇ ଦେଇ ନାଟକ କରୁଛି। କିଏ କହୁଛି ଯା ପିଠିରେ ଦିଧଡା ପଡିଲେ ସତ ବାହାରିବ। ଜଣେ କହୁଛି ୟାରି ଭଉଣୀ ବୋଧେ ପାପଗର୍ଭ କରିଥିବାରୁ ତା'କୁ ଏଠି ଆଣି ଏମିତି ଏକ ପ୍ରହସନ ଲଗେଇଛନ୍ତି। ଗ୍ରହୁଁଗ୍ରହୁଁ ପୋଲିସ ଦଳ ଓ ସାମ୍ବାଦିକଙ୍କ ସଂଖ୍ୟା ବଢିବାକୁ ଲାଗିଲା। ଭଦ୍ରମହିଳା ଜଣକ ମଝିରେ ମଝିରେ ଭିଡ ଭିତରେ ଦୁଇଆଖିକୁ ପହଁରେଇ ଛୁଆର ମା'କୁ ଖୋଜୁଥାନ୍ତି। କେହିଜଣେ ସେହିପରି ଦେଖାଗଲେ ଟକଟକି ମାରି ଅନେଇଲେ ଉପସ୍ଥିତ ବାଲୁଙ୍ଗା କେଇଟା ଥଟ୍ଟା ପରିହାସ କରି ଏଣୁତେଣୁ କହୁଥାନ୍ତି। ଭଦ୍ରମହିଳା ଜଣକ ଚୁପ୍‌ଚାପ୍ ସହୁଥାନ୍ତି। କ'ଣ କରିବେ ତା'ଙ୍କ ମୁଣ୍ଡରେ କିଛି ପଶୁନଥାଏ। ଶେଷରେ ଘରକୁ ଫୋନ୍ କରି ଜଣେଇବାକୁ ଭାବି ମୋବାଇଲ୍ ବଟନରେ ଟିପମାଇଲେ।

-ତୁମେ କୋଉଠି ? ମୁଁ ଟ୍ରେନ୍ ମିସ୍‌କଲି।

-କଣ ପାଇଁ ? ସଦାବେଳେ ତମର ଡେରି.. କାନ୍ଦୁଛ କାହିଁକି ? କ'ଣ କିଛି ଅସୁବିଧା ହୋଇଛି ?

-ଗୋଟିଏ ମାଆ ତା ଛୁଆକୁ ମୋ'ପାଖରେ ଶୋଇ ଦ୍ୱଏଇଠୁ ଆସୁଛି' ବୋଲି କହି ଛୁ ମାରିଛି। ଘଂଟାଏ ହେଲାଣି ତା'ର ଦେଖାନାହିଁ। ମୁଁ ଭାବିଲି ପରିସ୍ରା କି ଦୁଇ କରି ଦଶମିନିଟ୍ ଭିତରେ ଫେରିବ। ମୋର ଟ୍ରେନ୍ ଆସିବାକୁ ଅଧଘଂଟାଏ ଥାଏ। କିନ୍ତୁ ସେ ଏପର୍ଯ୍ୟନ୍ତ ଫେରିଲାନି, ତେଣୁ ମୁଁ ଛୁଆଟିକୁ ଛାଡି ଯାଇପାରିଲିନି।

- ତମେ ପରା ପାଠ ସାଠ ପଢିଛ ? ସ୍ତ୍ରୀ ଲୋକକୁ ଦେଖି ସେଇଟା ପାପ ଗର୍ଭକି ଅସଲି ଛୁଆ ଜାଣିପାରିଲନି ?

- ମୋ ଆଗରେ କ୍ଷୀର ପେଇଲା, ଭଲକଥା ହେଲା। ଟିକେ ଆସୁଛି ବୋଲି କହି ଗଲା ଯେ ଗଲା।

-ଏବେ କ'ଣ କରିବ। ସିଲା କହିଛି ମାଉସୀ ଆସିଲେ ମେହେନ୍ଦି କରିବ। ଗୋଟାଏ ବୋଲି ମାଉସୀ ଯଦି ବାହାଘର ପୂର୍ବଦିନ ପହଁଚିଲାନି ଲୋକେ କ'ଣ କହିବେ ? ମୁଁ ଦେଖୁଛି ତୁମର ବୁଦ୍ଧିବୃତ୍ତି କିଛି ନାହିଁ। ପରଛୁଆ ଯୋଗୁଁ ହଟହଟା ହୋଇ ଏବେ ମୋତେ ହିଁ ହଇରାଣ କରିବ ?

-ଏଠି ବହୁତ ସାମ୍ବାଦିକ ଓ ପୋଲିସ ଦଳ ପହଁଚିଲେଣି। ଆଉ ଅଳ୍ପ ସମୟ ଭିତରେ ଲାଗୁଛି ଅନାଥାଶ୍ରମର କାହାକୁ ଡାକି ପିଲାକ ହସ୍ତାନ୍ତର କରିବାକୁ କଥା ହେଉଛନ୍ତି। ଛୁଆଟିକୁ ନେଇଗଲେ ମୁଁ ଜେନେରାଲ୍ ସିଟ୍‌ରେ ବସି ଏଠାରୁ ଚ୍ଛଲିଯିବି। ତୁମେ ମୋତେ ଏବେ ଅପେକ୍ଷା କରନି। ସିଲାକୁ ଫୋନ୍‌କରି କହିଦେବ ଆମେ ସନ୍ଧ୍ୟାରେ ନିଶ୍ଚିତ ପହଁଚିବା। ମୁଁ ଚିଲିକା ପାରହେବା ପରେ ଫୋନ୍‌କଲେ ମୋତେ ନେବାକୁ ଆସିବ। ରହୁଛି, ବାଏ।

ଘଟଣାଟି ଘଟିଛି ଭୁବନେଶ୍ୱର ରେଳଷ୍ଟେସନ୍‌ରେ। ଭଦ୍ରମହିଳା ଜଣେ ବରହଂପୁର ଯିବାକୁ ଅପେକ୍ଷା କରିଥିବାବେଳେ ଅନ୍ୟ ଜଣେମହିଳା ଆଠମାସର ଛୁଆଟିକୁ କୋଳରେ ଧରି ପାଖରେ ଆସି ବସିଲା। ଟିକେ ପରେ ଛୁଆକୁ କ୍ଷୀର ଖୋଇଲା ଭିତରେ ଭଲଭଲ କଥାହେଲା। କିଛିସମୟ ପରେ ଛୁଆଟିର ପେଟ ପୁରିଯିବାରୁ ନିଦ ଆସିଗଲା। ମହିଳା ଜଣକ ଭଦ୍ର ମହିଳାଙ୍କଠାରୁ ଟିକିଏ ଘୁଂଚିଆସି ଛୁଆକୁ ମଝିରେ ଶୋଇଦେଇ କହିଲା, 'ଆପଣଟିକେ ଦେଖୁଥାନ୍ତୁ ମୁଁ ସଙ୍ଗେସଙ୍ଗେ ଆସୁଛି।' ଗଲା ଯେ ଗଲା , ଆଉ ଫେରିଲାନି। ୟା'ଭିତରେ ଭଦ୍ର ମହିଳାଙ୍କର ପୂର୍ବରୁ ଆରକ୍ଷିତ ଟ୍ରେନ୍‌ବି ଚ୍ଛଲିଗଲାଣି। କିଛି ବୁଦ୍ଧିବାଟ ନପାଇ ପାଖାପାଖି ବସିଥିବା ଲୋକଙ୍କୁ ସାହାଯ୍ୟ ମାଗିବା ଭିତରେ ଜନୈକ ଭଦ୍ରବ୍ୟକ୍ତି ପୋଲିସ୍‌କୁ ଖବର କରିଦେଲେ ଏବଂ ଅନ୍ୟ କିଏ ସାମ୍ବାଦିକ ମାନଙ୍କୁ ଜଣେଇଲେ। ଏବେ ଜଣେ ସାମ୍ବାଦିକ ଲାଇଭ୍ ସୋ ଚଲେଇଲେଣି। ଛୁଆଟି ଉପରକୁ ମର୍କ୍ୟୁରିଲାଇଟ୍ ପକେଇ ତା' କଅଁଳ ଚମ ତାତିବାରୁ ସେ ଭେମା ରଢି କରି କାନ୍ଦିବା ଆରମ୍ଭ କଲାଣି, କିନ୍ତୁ ସାମ୍ବାଦିକ ବନ୍ଧୁ ଜଣକ ଖବର ପରିବେଷଣରେ ବ୍ୟସ୍ତ।

- ଦେଖନ୍ତୁ, ଦେଖନ୍ତୁ, ଆଜ୍ଞା। ଏ ନିରିହ ଛୁଆଟିକୁ। ମାଆଟି କେତେ ନିଷ୍ଠୁର ଆପଣମାନେ ଏ ଛୁଆଟିର ବିକଳ କ୍ରନ୍ଦନରୁ ବୁଝିପାରୁଥିବେ। ଲାଗୁଛି ଅବିହାଡି ଝିଅର ଏ କାରନାମା। ଏବେକାର ଅଖାଦ୍ୟ ଖାଇ ଝିଅଗୁଡା ଜଲଦି ଗୃହଯୋଗ୍ୟା ହେଉଛନ୍ତି ଏବଂ ଏପରି ଛୁଆ ଜନ୍ମ କରୁଛନ୍ତି। ଆଜିକାଲି ଝିଅମାନେ ବିବାହ ପୂର୍ବରୁ ନିଜର ପୁରୁଷ ସାଥୀଙ୍କୁ ନିଜର ସର୍ବଶ୍ୱ ପରଷିଦେବାର ଏହାହିଁ ଫଳ। ବର୍ତ୍ତମାନ ଏ ଛୁଆଟିର ଭବିଷ୍ୟତ କ'ଣ ? ଅନାଥାଶ୍ରମରେ ଏପରି ଛୁଆ କେତେ ସୁରକ୍ଷିତ ! ବାପା ମା' ଥାଇସୁଧା ଏ ପିଲାଟି ଆଜି ଅରକ୍ଷିତ ପରି କ୍ଷୀରଟୋପେ ପାଇଁ ଡହଳବିକଳ ହୋଇ କାନ୍ଦୁଛି। ବାଟଛାଡ, ବାଟଛାଡ। ପ୍ରମିଳାମାମ୍ ଆସିଲେଣି। ପୋଲିସ୍ ଅଧିକାରୀଏବେ ପିଲାଟିର ହସ୍ତାନ୍ତର କାଗଜପତ୍ର କରି ତା'ଙ୍କ ହାତକୁ ଟେକିଦେବେ। ଏ ପିଲାର ଭାଗ୍ୟରେ ଆଗକୁ କ'ଣ ଅଛି ସମୟ କହିବ।

ପ୍ରମିଳା ମାମ୍ ଆସି ସେ ଭଦ୍ରମହିଳା ଜଣକ ସାଙ୍ଗରେ କିଛି ତୁନିତୁନି କଥା ହେଲେ। ସିନେମା ସୁଟିଂ ହେଲା ପରି ଏକାବେଳେ ବହୁତ ସାରା ଲାଇଟ୍ ସେହି ତିନିଜଣଙ୍କ ମୁହଁରେ ପଡୁଥିବାରୁ ସେମାନଙ୍କୁ ଅସହ୍ୟବୋଧ ହେଉଥାଏ। ଏବେ ତିନିଚ୍ଛରି ଟିଭି ସାମ୍ବାଦିକ ଲାଇଭ୍‌ସୋ ଆରମ୍ଭ କରି ଦେଇଥାନ୍ତି। ସେମାନଙ୍କର ଉଚ୍ଚସ୍ୱର ଏବଂ ଛୁଆର ରଢି ସାଙ୍ଗକୁ ଉପସ୍ଥିତ ଦର୍ଶକଙ୍କର କୋଳାହଳ ଭିତରେ ମୁସାଫିର୍‌ଖାନାଟି ଉଚ୍ଛୁଳି ପଡୁଥାଏ। ଭଦ୍ରମହିଳା ଜଣକ ସେହି ଛୁଆଟିର ମାଆର ବେଶଭୂଷା ବର୍ଣ୍ଣନାକରି ପ୍ରମିଳା ମାମ୍‌ଙ୍କୁ କହୁଥାନ୍ତି। -ନ୍ତଗୋଲାପି ରଙ୍ଗର ସିଫନ୍ ଶାଢୀ ସାଙ୍ଗରେ ମ୍ୟାଚିଂ ବ୍ଲାଉଜ୍ ପିନ୍ଧିଥିଲା। କାନରେ ଝରାଫୁଲ। ମୁଣ୍ଡରେ ଖୋସା ପାରିଥିଲା। ଉଚ୍ଚ କପାଳି। ଆଖି ରଙ୍ଗ କଳା, ଟିକେ ବଡବଡ ଡିମାଡିମା। ମଝାଲିଆ ଚେହେରା, ମୋଟି ନୁହେଁକି ପତଳି ନୁହେଁ। ଛାତି ଚଉଡା, ଅଂଟାଛୋଟ। ଓଠରେ ଗୋଲାପି ଲିପ୍‌ଷ୍ଟିକ୍ ଓ ଆଇବ୍ରୋ ବି ସାଇଜ୍ କରି କଳା ମାରିଥିଲା। ଦୁଇଟା ଚିତ୍ରକାର ଟୋକାଏ ସବୁରୂପ ବର୍ଣ୍ଣନାକୁ ଶୁଣିଶୁଣି ସ୍କେଚ୍‌କରିବାକୁ ଲାଗିଥାନ୍ତି। ଟିକିଏରହି ପୁଣି ଭଦ୍ରମହିଳା ଜଣକ ତାଙ୍କର ଅଧାବର୍ଣ୍ଣନାକୁ ପୁରା କରିବାକୁ ଲାଗିଲେ। ପାଦରେ ହାଇହିଲ୍ ସ୍ଲିପର୍‌ସାଙ୍ଗକୁ ହଳଦିଆ ଓନିଟେ ଘୋଡି ହୋଇଥିଲା। ଉଚ୍ଚତା ସାଢେ ଚ୍ଛରିଫୁଟରୁ ଟିକେ ଅଧିକା ହୋଇପାରେ। ପୁରିଲା ପୁରିଲା ଗାଲ ଭିତରେ ଭଉଁରି ପଡୁଛି। ନାକଚେପଟା ଓ ଛୋଟସାଙ୍ଗକୁ ପାଟି ଟିକେ ବଡ..।

ହଠାତ୍ ଉପରୋକ୍ତ ବର୍ଣ୍ଣନା ସହ ମିଶୁଥିବା ଜଣେ ମହିଳା ସମସ୍ତଙ୍କୁ ଧକ୍କାଦେଇ ଭିଡ ଭିତରେ ଧସେଇ ପଶି ଛୁଆଟିକୁ ଛାତିରେ ଜାବୁଡି ଧରି ଚୁମିବାକୁ ଲାଗିଲା। ଭଦ୍ରମହିଳା ଜଣକ ତା'ଗାଲରେ ଗୋଟିଏ ଶକ୍ତ ଚ୍ଛପୁଡାମାରି 'ବଜାତ୍ ମାଇକିନା' ବୋଲି ଚିତ୍କାର କଲେ ହେଲେ ସିଏ ଏସବୁକୁ କିଛି ଖାତିର ନ କରି ତା'ର ଛାତିରୁ ଶାଢୀ କାଢି ବ୍ଲାଉଜତଳ ବଟନ୍ ଖୋଲି ବାଁ ବକ୍ଷୋଜ ଭୃଣକୁ ତା'ର କ୍ରନ୍ଦନରତ ଶିଶୁଟିର ମୁହଁରେ ପୁରେଇ ଓନିରେ ଢାଙ୍କିଦେଲା ପରେ ସମସ୍ତଙ୍କ ଆଡକୁ ଚ୍ଛହିଁକହିଲା- ମୁଁ ଏ ଛୁଆର ମାଆ। ଟ୍ରେନ୍ ଟୟେଲେଟ୍‌ରେ ଶୌଚ ହେବାକୁ ଯିବାସମୟରେ ଟ୍ରେନ୍‌ଟି ଛାଡିଦେବାରୁ ଓହ୍ଲାଇ ପାରିଲିନି ବୋଲି ମୋତେ କଟକ ଯିବାକୁ ପଡିଲା। ସେଠାରେ ଓହ୍ଲାଇ ମୁଁ ଅଧଘଂଟା ବସିବା ପରେ ଫେରିବାପାଇଁ ଏକ ଟ୍ରେନ୍ ମିଳିବାରୁ ଫେରିଲି। ସମସ୍ତେ ଆଶ୍ଚର୍ଯ୍ୟ। ଲାଇଭ୍ ସୋ ବାଲାସବୁ ପ୍ୟାକ୍‌ଅପ୍ କରି କିଏ କେଉଁଆଡକୁ ଦୌଡିଲେ। ଏହି ନାଟକରେ ଏମିତି ଏକ ମୋଡ ଆସିହଠାତ୍ ଯବନିକା ପଡିବ ବୋଲି କେହିଭାବି ନଥିଲେ। ଦୁଇମିନିଟର ଅନ୍ତରାଳରେ ସେଠିଥିଲେ କେବଳ ଭଦ୍ରମହିଳା, ପ୍ରମିଳା ମାମ୍ ସାଙ୍ଗରେ ସେହିମାଆ ଓ ଛୁଆ ଦୁଇଜଣ। ସମୁଦାୟ ଚ୍ଛରିଜଣ ମାତ୍ର। ପ୍ରମିଳା ମାମ୍ ଭଦ୍ରମହିଳାକୁ କହିଲେ ଟିକିଏ ପରେ ମୁଁ ମୋ କାର୍‌ରେ ବରହଂପୁର ବାହାରିବି, ଆମେ ସାଙ୍ଗହୋଇ ଚ୍ଛଲିଯିବା। ତୁମେ ତୁମବାବୁଙ୍କୁ ଟେଲିଫୋନ୍ କରିଦିଅ ମୁଁ ତୁମକୁ ନେଇ ତୁମ ଘରେ ଛାଡିଦେବି, ସେ ବ୍ୟସ୍ତ ହେବେନି। ଶେଷରେ ସେ ଛୁ ମାରିଥିବା ମହିଳାଙ୍କୁ କହିଲେ ଏମିତି ଆଉଦିନେ ବି ଛୁଆକୁ ଛାଡି ଷ୍ଟେସନ୍‌ରେ ଗାଡି ଭିତରେ ଶୌଚହେବାକୁ ଯିବନି। ସୁଲଭ ଶୌଚାଳୟ କାହାପାଇଁ ଅଛି ? ଛୁଆଟି କେତେ କାନ୍ଦିଲା, ତୁମେ ଦୁଇଘଂଟା ହେଲା କେତେ ମାନସିକ ଯନ୍ତ୍ରଣା ଭୋଗିଲ ? ଏ ଭଦ୍ରମହିଳା ଜଣକ ତୁମପାଇଁ କେତେକଥା ଶୁଣିଲେ। ନିଜ ଟ୍ରେନ୍ ବି ମିସ୍‌କଲେ। ତୁମପରି ଶିକ୍ଷିତା ମହିଳାଙ୍କ ପାଖରୁ ଏହା ଆଦୌ ଆଶା କରାଯାଏନା। ଆଉଟିକେ ପରେ ଛୁଆ ଆମ ସାଙ୍ଗରେ ଚ୍ଛଲିଯାଇଥିଲେ ବିଚରା କେତେ ହଇରାଣ ହୋଇଥାନ୍ତ ଜାଣିଛ ! ଜୀବନରେ ଆଉ ଏମିତି କେବେ ଛୁଆକୁ ଛାଡି ଛୁ କରିବନି।


+ଏଲ୍-୧୭/୧୫,
ପଂଚଶଖା ନଗର, ଡୁମୁଡୁମା,
ଖଣ୍ଡଗିରି, ଭୁବନେଶ୍ୱର-
୭୫୧୦୧୯,
ମୋ- ୯୪୩୯୧୨୮୦୫୦
/ ୭୯୭୮୦୧୯୦୮୧,


# ଶେଫାଳୀ ବନାମ ସଫଳା



## ବିଜୟଲକ୍ଷ୍ମୀ ପାଣିଗ୍ରାହି

ବଞ୍ଚିବାକୁ କଣ ଖାଲି ଆୟୁଷ ଦରକାର ? ଭାତ ସାଥିରେ ଡାଲି, ଭଜା, ତରକାରୀ ଲୋଡ଼ା ପଡିଲା ଭଳି ନାଚ-ଗୀତ- ଗପ , ଦେହ, ମନ, ପ୍ରେମ, ସ୍ୱପ୍ନ କେତେ କଣ ସବୁ ଲୋଡ଼ା ନ ହୁଏ ଏ ଆୟୁଷ ସାଥିରେ । ଉଡି ଯାଇଥିବା ଗୁଡି କଥା ଭାବି ଭାବି ନଟେଇର ଅଡୁଆ ସୂତା କେରାଏରେ କାହିଁକି ବା ସମୟ ସାରନ୍ତେ ? ମଲା ନଈର ଶୁଖା ସ୍ୱରରେ କଣ ବା ଥାଏ ଯେ ? ବାହାଘର ପରେ ପରିବାର, ବନ୍ଧୁବାନ୍ଧବ, ପିଲା ଛୁଆଙ୍କ ଜଞ୍ଜାଳ ଭିତରେ ଠିଆ ହୋଇ ଚାଲିବାକୁ ଫୁରୁସତ୍ ନ ଥିଲା ତାଙ୍କୁ। ସମୟ ସହ ଟକ୍କର ଦେଲାବେଳେ ସେ ହିଁ ପଛୁଆ ହୋଇଯାଆନ୍ତି ବାରବାର। ଆଉ ସମୟ ଆଗକୁ ଚାଲିଗଲେ କୁଢ଼ କୁଢ଼ କଥା କାନରେ ବାଜି ଆଖିକୁ ଲୁହାଇ ଦେବା ଦେହସୁଆ ହୋଇଗଲାଣି। କାଳେ କିଏ ସେ ଲୁହକୁ ଦେଖିନେବ ସେଥିପାଇଁ କି କଣ ସଦାବେଳେ ସେ ନଇଁ ଯାଆନ୍ତି ଭୂଇଁ ଆଡକୁ।

ନାତୁଣୀ ପ୍ରଥମ ଶ୍ରେଣୀରେ ପଢିଲାଣି। ଆଜିକାଲି ଡିଆଁ ରୋଗ ଭଳି ମାଡି ଚାଲିଛି ଜନ୍ମଦିନ ପାଳନଟା। ଫେସବୁକ, ଇନଷ୍ଟାଗ୍ରାମ ଆଉ ସ୍କୁଲରେ ତାରିଖ ଅନୁସାରେ ଏବଂ ଘରେ ତିଥି ଅନୁସାରେ ବର୍ଷକୁ କେତେଥର ଏ ଜନ୍ମଦିନ ପାଳନ ହେଉଛି ତାର ହିସାବ ନାହିଁ। ରିୟାର ଜେଜିମାଆଙ୍କର ଜନ୍ମଦିନ ପାଳନର ଫଟୋ ଫେସବୁକ ଓ ହ୍ୱାଟ୍ସଆପ ଷ୍ଟାଟସରେ ଦେଖି କମେଟ ଦେଉଛି ରିମା।



ରିମା ! ବକଟେ ପିଲା ହେଲେ କଣ ହେଲା କୋଭିଡ ସମୟରେ ଏ ଅନଲାଇନ ପାଠ ପଢ଼ାପଢିରେ ମୋବାଇଲ ଚଳାଇବାରେ ଖୁବ ଧୁରନ୍ଧର। ଦୌଡ଼ି ଆସି ରିମା ଜେଜିମାକୁ ପଚାରିଲା, 'ଜେଜିମା ! ତମକୁ କେତେ ବୟସ ହେଲା ? ତମ ଜନ୍ମଦିନ କେବେ ହେବ ? ମୁଁ ବି ତୁମ ଫଟୋ ଷ୍ଟାଟସରେ ରଖିବି। 'ଏତିକି କହି ନାତୁଣୀ ଚାଲିଗଲା ସିନା ହେଲେ ତା ପ୍ରଶ୍ନର ଉତ୍ତର ଖୋଜି ଖୋଜି ତିନି ଥର ଆଙ୍ଗୁଠିର ପଗ ଗୁଡିକୁ ଗଣି ସାରିଲେଣି ହେଲେ ବି ହିସାବ ବରାବର ହେଉନି। ବୋଧହୁଏ ଏକଷଠି କି ବାଷଠି ବର୍ଷ ହେବ। ଦୀର୍ଘ ଶ୍ୱାସଟିଏ ପକାଇ ଦୁଇ ହାତକୁ ମୁଣ୍ଡରେ ରଖିଲେ। ଜୀବନଟା ସରି ସରି ଆସିଲାଣି। କାହିଁ, ନିଜପାଇଁ କଣ କଲେ ଏ ଦୀର୍ଘ ଜୀବନର ଅବଧିରେ ? କାଲି କଥା ଯେତେବେଳେ ଆଜି ମନେ ପକାଇ ପାରୁନାହାଁନ୍ତି ସେଠି ପିଲା ଦିନର ବାଲିଘର ଖେଳ, ଡାଳ ମାଙ୍କୁଡ଼ି, ବୋହୁଚୋରି, ପଦ୍ୟାନ୍ତର, ଆଉ କବିତା ଲେଖା ସବୁ ଯେପରିକି ବେଳାଭୂମି ଉପରେ ପାଦତଳର ଚୋରାବାଲି। ଥଣ୍ଡା ପାଣିରେ ଧୁଆ ମୁହଁଟିକୁ ପଣତର ପୋଛି ପୋଛି ସେ ଶୋଇବା ଘରକୁ ଗଲେ। ମନଟା ଆଜି କାହିଁକି କେଜାଣି ଦୀର୍ଘ ଦିନ ଧରି ସାଇତି ରଖିଥିବା ଡାଏରୀଟିକୁ ହିଁ ଝୁରି ହେଉଛି। ଆଲମୀରାର ଲୁଗାଥାକ ଭିତରୁ କାଢ଼ିଲେ ସରୁ ଡାଏରୀଟିଏ, ଯେଉଁଥିରେ ସେ କଲେଜ ପଢିବା ସମୟର ମ୍ୟାଗାଜିନ ପାଇଁ ଲେଖିଥିଲେ କିଛି କବିତା। ଖଟ ଉପରେ ବସି ଡାଏରୀର ଗୋଟିଏ ପରେ ଗୋଟିଏ ପୃଷ୍ଠା ଓଲଟାଇବାରେ ଲାଗିଲେ। ପ୍ରଚ୍ଛଦ ପଟରେ ଭାସମାନ ହେଉଥିଲା କିଛି ଚଳଚଞ୍ଚଳ ଦୃଶ୍ୟ। କଲେଜ ସାଙ୍ଗ ରିତା କଥା ମନେ ପଡିଗଲା। ସେ କହୁଥିଲା, 'କବିତାଗୁଡିକ ଭାବଧାରା କୁଆଡେ ଖୁବ ମାର୍ମିକ ଥିଲା। ସେଥିପାଇଁ ତ ନିଜ ନିଜ ନାମ ଲେଖି ରିତା ଭଳି କିଛି ସାଙ୍ଗ ଯାଙ୍କର କିଛି କବିତାକୁ ମ୍ୟାଗଜିନରେ ପ୍ରକାଶିତ କରିଥିଲେ। ଶେଷ କବିତାଟି ଖୁବ ଉଚ୍ଚକୋଟୀର ଥିଲା। ଯାହାକି ମ୍ୟାଗାଜିନର ମାନ ବଢାଇ ଦେଇଥିଲା।

ଦୁଇ ଥର କବିତାଟିକୁ ପଢି ସାରିଲେଣି। ତଳେ ଲେଖାଥିବା ଅକ୍ଷରଗୁଡିକୁ ସାଉଁଳୁଛନ୍ତି। ତଳେ ଲେଖା ହୋଇଛି କବୀ ସଫଳା ପାଢ଼ୀ। ସଫଳା ! ତୁଚ୍ଛାରେ ଏ ନାଆଁଟି ମାଆ ଦେଇଥିଲା। କୋଉଠି, କେତେବେଳେ, କେଉଁ କାମରେ ବା ସେ ସଫଳ ହେଲେ ? ପ୍ରତି କାର୍ଯ୍ୟ ତ କରିଛନ୍ତି ହେଲେ ସଫଳ ହୋଇଛନ୍ତି କି ନାହିଁ ତାହା ଜାଣି ନାହାଁନ୍ତି। କାରଣ କାଇଁ କେତେବେଳେ, କେହି ତ ତାଙ୍କୁ ତାଙ୍କ କାମ ପାଇଁ ଟିକେ ପ୍ରଶଂସା କରି ନାହାଁନ୍ତି। ବରଂ ସବୁ କାର୍ଯ୍ୟର ଶେଷରେ ବଛା ହୋଇଛି ତାଙ୍କର ଅପାରଗତା। ଟାଣ ଟାଣ କିଛି କଥା କାନରେ ପଶି ଆଖିକୁ ଜଳପୂର୍ଣ୍ଣ କରନ୍ତି। ଟପ୍ କରି ଖସି ପଡୁଥିବା ଲୁହକୁ କାଳେ କିଏ ଦେଖିନେବ ସେଥିପାଇଁ କାନିରେ ଝଟ୍ କରି ସେ ପୋଛି ନିଅନ୍ତି। ହେଲେ ଅତୀତକୁ ଉଖାରୁ ଉଖାରୁ ଆଜି କାନିରେ ପୋଛିବା ପୂର୍ବରୁ ଲୁହ ଦୁଇଟୋପା ଡାଏରୀରେ ସେହି ଶେଷ ଧାଡି ଉପରେ ହିଁ ପଡିଗଲା। ଲୁହ ସହ କାଳି ଏମିତି ପ୍ରସରୀ ଗଲା ଯେ ସଫଳା ଶବ୍ଦରେ ଥିବା ଅକ୍ଷର ଗୁଡିକର ଆକାର ବଦଳି ଯାଇ ଶେଫାଳି ହୋଇଗଲା। ତାତ୍ସଲ୍ୟଭରା ହସଟିଏ ହସି ସେ କଲୁଥିଲେ ତାଙ୍କ ନୂଆ ନାଁ ସହ ଜୀଇଁଥିବା ଜୀବନକୁ।

ଶେଫାଳି ପରି ତ ସେ ଜୀବନରେ କେବେବି ଦେଖିଲେନି ସକାଳର ସୂର୍ଯ୍ୟୋଦୟ। ଦୀର୍ଘ ଷାଠିଏ ବର୍ଷର ଅନ୍ଧକାର ଜୀବନ ତାଙ୍କର ଅଳିକ ହୋଇ ପଡିଲା ସତ ହେଲେ ଶେଫାଳି ପରି ସେ ଲୋଟି ପଡିଲେନି ଶେଜ ଉପରେ। ଖଟରୁ ଉଠି ଟେବୁଲ ଉପରେ ଥିବା କଲମ ଉଠାଇ ଅଣ୍ଟା ସଳଖି ଠିଆହେଲେ। ତାପରେ ଶେଫାଳିକୁ ସଫଳା କରି ସାରିବା ପରେ ଲେଖି ଚାଲିଲେ ପୃଷ୍ଠା ପରେ ପୃଷ୍ଠା କବିତା......।


+ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ - ୮୨୪୯୪୫୦୦୫୦

# ସୈନିକ ସ୍କୁଲରେ ଏନ୍.ସି.ସି . ସିନିଅର ଡିଭିଜନ ବାର୍ଷିକ କ୍ୟାମ୍ପ୍

ଭୁବନେଶ୍ୱର,୨୬/୧୨ (ନି.ପ୍ର): ଭୁବନେଶ୍ୱର ସୈନିକସ୍କୁଲ ପରିସରରେ ଡିସେମ୍ବର ୧୯ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ୭୮ କ୍ୟାଡେଟ୍ ସମ୍ବଳିତ ବାର୍ଷିକ ସମର ଶିକ୍ଷାର୍ଥୀ ପ୍ରଶିକ୍ଷଣ ଶିବିର ସୈନିକସ୍କୁଲ ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍.ଡୋମିନିକ ରାୟନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । କ୍ୟାମ୍ପରେ ଯୋଗ ଦେଇଥିବା ସମସ୍ତ କ୍ୟାଡେଟ୍ ମାନଙ୍କୁ ସମାନ ସୁଯୋଗ ଦେବା ଉଦ୍ଦେଶ୍ୟରେ ସେମାନଙ୍କୁ ଛଅ ଭାଗରେ ବିଭକ୍ତ କରାଯାଇଥିଲା । ଶିବିର ସ୍ଥାପନ , ସକାଳ ପି.ଟି.,ଅବଷ୍ଟାକଲ୍ କୋର୍ସ ଅଭ୍ୟାସ ,ଅସ୍ତ୍ରଶିକ୍ଷା ,ଭାବ ଆଦାନ ପ୍ରଦାନ,ନେତୃତ୍ୱ ଦକ୍ଷତା , ବ୍ୟକ୍ତିତ୍ୱ ଅଭିବୃଦ୍ଧି , ଆନ୍ତଃ ପ୍ରତିଯୋଗିତା , ଖେଳକୁଦ , ଡ୍ରିଲ୍ ,ଏବଂ ବନ୍ଧୁକ ଚାଳନା ପ୍ରଭୃତି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ଶେଷରେ କ୍ୟାଡେଟ୍ ମାନଙ୍କ ଦ୍ୱାରା ଏକ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।ଏଥିରେ ଏନ୍.ସି.ସି. ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କମୋଡର ସୌମେନ ବାନାର୍ଜୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବଂଟନ କରିଥିଲେ ।

ଏଥିରେ କମାଣ୍ଡର ଉଷାସାଇଂଓାନ୍ କ୍ୟାମ୍ପ୍ କମାଣ୍ଡାଂଟ ଏବଂ କ୍ୟାପ୍ଟେନ୍ ବିଘ୍ନେଶ୍ୱର ପ୍ରଧାନ ଡେପୁଟି କ୍ୟାମ୍ପ୍ କମାଣ୍ଡାଂଟ ଭାବେ ସମସ୍ତକାର୍ଯ୍ୟ ପରିଚାଳନା କରିଥିଲେ । ଏ.ଏନ୍.ଓ. ଶ୍ରୀ ଡି.ଗୋଲାନି ଏବଂ ଅନ୍ୟ ଏନ୍.ସି.ସି. ଅଫିସରମାନେ ସହଯୋଗ କରିଥିଲେ ।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଏଥର ଦୁରୁଆ ଜନଜାତିଙ୍କ ପାରମ୍ପରିକ ବୟନକଳା

ଭୁବନେଶ୍ୱର,୨୬/୧୨ (ନି.ପ୍ର): ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଡିସେମ୍ବର ୨୬ ତାରିଖ ଦିନ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଦୁରୁଆ ଜନଜାତିଙ୍କ ପାରମ୍ପରିକ ବୟନକଳା ଓ କାରିଗରୀ ଦେଖିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଓଡ଼ିଶାର ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଦୁରୁଆ ଜନଜାତିମାନେ ମୁଖ୍ୟତଃ ବସବାସ କରିଥାନ୍ତି । ସେମାନଙ୍କର ମୁଖ୍ୟ ପେଶା ହେଉଛି କୃଷି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ବାସ୍କେଟ ତିଆରି ଇତ୍ୟାଦି । ମୂଳତଃ ସେମାନଙ୍କୁ ଗୋଣ୍ଡ ଜନଜାତିର ଅଂଶ ଭାବେ ଧରାଯାଏ। ସେମାନେ ବିଭିନ୍ନ ଦେବଦେବୀଙ୍କୁ ପୂଜା କରିଥାନ୍ତି ଓ ବହୁ ପର୍ବପର୍ବାଣି ପାଳନ କରିଥାନ୍ତି । ଦୁରୁଆ ଜନଜାତିମାନେ ନାଲି ଓ ଧଳା ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି। ଏହି ବସ୍ତ୍ରଗୁଡ଼ିକ କୋଟପାଡ଼ରେ ବାସ କରୁଥିବା ଦୁରୁଆମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ। ଦୁରୁଆ ଜନଜାତି ମହିଳାମାନଙ୍କର ଧଳା ଶାଢ଼ିରେ ନାଲି ଇଟା ରଙ୍ଗର ପାରମ୍ପରିକ କଳା ଓ କାରିଗରୀର ରୈଖିକ ଚିତ୍ର ସ୍ୱତନ୍ତ୍ର ଭାବେ ବୁଣା ଯାଇଥାଏ । ସେମାନଙ୍କର ବିବାହ ଶାଢ଼ିଗୁଡ଼ିକ ନାଲିଇଟା କିମ୍ବା ମାଟିଆ ରଙ୍ଗର ହୋଇଥାଏ । ସେଥିରେ ଧଳା ରଙ୍ଗର ସ୍ୱତନ୍ତ୍ର ବୟନକଳା ପରିଲକ୍ଷିତ ହୁଏ। ଦୁରୁଆ ଜନଜାତିର ପୁରୁଷମାନେ ଧଳା ଓ ଇଟା ରଙ୍ଗର ଧୋତି ସହିତ କାନ୍ଧରେ ଏକ ଗାମୁଛା ବ୍ୟବହାର କରିଥାନ୍ତି ।

# ଦଶମ ଶ୍ରେଣୀ ଆସେସମେଂଟ ପରୀକ୍ଷା ହେବ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୬/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୫ତାରିଖରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପ୍ରଥମ ଆସେସମେଂଟ ପରୀକ୍ଷା ହେବ। କୌଣସି କାରଣରୁ ଯଦି ମାର୍ଚ୍ଚରେ ବାର୍ଷିକ ପରୀକ୍ଷା ନହୁଏ, ଏହି ଆସେସମେଂଟ ମାର୍କ ଆଧାରରେ ମାର୍କିଂ କରାଯିବ । ତେଣୁ ଆସେସମେଂଟ ପରୀକ୍ଷା ଜରୁରୀ। କୋଭିଡ୍ ନିୟମ ମାନି ପରୀକ୍ଷା କରାଯିବ। ଯେଉଁ ପର୍ଯ୍ୟନ୍ତ କୋର୍ସ ପଢ଼ାଯାଇଛି, ସେତିକି ଯାଏ ପରୀକ୍ଷା ହେବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି । ଅପରପକ୍ଷରେ କୋଭିଡ୍ ପାଇଁ ରାଜ୍ୟରେ ସ୍କୁଲଗୁଡ଼ିକ ପାଇଁ ଆଲର୍ଟ ଜାରି ଅଛି। ସର୍ଭେଲାନ୍ସ ଚାଲିଛି। ନୋଡାଲ ଅଫିସର ଦୈନିକ ରିପୋର୍ଟ ଦେଉଛନ୍ତି। ଡିଇଓମାନଙ୍କ ସହ ନିୟମିତ ବୈଠକ ହେଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ସ୍କୁଲରେ କରୋନା ନିୟମ କଡ଼ାକଡ଼ି ପାଳନ କରାଯାଉଛି। ସରକାରୀ ବିଦ୍ୟାଳୟରେ କୋଭିଡ୍ ସମସ୍ୟା ସେତେ ଆସିନି। ସ୍ୱାସ୍ଥ୍ୟ ବିଭାଗର ନିୟମାବଳୀ ଅନୁସାରେ କାର୍ଯ୍ୟକ୍ରମ ହେଉଛି। ଗତକାଲି ଏସଆରସି ଯେଉଁ ଗାଇଡଲାଇନ ଜାରି କରିଛନ୍ତି, ତାକୁ ସମସ୍ତେ ମାନିବେ। ରାଜ୍ୟରେ ପ୍ରଥମରୁ ପଂଚମ ଶ୍ରେଣୀ ଯାଏ ଖୋଲିବା ନେଇ ଏଯାଏ ନିଷ୍ପତି ହୋଇନି ବୋଲି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୧୨ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୬/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୧୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୪୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୧୭ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୫୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, ବାଲେଶ୍ୱର ଜିଲ୍ଲାରୁ ୨ ଜଣ, ବଲାଙ୍ଗୀରରୁ ୧ ଜଣ, କଟକରୁ ୧୩ ଜଣ, ଗଜପତିରୁ ୩ ଜଣ, ଗଞ୍ଜାମରୁ ୨ ଜଣ, ଜଗତସିଂହପୁରରୁ ୩ ଜଣ, ଯାଜପୁରରୁ ୨ ଜଣ, ଝାରସୁଗୁଡ଼ାରୁ ୨ ଜଣ, କେନ୍ଦ୍ରାପଡ଼ାରୁ ୩ ଜଣ, ଖୋର୍ଦ୍ଧାରୁ ୫୬ ଜଣ, ମୟୂରଭଞ୍ଜରୁ ୧ ଜଣ, ନୟାଗଡ଼ରୁ ୧ ଜଣ, ପୁରୀରୁ ୨ ଜଣ, ସମ୍ବଲପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୫ ଜଣ ଓ ଷ୍ଟେଟ ପୁଲରୁ ୧୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୫୩ ହଜାର ୮୮୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୪୩ ହଜାର ୭୮୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧ ହଜାର ୧୫୯୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ପଂଚାୟତ ଓ ପୌର ନିର୍ବାଚନରେ ପଛୁଆ ବର୍ଗରୁ ୪୦% ପ୍ରାର୍ଥୀ ଦେବ ବିଜେଡି

ଭୁବନେଶ୍ୱର,୨୬/୧୨ (ନି.ପ୍ର): ଆଗାମୀ ତ୍ରି-ସ୍ତରୀୟ ପଂଚାୟତ ଓ ପୌରପାଳିକା ନିର୍ବାଚନରେ ପଛୁଆ ବର୍ଗରୁ ୪୦ ପ୍ରତିଶତ ପ୍ରାର୍ଥୀ ଦେବ ବିଜେଡି। ଶନିବାର ଅନୁଷ୍ଠିତ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ବିଜେଡି କାର୍ଯ୍ୟକାରିଣୀରେ ଏହି ପ୍ରସଙ୍ଗ ଉପରେ ଆଜି ବିସ୍ତୃତ ଆଲୋଚନା ହୋଇଥିଲା। ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତ୍ରିସ୍ତରୀୟ ପଂଚାୟତ ଓ ପୌର ନିର୍ବାଚନରେ ପଛୁଆବର୍ଗରୁ ୪୦ ପ୍ରତିଶତ ପ୍ରାର୍ଥୀ ଦେବାପାଇଁ ବୈଠକରେ ପ୍ରସ୍ତାବ ଆଗତ କରିଥିଲେ। ପରେ ଏହାକୁ ବିଜେଡି ସଭାପତି ତଥ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା ଯାହାକୁ ମୁଖ୍ୟମନ୍ତ୍ରୀ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି । ଉଲ୍ଲେଖନୀୟ ଯେ ନିକଟରେ ସୁପ୍ରିମ୍ କୋର୍ଟଙ୍କ ରାୟ ପରେ ସାରା ଦେଶରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ପଂଚାୟତିରାଜ ଓ ପୌରପାଳିକା ନିର୍ବାଚନରୁ ଉଠାଇ ଦିଆଯାଇଥିବାରୁ ଏହି ଜାତୀୟ ପ୍ରସଙ୍ଗ ଉପରେ ପଛୁଆବର୍ଗଙ୍କୁ ଉପଯୁକ୍ତ ନ୍ୟାୟ ଦେବାପାଇଁ ବିଜୁ ଜନତା ଦଳ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି । କେନ୍ଦ୍ର ସରକାର ଏ ଦିଗରେ ଯାହା ଆଇନଗତ ଏବଂ ବୈଧାନିକ ନିଷ୍ପତି ନେବେ ଉଭୟ ବିଜୁ ଜନତା ଦଳ ଏବଂ ସରକାର ତାକୁ ଆନ୍ତରିକତାର ସହ ସମର୍ଥନ କରିବେ । ଆଜିର ଏହି କାର୍ଯ୍ୟକାରିଣୀ ବୈଠକରେ ଦଳର ଉପସଭାପତି ତଥା ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ପ୍ରତାପ ଜେନା, ଅରୁଣ ସାହୁ, ସମୀର ଦାସ, ଅଶୋକ ଚନ୍ଦ୍ର ପଣ୍ଡା, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଜଗନ୍ନାଥ ସାରକା, ବିଧାୟକ ସର୍ବଶ୍ରୀ ପ୍ରଫୁଲ୍ଲ ସାମଲ, ଅତନୁ ସବ୍ୟସାଚୀ ନାୟକ, ଧ୍ରୁବ ସାହୁ, ପ୍ରୀତି ରଞ୍ଜନ ଘଡାଇ, ଚନ୍ଦ୍ର ସାରଥି ବେହେରା, ରୋହିତ ପୂଜାରୀ, ଅନନ୍ତ ନାରାୟଣ ଜେନା, ଶ୍ରୀକାନ୍ତ ସାହୁ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ପ୍ରଶାନ୍ତ ମୁଦୁଲି, ସୁଶାନ୍ତ ରାଉତ, ରମେଶ ବେହେରା, ବ୍ରଜ କିଶୋର ପ୍ରଧାନ, ସାଂସଦ ସର୍ବଶ୍ରୀ ଡକ୍ଟର ସସ୍ମିତ ପାତ୍ର, ସୁବାସ ସିଂହ, ମୁନ୍ନା ଖାଁ, ରାଜଶ୍ରୀ ମଲ୍ଲିକ ଏବଂ ସାଧାରଣ ସମ୍ପାଦକ ସର୍ବଶ୍ରୀ ମାନସ ମଙ୍ଗରାଜ, ଲୋପାମୁଦ୍ରା ବକ୍ସିପାତ୍ର, ଶ୍ରୀମୟୀ ମିଶ୍ର, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଅରୂପ ପଟ୍ଟନାୟକ, କଳିକେଶ ନାରାୟଣ ସିଂହଦେଓ, ସାନନ୍ଦ ମାରାଣ୍ଡି, ସ୍ୱାଧୀନ ନାୟକ ଏବଂ ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ସଦସ୍ୟମାନେ ଭର୍ଚୁଆଲ ଜରିଆରେ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇଥିଲେ ।

# ଶିଶୁପାଳଗଡରେ ସୁଶାସନ ଦିବସ ପାଳିଲା ବିଜେପି

ଭୁବନେଶ୍ୱର,୨୬/୧୨ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ସୁଶାସନ ଦିବସ ଅବସରରେ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଶିଶୁପାଳଗଡ ଠାରେ 'ସୁଶାସନ ଦିବସ' ପାଳନ କରାଯାଇଛି । ଏହାପରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।

ଏହି ଅବସରରେ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ ଦୀର୍ଘ ୨୧ ବର୍ଷ ଧରି ନିରଙ୍କୁଶ ଶାସନ କ୍ଷମତାରେ ରହି ମଧ ଶାସକ ବିଜେଡି ରାଜ୍ୟରେ ସୁଶାସନ ପ୍ରତିଷ୍ଠା କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି । ଭ୍ରଷ୍ଟାଚାର, ଦୁର୍ନୀତିରେ ବୁଡି ରହି ଶାସକ ବିଜେଡି ଦଳର ନେତା ଓ ମନ୍ତ୍ରୀମାନେ ବହୁ ଅପରାଧିକ କାର୍ଯ୍ୟରେ ସଂପୃକ୍ତି ରହୁଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ସମସ୍ତ ଅପରାଧୀମାନଙ୍କୁ ସୁରକ୍ଷା ଯୋଗାଇ ଦେବା ସହିତ ପରୋକ୍ଷରେ ଅପରାଧକୁ ପ୍ରୋତ୍ସାହିତ କରୁଛନ୍ତି । ରାଜ୍ୟ ମନ୍ତ୍ରୀମଣ୍ଡଳରେ ସଦସ୍ୟ ଥିବା ଗୃହ ରାଷ୍ଟ୍ରମନ୍ତ୍ରୀ, ଆଇନ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସମେତ ବହୁ ବିଧାୟକ ମନ୍ତ୍ରୀ ଆଜି ସଂଗୀନ ଅପରାଧରେ ସଂପୃକ୍ତିର ଅଭିଯୋଗ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନୀରବଦ୍ରଷ୍ଟା । ଆଇନଶୃଙ୍ଖଳା ପରିସ୍ଥିତି ଆଜି ବିପର୍ଯ୍ୟସ୍ତ । ସାଧାରଣ ଜନତାଟି ନିଜ ନ୍ୟାର୍ଯ୍ୟ ହକ୍ ପାଇବା ପାଇଁ ସଂଗ୍ରାମ କରୁଛି। ବିରୋଧୀଙ୍କୁ ଦମନ କରିବାର ଅପପ୍ରୟାସ ମଧ ଗଣତନ୍ତ୍ର ପାଇଁ ଆଦୌ ସୁସ୍ଥ ପରଂପରା ନୁହେଁ । କୁଶାସନ ଦେବାରେ ରାଜ୍ୟ ସରକାର ନୂତନ ରେକର୍ଡ ସୃଷ୍ଟି କରିଛନ୍ତି ବୋଲି ସମୀର ମହାନ୍ତି କହିଛନ୍ତି । ଶିଶୁପାଳଗଡ ମାଟି ସ୍ୱାଭିମାନ ପାଇଁ ପରିଚିତ । ଶାସକ ବିଜେଡିର ଭ୍ରଷ୍ଟାଚାର ଓ ଦୁର୍ନୀତି ବିରୁଦ୍ଧରେ ଲଢେଇ କରି କୁଶାସନକୁ ହଟାଇ ରାଜ୍ୟରେ ସୁଶାସନ ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ହୋଇପଡିଛି । ଆଜି ଏହି ମାଟିରୁ ସ୍ୱାଭିମାନର ଡାକରା ଦେଇ ପରିବର୍ତ୍ତନର ସ୍ୱରକୁ ଆହୁରି ଶାଣିତ କରିବା ଶ୍ରୀ ସିଂ ଆହ୍ୱାନ ଦେଇଛନ୍ତି । ଆଜିର କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଂଜନ ବଡଜେନା ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ୪ଟି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ଖର୍ଚ୍ଚ ହେବ ୫ କୋଟି ଟଙ୍କା

ଭୁବନେଶ୍ୱର,୨୬/୧୨ (ନି.ପ୍ର): ଗତକାଲି ଏକ ଉଚ୍ଚସ୍ତରୀୟ କ୍ଷମତାପନ୍ନ କମିଟି ଦ୍ୱାରା ରାଜ୍ୟର ୪ଟି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ସର୍ବମୋଟ ୫ କୋଟି ୧୯ ଲକ୍ଷ ୧୭ ହଜାର ଟଙ୍କା ମୂଳଧନ ବିନିଯୋଗ ସବ୍ ସିଡ଼ି ଭାବେ ଅନୁମୋଦନ ସକାଶେ ସୁପାରିଶ କରାଯାଇଛି । ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଆହୂତ ଦଶମ ସବ୍‌କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଛି । ଏହି ୪ଟି ୟୁନିଟ୍ ଖୋର୍ଦ୍ଧା, ବଲାଙ୍ଗୀର, ସମ୍ବଲପୁର ଓ ଢେଙ୍କାନାଳ ଜିଲ୍ଲାର ଥିବା ଦର୍ଶାଯାଇଛି । ଏହି ଚାରୋଟି ୟୁନିଟ୍ ସେମାନଙ୍କ ଉତ୍ପାଦନ ଆରମ୍ଭ କରିସାରିଛନ୍ତି ଏବଂ ଏହି ଚାରୋଟି ମଧ୍ୟରୁ ତିନୋଟି ୟୁନିଟ୍ ମହିଳାମାନଙ୍କ ଦ୍ୱାରା ପରିଚାଳିତ ବୋଲି ଜଣାପଡ଼ିଛି । ସରକାରଙ୍କ ଅନୁମୋଦନ ପରେ ଏହି ଅର୍ଥ ସଂପୃକ୍ତ ୟୁନିଟ୍ ଗୁଡ଼ିକ ପଇଠ କରାଯିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ସଚିବ ମନ୍ମଥ କୁମାର ବିଶ୍ୱାଳ, ଯୁଗ୍ମ ସଚିବ ଶ୍ରୀମତୀ ମାନସୀ ମାନ୍ଧାତା ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡିଶା ବିକାଶରେ ଅଟଳଜୀଙ୍କ ଅବଦାନ ଅତୁଳନୀୟ : ସମୀର ମହାନ୍ତି

ଭୁବନେଶ୍ୱର,୨୬/୧୨ (ନି.ପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୮ ତମ ଜନ୍ମଦିବସ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ପାଳନ କରିବା ସହ 'ଅଟଳ ସମ୍ମାନ -୨୦୨୧' କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଚଳିତ ବର୍ଷ ବରିଷ୍ଠ ସଂଗଠକ ଶରତ ଚନ୍ଦ୍ର ବେହେରାଙ୍କୁ "ଅଟଳ ସମ୍ମାନ -୨୦୨୧" ସମ୍ମାନରେ ସମ୍ମାନୀତ କରାଯାଇଛି । ମୟୁରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଜନ୍ମଗ୍ରହଣ କରିଥିବା ଶ୍ରୀ ବେହେରା ଜନସଂଘର ସାଂଗଠନିକ କାର୍ଯ୍ୟକୁ ତୃଣମୁଳ ସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ପର୍ଯ୍ୟନ୍ତ ବିସ୍ତାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ରାର୍ଷ୍ଟବାଦ ବିଚାରର ବିସ୍ତାର ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଜରୁରୀକାଳିନ ପରିସ୍ଥିତିରେ ବିରୋଧୀ ଦଳର ଆଗ ଧାଡିର କାର୍ଯ୍ୟକର୍ତ୍ତା ଭାବେ ଶ୍ରୀ ବେହେରା ୨୧ ମାସ ଜେଲଦଣ୍ଡ ଭୋଗିଥିଲେ । ସେହିପରି ବିଶିଷ୍ଟ ରାଷ୍ଟ୍ରବାଦି କବି ଡ.ନାରାୟଣ ପଣ୍ଡାଙ୍କୁ "ଅଟଳ କବିତା ସମ୍ମାନ - ୨୦୨୧" ରେ ସମ୍ମାନିତ କରାଯାଇଛି । ଡ.ପଣ୍ଡା ଓଡିଆ ଭାଷାରେ ନିରନ୍ତର କଲମ ଚାଳନା କରି ରାଷ୍ଟ୍ରବାଦୀ କବିତା ଲେଖିବା ସହ ସମାଜର ବ୍ୟବସ୍ଥା ପରିବର୍ତ୍ତନ ଓ ସଂସ୍କୃତିର ସୁରକ୍ଷା ପାଇଁ ଚେଷ୍ଟିତ ଅଛନ୍ତି । ଜଣେ ସୁକବି ଭାବେ ନିଜ ପରିଚୟ ସୃଷ୍ଟି କରିଥିବା ଡ.ପଣ୍ଡାଙ୍କ ପ୍ରବନ୍ଧ ଓ ସାହିତ୍ୟ ଜଗତରେ ମଧ ସୁନାମ ପ୍ରତିଷ୍ଠା କରିଛନ୍ତି । ସେହିପରି ବରିଷ୍ଠ ପ୍ରଶାସକ, ସଂଗଠକ ତଥା ବିଶିଷ୍ଟ ସମାଜସେବୀ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ "ଅଟଳ ସମାଜସେବୀ ସମ୍ମାନ -୨୦୨୧" ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରୀ ମହାନ୍ତି ଓଡିଶା ପ୍ରଶାସନିକ ସେବାରେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଅନେକ ସୁନାମ ଅର୍ଜନ କରିଛନ୍ତି । ବିଶିଷ୍ଟ ରାଜନୈତିଜ୍ଞ, ପ୍ରବାଦ ପୁରୁଷ ଅଟଳ ବିହାରୀ ବାଜପେୟୀ ଏକ ମହାନ ବ୍ୟକ୍ତିତ୍ୱ ସହ କୋଟି କୋଟି କାର୍ଯ୍ୟକର୍ତ୍ତାଙ୍କ ପ୍ରେରଣାର ସ୍ରୋତ ଥିଲେ । ଓଡିଶାର ମହାବାତ୍ୟା ପରେ ସ୍ୱର୍ଗତଃ ବାଜପେୟୀଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା । ପରବର୍ତ୍ତୀ ସମୟରେ ପାରାଦୀପ ରିଫାଇନାରୀ, ଇଷ୍ଟକୋଷ୍ଟ ରେଲଓ୍ୱ ଜୋନ୍, ଏମ୍ସ ମେଡିକାଲର ପ୍ରତିଷ୍ଠା, ସ୍ୱର୍ଣ୍ଣ ଚର୍ତୁଭୂଜ, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଗ୍ରାମାଚଂଳର ଚେହେରା ବଦଳାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ବହୁତ ବଡ ଭୂମିକା ଥିଲା । ଓଡିଶା ବିକାଶରେ



ଅଟଳଜୀଙ୍କ ଅବଦାନ ଅତୁଳନୀୟ ବୋଲି ଶ୍ରୀ ମହାନ୍ତି କହିବା ସହ ତାଙ୍କର ସ୍ମୃତି ଚାରଣ କରିଥିଲେ । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ସୁଶାସନ ଦିବସ' ଏବଂ 'ଅଟଳ ସମ୍ମାନ-୨୦୨୧' କାର୍ଯ୍ୟକ୍ରମକୁ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିବା ସହ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଜିଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ବିଶିଷ୍ଟ ସାମ୍ବାଦିକ ପତଞ୍ଜଳୀ କରଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶିଷ୍ଟ ଲେଖକ ଓ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସ୍ୱର୍ଗତଃ ବାଜପେୟୀଜୀଙ୍କ ସ୍ମୃତିଚାରଣ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଶିଷ୍ଟ ଗୀତିକାର ପଂଚାନନ ନାୟକ ଅଟଳ ସମ୍ମାନ ସମାରୋହ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ । ଶେଷରେ ବିଜେପି ରାଜ୍ୟ ପାଠାଗାର ସଂଯୋଜକ ଭୁବନାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏସକାଳେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଭୁବନେଶ୍ୱର ଏମ୍ସ ହସ୍ପିଟାଲ ପ୍ରାଙ୍ଗଣରେ ଥିବା ଭାରତରତ୍ନ ଅଟଳ ବିହାରି ବାଜପେୟୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଓ ସୁରମା ପାଢୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ବିରଂଚି ନାରାୟଣ ତ୍ରିପାଠୀ ଓ ଠାକୁର ରଂଜିତ ଦାସ, ବିଶ୍ୱରଂଜନ ବଡଜେନା, ଶିଶିର ମିଶ୍ର, ଅଜୟ ମିଶ୍ରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଅଟଳଜୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ମାଡ଼ିଲାଣି 'ଓମିକ୍ରନ୍' ବିପଦ: ୪୦% ବିଦେଶ ଫେରନ୍ତାଙ୍କ ହୋଇପାରିଛି ନମୁନା ପରୀକ୍ଷା

ଭୁବନେଶ୍ୱର,୨୬/୧୨ (ନି.ପ୍ର): ରାଜ୍ୟରେ 'ଓମିକ୍ରନ୍' ସ୍ଥିତି ଯେ କୌଣସି ମୁହୂର୍ତରେ ବିଗିଡ଼ି ଯାଇପାରେ। ବିଦେଶ ଫେରନ୍ତାଙ୍କ ସୂଚନାକୁ ନେଇ ସରକାରଙ୍କ ରହସ୍ୟଜନକ ନିରବତା ଏଭଳି ଚିତ୍ର ବୟାନ କଲାଣି। ଗତ ୧ମାସ ଭିତରେ ରାଜ୍ୟକୁ କେତେ ସଂଖ୍ୟକ ବିଦେଶ ଫେରନ୍ତା ଆସିଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଠାବ କରାଯାଇ ନମୁନା ପରୀକ୍ଷା ହୋଇଛି ତାହାର କୌଣସି ସୂଚନା ଦିଆଯାଉନାହିଁ। କେବଳ ସେତିକି ନୁହେଁ, କେତେ ଜଣ ଘରକୁ ଫେରି ପୁଣିଥରେ ରାଜ୍ୟ ବାହାରକୁ ପଳାଇଛନ୍ତି ତାହାର ମଧ ତଥ୍ୟ କାହା ପାଖରେ ନାହିଁ। ହେଲେ ଅତ୍ୟନ୍ତ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୧ମାସ ଭିତରେ ଓଡ଼ିଶାକୁ ଆସିଥିବା ୪୦ ପ୍ରତିଶତ ଫେରନ୍ତାଙ୍କ ନମୁନା ପରୀକ୍ଷା ସମ୍ଭବ ହୋଇପାରିଛି। ରାଜଧାନୀରେ ଏହି ଚିତ୍ର ଆହୁରି ଖରାପ ବୋଲି କୁହାଯାଉଛି। ତେଣୁ ଅନ୍ୟ ବିଦେଶ ଫେରନ୍ତାଙ୍କ ସ୍ଥିତି ଏବେ କ'ଣ ? ସେମାନେ ଏବେ କେଉଁଠି ଅଛନ୍ତି ? ଅନ୍ୟମାନଙ୍କୁ ସଂକ୍ରମିତ କରି ସାରିଲେଣି କି ? ଏଭଳି ପୁଳା ପୁଳା ପ୍ରଶ୍ନ ଏବେ ଜନସାଧାରଣଙ୍କ ମନରେ ଉଙ୍କି ମାରିଲାଣି। ତେଣୁ ବିଦେଶ ଫେରନ୍ତାଙ୍କୁ ନେଇ ସରକାର ସ୍ୱଷ୍ଟ ଚିତ୍ର ରଖିବା ଲାଗି ଦାବି ହେଉଛି। କରୋନାର ନୂଆ ପ୍ରଜାତି 'ଓମିକ୍ରନ୍'କୁ ଏକ ଚିନ୍ତାଜନକ ପ୍ରଜାତି ଘୋଷଣା ହେବା ପରେ ବିଦେଶ ଫେରନ୍ତାଙ୍କୁ ନେଇ ଚିନ୍ତା ବଢ଼ିଥିଲା। ଗତମାସ ନଭେମ୍ବର ୨୧ତାରିଖ ପରଠାରୁ ରାଜ୍ୟକୁ ୯ହଜାରରୁ ଅଧିକ ବିଦେଶ ଫେରନ୍ତା ଆସିଛନ୍ତି। ତହିଁରୁ ସାଢ଼େ ୩ହଜାରରୁ ଅଧିକ ଲୋକଙ୍କ ନମୁନା ପରୀକ୍ଷା କରାଯାଇଛି। ଏଥିରେ ୧୮ଜଣ ପଜିଟିଭ୍ ଚିହ୍ନଟ ହୋଇ ସାରିଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରୁ ୪ଜଣ ଓମିକ୍ରନ୍‌ରେ ଆକ୍ରାନ୍ତ ଥିବା ସ୍ପଷ୍ଟ ହୋଇଥିବା ବେଳେ ଆଉ ୪ଟି ନମୁନାର ଜିନ୍ ଅନୁଶୀଳନ କରାଯାଉଛି। ଦେଶରେ ଏବେ ୧୧ଟିଦେଶକୁଓମିକ୍ରନ୍ 'ଆଟ୍‌ରିସ୍କ' ଭାବେ ବିବେଚନା କରାଯାଉଛି। ମାତ୍ର ନାଇଜେରିଆ ଏହି ତାଲିକାରେ ନ ଥିଲେ ମଧ ରାଜ୍ୟରେ ଏକାଧିକ ବ୍ୟକ୍ତି ଓମିକ୍ରନ୍‌ରେ ଆକ୍ରାନ୍ତ ଥିବା ଘୋଷଣା ହୋଇଛି। ତେଣୁ ସବୁ ବିଦେଶ ଫେରନ୍ତାଙ୍କୁ ଚିହ୍ନଟ କରି ସେମାନଙ୍କ ନମୁନା ପରୀକ୍ଷା କରିବା ଜରୁରୀ ହୋଇ ପଡ଼ିଛି। ରାଜ୍ୟର କେନ୍ଦ୍ରାପଡ଼ା, ଭୁବନେଶ୍ୱର, ସୁନ୍ଦରଗଡ଼ ଭଳି ଜିଲ୍ଲାକୁ ସର୍ବାଧିକ ସଂଖ୍ୟକ ବିଦେଶ ଫେରନ୍ତା ଆସିଛନ୍ତି। ହେଲେ ଭୁବନେଶ୍ୱରରେ ବହୁତ କମ୍ ସଂଖ୍ୟକ ଲୋକଙ୍କ ନମୁନା ପରୀକ୍ଷା କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ଅସମ୍ଭାଳ ଭିଡ଼ : ଅଣନିଶ୍ୱାସୀ ରାଜଧାନୀବାସୀ

ଭୁବନେଶ୍ୱର,୨୬/୧୨ (ନି.ପ୍ର): କରୋନା/ ଓମିକ୍ରନକୁ ନେଇ ସାରା ବିଶ୍ୱରେ ଚିନ୍ତାଜନକ ପରିସ୍ଥିତି। ସତର୍କ ରହିବା ଲାଗି କେନ୍ଦ୍ର ସରକାର ବାରମ୍ବାର ତାଗିଦ କରୁଛନ୍ତି। ରାଜ୍ୟ ସରକାର ମଧ ଅନେକ କଟକଣା ଲଗାଇଛନ୍ତି। ଗାଇଡଲାଇନ୍ସ ପାଳନ ନକଲେ ଜରିମାନା ପାଇଁ ଚେତାବନୀ ଦେଉଛନ୍ତି। କିନ୍ତୁ ଏହାର ସାମାନ୍ୟତମ ପ୍ରଭାବ ଲୋକମାନଙ୍କ ଉପରେ ପଡୁଥିବାର ମନେହେଉ ନାହିଁ। ଆଜି ସନ୍ଧ୍ୟାରେ ଏହାର ଉଦାହରଣ ଦେଖିବାକୁ ମିଳିଥିଲା ରାଜଧାନୀ ଭୁବନେଶ୍ୱରରେ। ସନ୍ଧ୍ୟାରେ ଅସମ୍ଭାଳ ଭିଡ଼। କାର ଓ ବାଇକରେ ରାସ୍ତା ଜାମ୍। ଚାଲିବାକୁ ବି ବାଟ ନଥିଲା। ଏହାକୁ ନେଇ କିଛି ସ୍ଥାନରେ ଉତ୍ତେଜନା ମଧ ପ୍ରକାଶ ପାଇଥିଲା। ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏମିତି ଅବସ୍ଥା ଲାଗି ରହିଥିଲା ବେଳେ ରସୁଲଗଡ଼ରେ ପରିସ୍ଥିତି ଭୟଙ୍କର ହୋଇପଡ଼ିଥିଲା। ଏସ୍ପ୍ଲାନେଡ୍ ଛକରୁ ରସୁଲଗଡ଼ ଦେଇ ପଳାସୁଣି ପର୍ଯ୍ୟନ୍ତ,



ବିପରୀତ ପାର୍ଶ୍ୱରେ ଝାରପଡ଼ା ପର୍ଯ୍ୟନ୍ତ ଓ ୧୬ ନମ୍ବର ଜାତୀୟ ରାଜପଥରେ ପଳାସୁଣିରୁ ବାଣୀବିହାର ପର୍ଯ୍ୟନ୍ତ ସବୁଠି ରାସ୍ତା ରୁନ୍ଧି ହୋଇଯାଇଥିଲା। ପୂର୍ବରୁ ଏଭଳି ରାସ୍ତା ଜାମ୍ କେବେ ଦେଖାଯାଇନଥିଲା। ଜାତୀୟ ରାଜପଥ ସହ ସର୍ଭିସ୍ ରୋଡ୍ ଓ ମାର୍କେଟ୍ ଛକ ପର୍ଯ୍ୟନ୍ତ ସବୁଆଡ଼ ଜାମ୍ ହୋଇଗଲା। ସନ୍ଧ୍ୟା ୫ଟା ପ୍ରାୟ ୪ଘଣ୍ଟା କାଳ ଲୋକେ ଜାମ୍ ଭିତରେ ପେଷି ହୋଇଯାଇଥିଲେ। ଦୁଇ ଚକିଆରୁ ଚାରିଚକିଆ ପର୍ଯ୍ୟନ୍ତ ସବୁ ଗାଡ଼ି ଅଟକି ଯାଇଥିଲେ। ଏମିତିକି ଚାଲିଚାଲି ଯାଉଥିବା ଲୋକେ ବି ବାଟ ପାଇନଥିଲେ। ଏଭଳି ସ୍ଥିତିରେ ଭିଡ଼ ଭିତରେ ରାସ୍ତା ନପାଇ ଆମ୍ବୁଲାନ୍ସ ମଧ ଫସି ରହିଥିଲା। ସେହିଭଳି କିଛି ସ୍ଥାନରେ ଭିଡ଼କୁ ନେଇ ପିଟାପିଟି ହୋଇଥିଲା। ଠେଲାପେଲା ଯୋଗୁଁରାସ୍ତାକଡ଼ର ଜଣେ ଦୋକାନୀ ଆହତ ହେବା ପରେ ଲୋକେ ଜଣେ ଯୁବକଙ୍କୁ ଏଥିପାଇଁ ନିସ୍ଠୁକ ପିଟିଥିଲେ।

ଭିଡ଼ ନିୟନ୍ତ୍ରଣ ଲାଗି ଜଣେ ଦୁଇ ଜଣ ଟ୍ରାଫିକ କର୍ମଚାରୀଙ୍କୁ ଛାଡ଼ିଦେଲେ କାହାରିଦେଖାନଥିଲା। ତେବେ ସନ୍ଧ୍ୟା ୭ଟା ପରେ ଅଧିକ ଟ୍ରାଫିକ କର୍ମଚାରୀ ଘଟଣା ସ୍ଥଳରେ ପହଂଚିଥିଲେ ମଧ୍ୟ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଟ୍ରାଫିକ୍ ପୁଲିସ ସହ ମଞ୍ଚେଶ୍ୱର ଓ ସହିଦନଗର ଥାନା ପୁଲିସ ଭିଡ଼ ନିୟନ୍ତ୍ରଣ କରିବାକୁ ଯାଇ ନାକେଦମ୍ ହୋଇଥିଲା। ବଡ଼ଦିନ ପାଇଁ ରାଜଧାନୀ ପ୍ରଶାସନ ଧର୍ମାନୁଷ୍ଠାନ ଉପରେ କଟକଣା ଲାଗୁ କରିଥିବା ବେଳେ ମଲ୍ ଓ ହାଟ ବଜାର ଉପରେ ନଜର ଦେଇନଥିବାରୁ ଏହି ପରିସ୍ଥିତି ଉପୁଜିଥିଲା।

# ୯୭ ବର୍ଷ ବୟସରେ ବି ପୂରା ସୁସ୍ଥ ଅଛନ୍ତି ନିରଞ୍ଜନ ପଟ୍ଟନାୟକ: ଦିନକୁ ପାଖାପାଖି ୧ରୁ ୨ ଘଣ୍ଟା କରନ୍ତି ଯୋଗାସନ

ଭୁବନେଶ୍ୱର,୨୬/୧୨ (ନି.ପ୍ର): କଟକ ମଧୁସୂଦନ ଅଂଚଳର ନିରଞ୍ଜନ ପଟ୍ଟନାୟକ । ତାଙ୍କ ବୟସ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ୧୯୨୫ ମସିହାରେ ଜନ୍ମ ହୋଇଥିବା ନିରଞ୍ଜନ ବର୍ତ୍ତମାନ ୯୭ ବର୍ଷ ବୟସରେ ପାଦ ଦେଲେଣି । କିନ୍ତୁ ପରିଣତ ବୟସରେ ସେ ଆଜି ବି ସୁସ୍ଥ ଅଛନ୍ତି । ଯୋଗ ସାହାଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ସୁସ୍ଥ ଓ ନିରୋଗ ରଖି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ଯୋଗ ଦ୍ୱାରା ସବୁ ରୋଗକୁ ନିୟନ୍ତ୍ରଣ କରିହେବ ବୋଲି ସେ କହିଛନ୍ତି। ପ୍ରାୟ ୨୧ ବର୍ଷ ହେଲାଣି ପ୍ରତିଦିନ ସେ ଯୋଗ କରିଆସୁଛନ୍ତି । ଦିନକୁ ପାଖାପାଖି ୧ରୁ ୨ ଘଂଟା ସେ ଯୋଗ କରନ୍ତି । ଯୋଗର ପ୍ରାୟ ସବୁ ଆସନକୁ ଅତି ସହଜରେ କରିପାରୁଛନ୍ତି ନିରଞ୍ଜନ ମଉସା । ୧୯୪୬ ମସିହାରେ ବନବିଭାଗର ଏସିଏଫ୍ ଭାବେ କାର୍ଯ୍ୟରେ ଯୋଗ ଦେଇ ୧୯୮୩ ମସିହାରେ ଅବସର ନେଇଥିଲେ ନିରଞ୍ଜନ। ।ଅବସର ନେବାର ୩୯ ବର୍ଷ ବିତିଥିଲେ ବି ଆଜିପର୍ଯ୍ୟନ୍ତ ସେ ସୁସ୍ଥ ଓ କାର୍ଯ୍ୟକ୍ଷମ ଅଛନ୍ତି । ଏପରିକି ଘରର ଅନେକ କାମ ସେ ନିଜେ କରିବା ସହ ବଜାରକୁ ଯାଇ ଜିନିଷପତ୍ର ବି କିଣି ଆଣନ୍ତି । ଖାଲି ନିଜେ ନୁହେଁ ପରିବାର ଲୋକଙ୍କୁ ମଧ ଯୋଗ କରିବାକୁ ଉତ୍ସାହିତ କରନ୍ତି। ଆଜିକାଲି ସମୟରେ ୭୦, ୮୦ ବର୍ଷ ବୟସରେ ଚଲାବୁଲା କରିବାକୁ ଲୋକେ ଅସକ୍ଷମ ହୋଇଯାଉଥିବା ବେଳେ, ପ୍ରତିଦିନ ଯୋଗାଭ୍ୟାସ ଓ ଦୃଢ ମନୋବଳ ଯୋଗୁଁ ୯୭ ବର୍ଷ ବୟସରେ ନିଜକୁ ଫିଟ୍ ରଖିପାରିଛନ୍ତି ନିରଞ୍ଜନ। ଆଜିର ଯୁବପୀଢିଙ୍କୁ ତାଙ୍କ ଠାରୁ ଅନେକ କିଛି ଶିଖିବାର ଆବଶ୍ୟକତା ରହିଛି ।

## ମୟୂରଭଞ୍ଜ ପୋଲିସ ୨୦୦୬ ବ୍ୟାଚର ୧୫ତମ ବନ୍ଧୁମିଳନ

ବାରିପଦା, ୨୬/୧୨ (ନି.ପ୍ର): ମୟୂରଭଞ୍ଜ ପୋଲିସ ୨୦୦୬ ବ୍ୟାଚର ୧୫ ତମ ବନ୍ଧୁମିଳନ ଉତ୍ସବ ବାରିପଦା ଷ୍ଟେସନ ବଜାର ବିବାହ ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସର ରେ ଅତିଥି ଭାବେର ରିଜର୍ଭ ଇନିସେପକଟର କୁଳମଣି ଗିରି, ସେର୍ଜଂଟ ଜନାର୍ଦ୍ଦନ ନାଏକ ଏବଂ କାଳିପଦ ରାଜବଂଶୀ ପ୍ରମୁଖ ଯୋଗ ଦେଇ ସମୟାନୁବର୍ତିତା, ଶୃଙ୍ଖଳା ଏବଂ ନିଷ୍ଠାପର କତର୍ବ୍ୟ ସମ୍ପାଦନ ହିଁ ଜେଣ ସେଚ୍ଚାଟ ପୋଲିସ କର୍ମଚାରୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିଥିଲେ । ପ୍ରକାଶ ଥାଉକି ମୟୂରଭଞ୍ଜ ପୋଲିସେର ତା ୨୨/୧୨/୨୦୦୬ ରିଖେର୧୩୬ ଜଣ ପୋଲିସ ସେବୋର ଯୋଗ ଦାନ କରିଥିଲେ । ସେଥି ମଧ୍ୟରୁ ଗୀତାଞ୍ଜଳି ନାଏକ ଓ ମୀନା ବିଷ୍ଣାଣୀ ଇନିସେପକଟର ଏବଂ ବଳିଆ ବାରିକ ସବ ଇନିସେପକଟର ଭାବେର ଜିଲ୍ଲାର କାର୍ଯ୍ୟରତ ଅଛନ୍ତି । ଏହି ବନ୍ଧୁ ମିଳନେର ମୟୂଭଞ୍ଜ ପୋଲିସ ୨୦୦୬ ବ୍ୟାଚର ଶତାଧିକ ପୋଲିସ କର୍ମୀ ଯୋଗ ଦେଇ ନିଜ କର୍ମମୟ ଜୀବନର ସ୍ମୃତି ରୋମନ୍ଥନ କରିଥିଲେ ।

## ଖୋର୍ଦ୍ଧା ଜିଲ୍ଲା ଦୁଇ ହାତୀ ରେଳଗାଡ଼ି ଧକ୍କାରେ ମୃତ

ଖୋର୍ଦ୍ଧା, ୨୬/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗି ବ୍ଲକ୍ ଭୂଷଣ୍ଡପୁର ରେଳଷ୍ଟେସନ ସ୍ଥିତ ଗତ ରାତିରେ ୧୯ ଟି ହାତୀ ପଲ ଖାଦ୍ୟ ଅନୁଷଣରେ ଦେବୀ ଉଗ୍ରତାରା ଜଙ୍ଗଲ ମଧ୍ୟରୁ ବାହାରି ଭୁସଂଡପୂର୍ ରେଲ ଗେଟ ପାଖରୁ ଧାରଣା ପାରିହେବା ବେଳେ ରେଲଗାଡ଼ି ଧକ୍କାରେ ସମ୍ମୁଖୀନ ହୋଇଥିଲେ । ସେଥିମଧ୍ୟରୁ ଦୁଇଟି ହାତୀ ଆହତ ହୋଇ ପଡ଼ିଥିବା ଜଣାପଡିଥିଲା । ସ୍ଥାନୀୟ ବାସିନ୍ଦା ସକାଳୁ ଯାଇ ଏହା ଦେଖି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ । ଜଙ୍ଗଲ ବିଭାଗ ଖୋର୍ଦ୍ଧା, ଡିଏଫଓ ହାତୀ ଦୁଇଟିକୁ ପୋଷ୍ଟମର୍ଟମ କରାଇବା ପାଇଁ ପଠାଇଥିଲେ । ଖାଦ୍ୟ ଅଭାବ, ଜଙ୍ଗଲ ଧ୍ୱଂସ କାରଣ ଯୋଗୁ ହାତୀ ପଲ ଗାଆଁ ମୁହାଁ ହୋଇ ଧନ ଜୀବନ ନଷ୍ଟ କରିବା ଯୋଗୁ ବହୁ ସମୟରେ ମଣିଷ ଜୀବନ ଯାଉଛି । ଏଥିପାଇଁ ଜଙ୍ଗଲ ବିଭାଗ ସତର୍କ ରହିବା ପାଇଁ ଲୋକେ ଦାବି କରୁଛନ୍ତି ।

## ୩ଦଫା ଦାବି ନେଇ ସି.ପି.ଆଇ. (ଏମ)ର ସାମ୍ବାଦିକ ସମ୍ମିଳନୀ

ନୀଳଗିରି, ୨୬/୧୨ (ନି.ପ୍ର): ୩ଦଫା ଦାବୀ ନେଇ ନୀଳଗିରି ସି.ପି.ଆଇ.(ଏମ) ଆଂଚଳିକ କମିଟି ପକ୍ଷରୁ ପାର୍ଟି କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଦାବୀ ମଧରେ ବାତ୍ୟାରେ ନୀଳଗିରି ଉପଖଣ୍ଡରେ ଋଷୀ କ୍ଷତିଗ୍ରସ୍ତ ହୋଇଥିବା ବେଳେ ତୁରନ୍ତ ଧାନମଣ୍ଡି ଖୋଲା ଯାଇ ଦଲାଲଙ୍କ କବଳରୁ ଋଷୀଙ୍କୁ ମୁକ୍ତ କରାଯାଉ । ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଧାନର ରଙ୍ଗ ବଦଳିଥିଲେ ବି ମିଲର ଏହାକୁ କ୍ରୟ କରୁ । ୨ୟରେ ନୀଳଗିରି ଉପଖଣ୍ଡ ଡାକ୍ତରଖାନାରେ ଏସ.ଡି.ଏମ.ଓ. ଇଚ୍ଛାକୃତ ଅବସର ନେବା ପରେ ଏଠାରେ ଉକ୍ତ ପଦବୀ ଖାଲି ପଡ଼ିଥିବା ବେଳେ ତୁରନ୍ତ ପୂରଣ କରାଯିବା ସହ ସମସ୍ତ ଡାକ୍ତର ପଦବୀ ପୂରଣ କରାଯାଉ । ୩ୟରେ ନୀଳଗିରି ସହରରେ ରାସ୍ତାର ଉନ୍ନତିକରଣ ନାମରେ ଦୋକାନୀମାନଙ୍କୁ ଥଇଥାନ କରାଯିବା ସହ ସର୍ବଦଳୀୟ ନେତୃବୃନ୍ଦ , ସ୍ଥାନୀୟ ପ୍ରଶାସନ ଓ ଦୋକାନୀ ବନ୍ଧୁମାନଙ୍କୁ ନେଇ ଏକ କମିଟି ଗଠନ କରାଯାଉ । ଏହି ସାମ୍ବାଦିକ ସମ୍ମିଳନୀରେ ବିଜୟ ପାତ୍ର, ଯୋଗାନନ୍ଦ ଦାଶ, ଜ୍ୟୋର୍ତିମୟୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତ ସରକାରଙ୍କ ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଚାଷୀଙ୍କୁ ପ୍ରଶିକ୍ଷଣ

ବାଲେଶ୍ୱର, ୨୬/୧୨ (ନି.ପ୍ର): ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ଯେ, ଚୌଧୁରୀ ଚରଣ ସିଂହ ରାଷ୍ଟ୍ରୀୟ କୃଷି ବିପଣନ ସଂସ୍ଥାଙ୍କ (କୃଷି ମନ୍ତ୍ରଣାଳୟ ଭାରତ ସରକାର) ସହଯୋଗରେ ଓ ଜନକଲ୍ୟାଣକରୀ ଯୋଜନା ପ୍ରଚାର ପ୍ରସାର ଅଭିଯାନ ମାଧ୍ୟମରେ ଆସନ୍ତା ଜାନୁୟାରୀ ୨୨,୨୩,ଓ ୨୪ ତାରିଖରେ ଏକ ଜୈବିକ କୃଷି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଉକ୍ତ ଶିବିରରେ ୩୦ ଜଣ ଅନୁସୁଚିତ ଜାତି ଓ ଜନଜାତି ବର୍ଗର ଚାଷୀଙ୍କୁ ପ୍ରଶିକ୍ଷିତ କରାଯିବା ସହିତ ସେମାନଙ୍କୁ କୃଷି କିଟ୍ ଓ ଭାରତ ସରକାରଙ୍କ ପ୍ରମାଣପତ୍ର ପ୍ରଦାନ କରାଯିବ । ଏତଦ୍ବ୍ୟତୀତ ଅନ୍ୟ କେହି ଚାହିଁଲେ ସେମାନଙ୍କୁ ଜୈବିକ କୃଷି ଓ ମାଛଚାଷ ବିଷୟରେ ନିଶୁଳ୍କ ବୈଷୟିକ ଜ୍ଞାନ କୌଶଳ ବିଷୟରେ ସହାୟତା ପ୍ରଦାନ କରାଯିବ । ଏହା ସହିତ ନିଜର ଉତ୍ପାଦର ଅନଲାଇନ ବିପଣନ, କିଷାନ ଷ୍ଟାର୍ଟଅପ ଓ ଏଫବିଆଇ ବିଷୟରେ ପ୍ରଶିକ୍ଷଣ ଦିଆଯିବ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜନକଲ୍ୟାଣକରୀ ଯୋଜନା ପ୍ରଚାର ପ୍ରସାର ଅଭିଯାନର ରାଷ୍ଟ୍ରୀୟ ସଭାପତି ପୁଷ୍ପେଶ ଆର୍ଯ୍ୟ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଶ୍ରୀ ରାଜମଣୀ ଓ ଓଡ଼ିଶା ପ୍ରଦେଶ ସଭାପତି ଜିତେନ୍ଦ୍ର ପାତ୍ର ଉପସ୍ଥିତ ରହି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିଲେ ।

# ମହିଳା ଯାଦବ ସଂଗଠନର ପ୍ରଥମ ସଭା ଅନୁଷ୍ଠିତ



ବାଲେଶ୍ୱର, ୨୬/୧୨ (ନି.ପ୍ର): ରବିବାର ଦିବ ୧୦ ଘଟିକା ସମୟରେ ବାଲେଶ୍ୱର ସହରର ମାଣିଖମ୍ବ ପରେ ବାଲେଶ୍ୱର ମହିଳା ଯାଦବ ସଂଗଠନର ପ୍ରଥମ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଗଠନର ବିଭିନ୍ନ କର୍ମକର୍ତ୍ତା ଯଥା ସଭାନେତ୍ରୀ ଗୀତାଞ୍ଜଳୀ ମହାପାତ୍ର, ବାହାନଗା ବ୍ଲକ୍ ଓ ସମ୍ପାଦିକା ଶର୍ମିଳା ବାରିକ, ଟାଉନ ବାଲଶ୍ୱରଙ୍କ ତତ୍ତ୍ୱାବଧାନରେ ସଭା ପରିଚାଳନା ହୋଇଥିଲା । ଏହି ସଭାରେ କିପରି ଯାଦବ ମହିଳା ମାନଙ୍କର ଉନ୍ନତି ତଥା ଯାଦବ ଜାତିର ଲୁପ୍ତ ସାଂସ୍କୃତିକ ପର୍ବପର୍ବାଣୀ କିପରି ଜୀବିତ ରହିବ ସେ ବିଷୟରେ ଆଲୋଚନା ହୋଇଥିଲା । ଏହି ମହିଳା ଯାଦବ ସଂଗଠନ ନିଃସ୍ୱାର୍ଥପର ଭାବରେ ନିଜ ଜାତି ତଥା ଅନ୍ୟ ଜାତିର ମହିଳା ମାନଙ୍କର ଉନ୍ନତିର ମାର୍ଗଦର୍ଶୀ ହେବ ଏବଂ ମହିଳା ମାନଙ୍କର ସମସ୍ୟାର ସମାଧାନ ପାଇଁ ଯଥା ସମ୍ଭବ ଚେଷ୍ଟିତ ରହିବ । ଶେଷରେ ଏହି ମହିଳା ସଂଗଠନର ଅନ୍ୟାନ୍ୟ କର୍ମକର୍ତ୍ତା ଚୟନ କରାଯାଇଥିଲା । ଶେଷରେ ଉପସ୍ଥିତ ଭଦ୍ର ମହିଳାମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା । ରାଜ୍ୟ ମହିଳାଯାଦବ ସଭାନେତ୍ରୀ ଶୀତାରାଣୀ ଦାସ, ରାଜ୍ୟ ଉପସଭାନେତ୍ରୀ ବିଷ୍ଣୁପ୍ରିୟା ବେହେରା, ଜିଲ୍ଲା ସଭାନେତ୍ରୀ ଗୀତାଞ୍ଜଳୀ ବାରିକ, କାର୍ଯ୍ୟକାରୀ ସଭାନେତ୍ରୀ, ସୁନୀତା ଖୁଲାର, ସାଧାରଣ ସଂପାଦିକା ଶର୍ମିଳା ବାରିକ, ପ୍ରବାସନି ବାରିକ, କବିତା ପରିଡ଼ା, ସଙ୍ଘମିତ୍ର ଦାସ, ତପସ୍ୱିନୀ ଦାସ, କବିତା ବାରିକ, ପଦ୍ମାବତୀ ବାରିକ, ସୁଜାତା ଦାସ, ମିନତୀ ବାରିକ, ଜୟନ୍ତି ବାରିକ, ସୁଦିପ୍ତା ଖୁଲାର ଏବଂ ସରସ୍ୱତୀ ଦାସ ଉପସ୍ଥିତ ଥିଲେ ।

# କେକ କାଟି ୨୫ତମ ପ୍ରତିଷ୍ଠା ଦିବସ ପାଳିଲେ ପର୍ଯ୍ୟଟନ ମନ୍ତ୍ରୀ

ଖଇରା,୨୬/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଦୁର୍ଗାମଣ୍ଡପ ଠାରେ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ରବିବାର ସନ୍ଧ୍ୟାରେ ପାଳିତ ହୋଇ ଯାଇଛି । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କେକ କାଟି ଦଳର କର୍ମୀ ମାନଙ୍କୁ କେକ ଖୁଆଇ ଜନ୍ମଦିନର ଖୁସି ମନାଇଛନ୍ତି । ବ୍ଲକ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମନ୍ତ୍ରୀ ପାଣିଗ୍ରାହୀ ବକ୍ତବ୍ୟ ରଖି ଗାଁ ଗାଁ ରେ ନବୀନ ବାବୁ ବିକାଶ କରୁଛନ୍ତି । ଆଗକୁ ମଧ ଏହି ଧାରା ଜାରି ରହିବ ବୋଲି କହିଛନ୍ତି ।ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, ଲୋପାମୁଦ୍ରା ଧର, କଳ୍ପନା ନାଇକ ଓ ସୁଷମା ମହାପାତ୍ର, ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ପତି ବିଭିନ୍ନ ପଞ୍ଚାୟତର ସରପଞ୍ଚ ଲୋକପ୍ରତିନିଧି ଯୋଗ ଦେଇ ୨୧ବର୍ଷ ମଧ୍ୟରେ ପ୍ରଣୟନ ହୋଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ ।

# ଜାୟାରଜାର୍ପା ଆଦିବାସୀ କ୍ଲବର ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଜଳେଶ୍ୱର, ୨୬/୧୨(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଜମାଲପୁରଠାରେ ଦୀର୍ଘ ୨୧ବର୍ଷ ଧରି ଜାୟାରଜାର୍ପା ଆଦିବାସୀ କ୍ଲବର ଆନ୍ତରାଜ୍ୟ ଫୁଟବଲ ଖେଳ ଅନୁଷ୍ଠିତ ହୋଇ ଆସୁଛି । ଏଥିରେ ଓଡିଶା ଓ ପଶ୍ଚିମବଂଗର ୨୪ଟି ଦଳ ଭାଗ ନେଇଥିଲେ । ଗତ ୨୩ ତାରିଖରେ ଏହା ଉଦ୍‌ଘାଟନ ହୋଇଥିବା ବେଳେ ୨୬ ତାରିଖ ସଂଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କ୍ଲବର ସଭାପତି ରଘୁନାଥ ହାଁସଦା ଏଥିରେ ସଭାପତିତ୍ୱ କରିଥିବା ବେଳେ ସଂପାଦକ ବିଶ୍ୱନାଥ ହାଁସଦା ଉଦ୍ଦେଶ୍ୟ ଓ ସୂଚନା ଜ୍ଞାପନ କରିଥିଲେ । ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଥନ୍‌ଜିବୀ ରାମଚନ୍ଦ୍ର ଜେନା, ଜୀବନବିନ୍ଦୁ ନିର୍ବାଚନମଣ୍ଡଳି ସଂପାଦକ ମଧୁସୂଦନ ସେନାପତି, ସମାଜସେବୀ ପ୍ରବୀର କୁମାର ଦାସ, ଶିକ୍ଷକ ସଂଘ ପୂର୍ବତନ ସଭାପତି ଖଗେନ୍ଦ୍ର ସାହୁ, ବିଶ୍ୱନାଥ ଦାସ ମହାପାତ୍ର, ସାମ୍ବାଦିକ ଭୂପତି ପରିଡା ପ୍ରମୁଖ ଜମାଳପୁର ଅଂଚଳରେ ୨୧ବର୍ଷ ଧରି ଏହି ଟୁର୍ଣ୍ଣମେଣ୍ଟ ଏକ ବଂଧୁତା ଡୋରରେ ସମସ୍ତଙ୍କୁ ବାନ୍ଧି ରଖିଛି ବୋଲି କହିଥିଲେ । ଏଥିରେ କେବଳ ବାଲେଶ୍ୱର ଜିଲା ନୁହେଁ, ମୟୁରଭଂଜ ଓ ମେଦିନୀପୁର, ଝାଡଗ୍ରାମ ଅଂଚଳର ବହୁ ଦଳ ଭାଗ ନେଇ ଆସୁଛନ୍ତି । ଏଥିରେ ହାଁସଦା ମହଲ ଦଳ ବିଜୟୀ ହୋଇଥିବା ବେଳେ ଜିସିପିପିଏଲ୍ ଦଳ ରନର୍ସ ହୋଇ ଟ୍ରଫି ଓ ନଗଦ ଟଙ୍କା ଗ୍ରହଣ କରିଥିଲେ । ସପନ କୁମାର ଦାସ, ବିନୋଦ ଗିରି, ରବିନ୍ଦ୍ର ନନ୍ଦି, ଦେବବ୍ରତ ନନ୍ଦ, ଭଗୀରଥ ପାଳ, ମହେଶ୍ୱର ବଡୁ, ରାଧାରଂଜନ ଜେନା, ଶ୍ରୀରାମ ମାରାଣ୍ଡି ସଭା ପରିଚାଳନା କରିଥିବା ବେଳେ ଜନାର୍ଦ୍ଦନ ପାଳ, ପାଣ୍ଡୁରାମ ମୁର୍ମୁ, ପିଠ ହାଁସଦା ଓ ଭୁଜ ହେମ୍ବମ ଖୋଳ ପରିଚାଳନା କରିଥିଲେ ।

## ବାଇକ ଦୁର୍ଘଟଣାରେ ଯୁବକ ମୃତ



ବାରିପଦା, ୨୬/୧୨ (ନି.ପ୍ର): ଲୁଲୁଙ୍ଗରୁ ପିକନିକ ସାରି ଫେରୁଥିବା ବେଳେ ବାଇକ ଗଛରେ ପିଟିହୋଇ ଯୁବକ ମୃତ । ମୃତ ଯୁବକ ଜଣକ ହେଉଛନ୍ତି ଭଂଜପୁର ବୁଢ଼ୀଖମାରି ଅଞ୍ଚଳର ସମରପ୍ରୀତ ଦାସ (୩୦) । ମିଳିଥିବା ସୂଚନା ଅନୁଯାୟୀ ସେ ଶିମିଳିପାଳ ପାଦ ଦେଶରେ ଥିବା ଲୁଲୁଂ ନିକଟ ସୀତାକୁଣ୍ଡରୁ ପିକନିକ ସାରି ନିଜ ବୁଲେଟରେ ଘରକୁ ଫେରୁଥିବା ସମୟରେ କୌଣସି କାରଣରୁ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟିହୋଇ ଦୁର୍ଘଟଣା ଘଟିବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତେବେ ସମାରପ୍ରୀତ ଜାମସେଦପୁରର ଏକ କମ୍ପାନୀରେ ଚାକିରୀ କରୁଥିଲେ ଓ ପ୍ରାୟ ଏକ ବର୍ଷ ପୂର୍ବରୁ ତାଙ୍କର ବିବାହ ହୋଇଥିଲା । ବର୍ତ୍ତମାନ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜର ଶବ ଗୃହରେ ରଖା ଯାଇଥିବାର ଜଣା ଯାଇଛି ।

## ବେକରେ ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବାଲିଆପାଳ, ୨୬/୧୨ (ନି.ପ୍ର): ବାଲିଆପାଳ ଥାନା ଅଳାଡିହା ପଂଚାୟତ ବାଲିବିଲ ଗ୍ରାମର ଜୈନିକ ଯୁବକଙ୍କର ଝୁଲନ୍ତା ମୃତ ଦେହ ଆଜି ଉଦ୍ଧାର ହୋଇଛି । ସୂଚନା ଅନୁସାରେ ବାଲିବିଲ ଗ୍ରାମର ମୃତ୍ୟୁଞ୍ଜୟ ପାତ୍ରଙ୍କର ବଡପୁଅ ସୁର୍ଯ୍ୟ ନାରାୟଣ ପାତ୍ର ୨୧ ବର୍ଷ ବାଲେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିଲେ । ୩ ଦିନ ତଳେ ସେ ଘରକୁ ଆସିଥିଲେ । ଆଜି ଭୋର ସମୟରେ ବେକରେ ଶାଢି ଗୁଡାଇ ଆତ୍ମହତ୍ୟା କରିଥିବା ଘର ଲୋକ ଦେଖିବାକି ପାଇଥିଲେ । ମତ୍ୟୁର କାରଣ ଅସ୍ୱଷ୍ଟ ଥିବା ବେଳେ ମାନସିକ ଭାରସାମ୍ୟ ହରାଇ ସୁର୍ଯ୍ୟନାରାୟଣ ଏପରି କରିଥିବା ଘର ଲୋକ କହିଛନ୍ତି । ବାଲିଆପାଳ ପୁଲିସ ଘଟଣାସ୍ଥଳରେ ପହଁଚି ଶବ ଜବତ କରିବା ସହ ୪୧/୨୧ କେସ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ କରାଇଛି ।

# ଗୌରୀ ମେମୋରିଆଲ ଲାଇବ୍ରେରୀର ଉଦ୍‌ଘାଟନୀ ଉତ୍ସବ




ବାଲେଶ୍ୱର, ୨୬/୧୨ (ନି.ପ୍ର): ଅରଡ଼ବଜାରସ୍ଥିତ 'ଗୌରୀ ମେମୋରିଆଲ ଲାଇବ୍ରେରୀ'ର ଉଦ୍‌ଘାଟନୀ ଉତ୍ସବ ଡ୍ରିମସ୍ ଆଇଡିଆଲ ରେସିଡେନ୍ସିଆଲ ସ୍କୁଲ ପରିସରରେ ପାଳିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଉଦ୍ୟୋକ୍ତାଙ୍କ ପ୍ରଚେଷ୍ଟାକୁ ସାଧୁବାଦ ଜଣାଇବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପାଠାଗାରର ସଭାପତି ଅଞ୍ଜଳି ପଣ୍ଡା ଗଳ୍ପ ମାଧ୍ୟମରେ ପଢ଼ିବାକୁ ଉତ୍ସାହିତ କରିବା ସହ ପାଠ ସମସ୍ତଙ୍କ ପାଇଁ କେତେ ଜରୁରୀ ତାହା ଉପସ୍ଥାପନା କରିଥିଲେ । କାର୍ଯ୍ୟକାରୀ ସଭାପତି କବି କାଳିପଦ ପଣ୍ଡା ତାଙ୍କ ବକ୍ତବ୍ୟରେ ପାଠାଗାରର ଉଦ୍ଦେଶ୍ୟ ଓ ଉପାଦେୟତା ଉପରେ ଆଲୋକପାତ କରିଥିଲେ । ମଞ୍ଚ ପରିଚାଳନା କରୁଥିବା ପାଠାଗାର ସମ୍ପାଦକ ଗଙ୍ଗାଧର ଦାସ ତାଙ୍କ ବକ୍ତବ୍ୟରେ ପାଠାଗାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯିବା ହ ସବୁ ବର୍ଗର ଲୋକଙ୍କ ନିମିତ୍ତ ଉଦ୍ଦିଷ୍ଟ ଏବଂ ଏହାର ସୁଫଳ ସମସ୍ତେ ପାଇଲେ ତାଙ୍କ ଶ୍ରମ ସାର୍ଥକ ହେବ ବୋଲି ଅଭିହିତ କରିଥିଲେ । ସହ ସମ୍ପାଦକ ସର୍ବେଶ୍ୱର ଦାସ ବରିଷ୍ଠ ସାମ୍ବାଦିକ ତଥା କବି ସର୍ବେଶ୍ୱର ଦାସ ତାଙ୍କ ବକ୍ତବ୍ୟରେ ପାଠର ସର୍ବସାଧାରଣ ଲାଭ ଉଠାଇବାକୁ ଗୁରୁତ୍ୱ ଦେଇଥିଲେ । ସ୍ଥାନୀୟ ୱାର୍ଡ କାଉନ୍‌ସିଲର ରଞ୍ଜିତା ମହାପାତ୍ର ନିଜ ଅଞ୍ଚଳର ଏହାର ସ୍ଥାପନାକୁ ନେଇ ବହୁ ଆଶାବାଦୀ ହେବା ସହ ଏହାର ବିକାଶ ଦିଗରେ ନିଜର ପ୍ରଚେଷ୍ଟା ଜାରି ରଖିବେ ବୋଲି ମତବ୍ୟକ୍ତ କରିଥିଲେ । ଉପଦେଷ୍ଟା କାର୍ତ୍ତିକ ପ୍ରସାଦ ସି, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, କବି ଗଙ୍ଗାଧର ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ସୁଧାକର ସେଠୀ, ପ୍ରଦୀପ କୁମାର ମିଶ୍ର, ଇନାୟତ ଅଲି ଖାଁ, ଉମେଶ ଚନ୍ଦ୍ର ଜେନା, ଦିଲ୍ଲିପ କୁମାର ରଥ ପ୍ରମୁଖ କବିମାନେ ଉପସ୍ଥିତ ରହି ନିଜ ନିଜର ସହଯୋଗ ଓ ସହଭାଗିତା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ ପ୍ରତ୍ୟେକ କିଛି ପୁସ୍ତକ ପାଠାଗାରକୁ ଦାନ କରିଥିଲେ । ଶେଷରେ ଚତୁର୍ଭୁଜ ମଲ୍ଲିକ (ଉପଦେଷ୍ଟା) ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଡ୍ରିମସ୍ ଆଇଡିଆଲ ରେସିଡେନ୍ସିଆଲ ସ୍କୁଲର ଅଧକ୍ଷା ପୁଷ୍ପିତା ମହାନ୍ତି, ରେହାନା ବେଗମ୍, ସତ୍ୟଭାମା ପ୍ରଧାନ, ସ୍ମିତିସୁଧା ଦାସ, ଦୀପାଞ୍ଜଳୀ ଦାସ, ଦେବୀଶ୍ରୀ ଗିରି, କଳ୍ପନା ବାରିକ, ରୂପଶ୍ରୀ ବେହେରା, ଆରତୀ ରାଉଳ, କାବ୍ୟଶ୍ରୀ ସାହାଣୀ, ବାସନ୍ତୀ ଭଞ୍ଜ, ହରିପଦ ଧଳ, ଲକ୍ଷ୍ମୀଧର ପଣ୍ଡା, ଦ୍ୱିତୀକୃଷ୍ଣ ମହାନ୍ତି, ରୁନି ସିଂ ପ୍ରମୁଖ କର୍ମଚାରୀଗଣ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବିଜେଡିର ପ୍ରତିଷ୍ଠା ଦିବସ....

ଓଡ଼ିଶାବାସୀଙ୍କ ଇଚ୍ଛାରେ... ଓଡ଼ିଶାର ହକ୍ ପାଇଁ... । ସେ କହିଛନ୍ତି, ଆମେ କେବଳ ଓଡ଼ିଶାବାସୀଙ୍କ ପାଖରେ ଉତରଦାୟୀ । ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ବିଜେଡି ଏକ ସାମାଜିକ ଆନ୍ଦୋଳନରେ ପରିଣତି ହୋଇଛି । ଏହି ସଫଳତା ପଛରେ ଅଛନ୍ତି ସମୃଦ୍ଧ ଓ ଶସକ୍ତ ଓଡ଼ିଶାର ସ୍ୱପ୍ନ ଦେଖିଥିବା ପ୍ରତ୍ୟେକ ଓଡ଼ିଶାବାସୀ । ସେମାନଙ୍କୁ ସାଥିରେ ଧରି ବିଜେଡି ଶହ ଶହ ବର୍ଷ ଧରି ଓଡ଼ିଶାବାସୀଙ୍କ ସେବା କରି ଚାଲିବ । ସେ କହିଛନ୍ତି ଯେ - ମହିଳା ସଶକ୍ତିକରଣରେ ଓଡ଼ିଶା ଆଜି ଆଗରେ । ମା ମାନଙ୍କ ପାଇଁ ପଂଚାୟତ ଓ ପୌରାଂଚଳରେ ୫୦% ସ୍ଥାନ ସଂରକ୍ଷଣରେ ମଧ ଓଡ଼ିଶା ଆଗରେ ଅଛି । ସଂସଦରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ପାଇଁ ବିଜୁ ଜନତା ଦଳ ହିଁ ବାଟ ଦେଖାଇଛି । ଏହି ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ମା ମାନଙ୍କ ହକ୍ ପାଇଁ ଆମର ଆନ୍ଦୋଳନ ଜାରି ରହିବ । ମିଶନ ଶକ୍ତି ଆଜି ଓଡ଼ିଶାର ପ୍ରତି ଘରର ମା' ମାନଙ୍କୁ ସଶକ୍ତ କରିଛି । ୭୦ ଲକ୍ଷ ମା ମାନଙ୍କ ଏହି ବିରାଟ ଆନ୍ଦୋଳନ ବିକାଶ କ୍ଷେତ୍ରରେ ନୂଆ ଯୁଗ ଆରମ୍ଭ କରିଛି । ତଫସିଲ୍‌ଭୁକ୍ତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗ ଭାଇ ଭଉଣୀଙ୍କ ବିକାଶ ଆମର ପ୍ରାଥମିକତା । ଶିକ୍ଷା ତଥା ବିଭିନ୍ନ ବିକାଶ ଜରିଆରେ ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ପାଇଁ ଅନେକ କାମ ଚାଲିଛି । କରୋନା ସମୟରେ ସବୁଠାରୁ ଅଧିକ ପୁଞ୍ଜି ଓଡ଼ିଶାକୁ ଆସିଛି । ୪ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ଆସିଛି । ଏହା ସାରା ଦେଶରେ ସବୁଠାରୁ ଅଧିକ । ଆମର ଯୁବ ପିଢ଼ି ପାଇଁ ଏହା ରୋଜଗାରର ନୂଆ ସୁଯୋଗ ଆଣିଛି । କରୋନା ସମୟରେ ମାଗଣା ଚିକିତ୍ସା ଦେଇଛି ଓଡ଼ିଶା ସରକାର । ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହୋଇଛି ଓଡ଼ିଶା ସରକାର । ୧୭ ରାଜ୍ୟକୁ ଅକ୍ସିଜେନ ଯୋଗାଇଛି ଓଡ଼ିଶା ସରକାର । ଲୋକଙ୍କ ଭିତରେ ଭରସା ସୃଷ୍ଟି କରିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ଼ । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଶରେ ଏକ ବିପ୍ଳବ ଆଣିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ ଆହୁରି ମଧ କହିଛନ୍ତି କି, ଆପଣମାନେ ହେଉଛନ୍ତି ଆମ ଦଳର ମେରୁଦଣ୍ଡ । ୨୦୦୦ ମସିହାର ଓଡ଼ିଶା ଓ ଆଜିର ଓଡ଼ିଶା ଭିତରେ ବହୁତ ବଡ଼ ପରିବର୍ତ୍ତନ ହୋଇଛି । ଗରିବୀ କମ କରିବାରେ ଆମ ରାଜ୍ୟ ସାରା ଦେଶରେ ଆଗରେ ରହିଛି । ଓଡ଼ିଶାରେ ଗରିବୀ ୬୩%ରୁ ୨୯%କୁ କମିଛି । ଅଶି ଲକ୍ଷ ଲୋକ ଗରିବୀ ରେଖା ଉପରକୁ ଆସିଛନ୍ତି । ଆଗାମୀ ୫ ବର୍ଷ ମଧ୍ୟରେ ଆପଣମାନଙ୍କ ସହଯୋଗରେ ଗରିବିକୁ ୧୦ ପ୍ରତିଶତକୁ କମ କରି ଓଡ଼ିଶା ଇତିହାସ ସୃଷ୍ଟି କରିବ । ଏଥି ପାଇଁ ଯାହା ଦରକାର ଆମ ସରକାର ସେ ସବୁ ପଦକ୍ଷେପ ନେବ ।

## ଓଡିଶାରେ ଚିହ୍ନଟ ହେଲେ ଆଉ....

ଓଡିଶାରେ ଚିହ୍ନଟ ହେଲେ ଆଉ ୪ ଓମିକ୍ରନ ଆକ୍ରାନ୍ତ । ମୋଟ ୮ ଆକ୍ରାନ୍ତଙ୍କ ମଧ୍ୟରୁ ୫ ଜଣ ନାଇଜେରିଆ ଫେରନ୍ତା । ରବିବାର ଚିହ୍ନଟ ହୋଇଥିବା ୪ ଓମିକ୍ରନ ସଂକ୍ରମିତଙ୍କ ମଧ୍ୟରୁ ଦୁଇ ଜଣ ନାଇଜେରିଆ ଫେରନ୍ତା ହୋଇଥିବା ବେଳେ ଅନ୍ୟ ୨ ଜଣ ସାଉଦିଆରବରୁ ଫେରିଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ୯ ବର୍ଷର ଶିଶୁ ଅଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ଜଣେ ନେଗେଟିଭ ହୋଇସାରିଛନ୍ତି । ନାଇଜେରିଆ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ସମସ୍ତଙ୍କର ଆରଟିପିସିଆର ରିପୋର୍ଟ ନେଗେଟିଭ ଆସିଛି । ତେବେ ସାଉଦି ଆରବ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ଆରଟିପିସିଆର ରିପୋର୍ଟକୁ ଅପେକ୍ଷା କରାଯାଇଛି । ବଡକଥା ହେଉଛି ଚିହ୍ନଟ ହୋଇଥିବା ଓମିକ୍ରନ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି । ଏମାନଙ୍କ ମଧ୍ୟରୁ କାହାରିଠାରେ ସେଭଳି ଗୁରୁତର ଲକ୍ଷଣ ନାହିଁ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ରିପୋର୍ଟ ମଧ ନେଗେଟିଭ ଆସୁଛି । ତେବେ ଚିହ୍ନଟ ୪ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣ ଜଗତସିଂହପୁରର ହୋଇଥିବାବେଳେ ଜଣେ ଗଞ୍ଜାମ ଓ ଆଉ ଜଣେ ଖୋର୍ଦ୍ଧାର ବୋଲି ଜଣାପଡିଛି । ମୋଟ ୮ ଆକ୍ରାନ୍ତଙ୍କ ମଧ୍ୟରୁ ୫ ଆକ୍ରାନ୍ତ ନାଇଜେରିଆ ଫେରନ୍ତା ବୋଲି ଜଣାପଡିଛି । ତେବେ ଭଲ ଖବର ହେଉଛି ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି । ବର୍ତମାନ ସୁଦ୍ଧା ରାଜ୍ୟକୁ ୩ ହଜାରରୁ ଅଧିକ ବିଦେଶୀ ଫେରନ୍ତା ଆସିଲେଣି । ଏମାନଙ୍କ ମଧ୍ୟରୁ ପଜିଟିଭ ଆସିଥିବା ଆକ୍ରାନ୍ତଙ୍କ ନମୂନାକୁ ଜେନମ ସ୍ୱିକେନ୍ସ ପାଇଁ ପଠାଯାଇଛି । ଓମିକ୍ରନର ମୁକାବିଲା ପାଇଁ ବି ସରକାର ତତ୍ପର ହୋଇଉଠିଛନ୍ତି । ସେପଟେ ଭାରତରେ ବର୍ତମାନ ସୁଦ୍ଧା ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୪ ଶହ ଅତିକ୍ରମ କରିଛି । ମଧ୍ୟପ୍ରଦେଶ ଓ ହିମାଚଳ ପ୍ରଦେଶରେ ପ୍ରଥମ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମହାରାଷ୍ଟ୍ରରେ ସର୍ବାଧିକ ୧୦୮ ଜଣ ଓମିକ୍ରନ ଆକ୍ରାନ୍ତ ରହିଥିବାବେଳେ ୧୯ଟି ରାଜ୍ୟକୁ ଓମିକ୍ରନ ବ୍ୟାପିଲାଣି ।

## ଉଦଳାରେ ଧ୍ୱନିପ୍ରତିଧ୍ୱନିର....

ଅଧ୍ୟକ୍ଷତା କରି ଉଦଳା ପାଠକ ମଞ୍ଚର ବିସ୍ତୃତ ଇତିହାସ ବ୍ୟକ୍ତ କରିଥିଲେ । ଏହି ଅବସରରେ ଧ୍ୱନିପ୍ରତିଧ୍ୱନିର ନିୟମିତ ପାଠକ ତ୍ରିଲୋଚନ ରଥ, ଗୋଲକ ମହାରଣା, ଅଜିତ ମହାପାତ୍ର ଓ ରବିନ୍ଦ୍ର ନାଥ ଆଚାର୍ଯ୍ୟଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହାପରେ ଉଦଳା ପାଠକ ମଞ୍ଚର ଦିବଂଗତ ଭାଇ ଭଉଣୀ ମାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପ୍ରାରମ୍ଭରେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମନୋରଂଜନ ମଲ୍ଲିକ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରଫୁଲ୍ଲ କୁମାର ଖୁଲାର ପୌରହିତ୍ୟ କରିଥିଲେ । ନମିତା ରାଉତ, ରୁକ୍ମଣୀ ସାହୁ ଓ ମାଳତୀଲତା ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କରୁଣାକର ଦାସ, ଯୋଗେନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ପ୍ରସାଦ ବେହେରା, ଅବନ୍ତି ବେହେରା, ସ୍ମିତିମୟୀ ଦାସ, ରଙ୍ଗଲତା ବେହେରା, ପବିତ୍ର ମୋହନ ବେହେରା, କ୍ଷଣପ୍ରଭା ଜେନା, ମମତା ସାହୁ, ଇତ୍ୟାଦି ୫୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ ।

## ଆଜିଠାରୁ ରାତି ୧୧ଟା ପରେ....

ଆସନ୍ତା କାଲିଠାରୁ ଏହାକୁ କଡ଼ାକଡ଼ି କରାଯିବ । ଗତ କିଛି ଦିନ ହେବ ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି । ଦିଲ୍ଲୀ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରିପୋର୍ଟ ଅନୁଯାୟୀ ରବିବାର ଦିଲ୍ଲୀରେ ୨୯୦ଟି ଫ୍ରେସ୍ କେସ୍ ଚିହ୍ନଟ ହୋଇଛି । ଜଣକର ମୃତ୍ୟୁ ଘଟିବା ସହ ପଜିଟିଭି ହାର ୦.୫୫କୁ ବୃଦ୍ଧି ପାଇଛି । ଏଥିସହ ଦିଲ୍ଲୀରେ ମୋଟ କୋଭିଡ୍ କେସ୍ ୧୪,୪୩,୩୫୨କୁ ବୃଦ୍ଧି ପାଇଛି । ମୃତ୍ୟୁ ସଂଖ୍ୟ ୨୫,୧୦୫କୁ ବୃଦ୍ଧି ପାଇଥିବା ରେକର୍ଡ଼ କରାଯାଇଛି । ୧୧୦୩ଟି ଆକ୍ଟିଭ କେସ୍ ରହିଛି । ୫୮୩ ଜଣ ଆଇସୋଲେସନରେ ଅଛନ୍ତି ।

# ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ

ନୀଳଗିରି, ୨୬/୧୨ (ନି.ପ୍ର): ୧୯୯୭ ମସିହା ଡିସେମ୍ବର ୨୬ତାରିଖରେ ବିଜୁ ଜନତା ଦଳ ପ୍ରତିଷ୍ଠିତ ହୋଇଥିବା ବେଳେ ଆଜି ଉକ୍ତ ଦଳ ୨୫ବର୍ଷରେ ପଦାର୍ପଣ କରିଥିବା ବେଳେ ଆଜି ନୀଳଗିରି କେ.ସି.ହାଇସ୍କୁଲ ପଡ଼ିଆରେ ମହାସମାରୋହରେ ୨୫ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଅଛି । ନୀଳଗିରି ନିର୍ବାଚନ ମଣ୍ଡଳୀରୁ କୋଣ ଅନୁକୋଣରୁ ବହୁ ବିଜୁ ପ୍ରେମୀ ଏକଜୁଟ ହୋଇଥିଲେ । ଆଜିର ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ଜିଲ୍ଲା ସଭାପତି ଇଂ. ରବିନ୍ଦ୍ର ଜେନା ଯୋଗ ଦେଇ ନିଜ ବକ୍ତବ୍ୟରେ ବିଜୁ ଜନତା ଦଳ ଏକ ଦଳ ନୁହଁ, ଏହା ଏକ ଅନୁଷ୍ଠାନ ବୋଲି କହିବା ସହିତ ଆଂଚଳିକ ଦଳ ଭାବରେ ଓଡ଼ିଶାର ବିଜୁ ଜନତା ଦଳ ସମଗ୍ର ଭାରତବର୍ଷରେ ନିଜର ନାମକୁ ଶୀର୍ଷରେ ରଖିଛି ବୋଲି ପ୍ରକାଶ କରିଥିଲେ । ନୀଳଗିରି ନିର୍ବାଚନ ମଣ୍ଡଳୀର ଟାଣୁଆ ତଥା ଲୋକପ୍ରିୟ ନେତା ସନ୍ତୋଷ ଖଟୁଆ ବିଜୁ ଜନତା ଦଳ ହିଁ ଲୋକମାନଙ୍କର ଦଳ, ଗରିବ ଖଟିଖିଆଙ୍କ ନେତା ନବୀନ ପଟ୍ଟନାୟକ ଭାରତ ବର୍ଷରେ ନଂ.୧ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମର ପଟ୍ଟନାୟକ, କିଶୋର ଷଡ଼ଙ୍ଗୀ, ଗତିକୃଷ୍ଣ ନନ୍ଦ, ତାପସ ପରିଡ଼ା, ବିଜୟ ଲେଙ୍କା, ବରଦା ପ୍ରସନ୍ନ ପଟ୍ଟନାୟକ, ଆଲୋକ ଦାଶ, ଶ୍ରୀମନ ଦାସମହାପାତ୍ର, ଶିଶିର କୁମାର ରାଉତ, ରବିନ୍ଦ୍ର ପରିଡ଼ା, ଅଶୋକ ପ୍ରଧାନ, ସୁନୀତି ସିଂ, ମଦନ ମାଝୀ, ରଂଜିତା ସିଂ, ରଜନୀ ମହାନ୍ତି, ଶୁଭେନ୍ଦୁ ଶେଖର ଜେନା, ବିଜୟ ପ୍ରଧାନ, ଧିରେନ୍ଦ୍ର ଲେଙ୍କା, ଫ୍ରାନସିସ ବେକେନ ସ ପ୍ରମୁଖ ମଂଚାସୀନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ୨୫ତମ ପ୍ରତିଷ୍ଠା ଦିବସରେ ମନୋରଂଜନ ମହାନ୍ତି ମଂଚ ପରିଚ୍ଚଳନା କରିଥିଲେ । ଲୋକନାଥ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଈକୁ ଧକ୍କାଦେଲା କାର : ପାଞ୍ଚ ଜଣ ଗୁରୁତର




ବସ୍ତା, ୨୬/୧୨ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ବସ୍ତା ବାଇପାସ ନିକଟରେ ଏକ କାର ଦୁର୍ଘଟଣା ଘଟିଛି । କାରରେ ଗୋଟିଏ ପରିବାର ର ୫ଜଣ ଗୁରୁତର ହେଇଥିବା ଜଣା ପଡ଼ିଛି । ସୂଚନାରୁ ପ୍ରକାଶ ରବିବାର ପଶ୍ଚିମ ବଙ୍ଗ କଲିକତା ର ଷ୍ଟେସନ ପଲ୍ଲୀ ଅଞ୍ଚଳ ର ଏକ ପରିବାର ପୁରୀ ଜଗନ୍ନାଥ ଦର୍ଶନ ପାଇଁପୁରୀ ଅଭିମୂଖେ (ଡବ୍ଲୁ .ବି.୨ ୦ ବି.ଜି.୩୪୬୭) ନମ୍ବରଥିବା ଏକ କାର ଯୋଗେ ପୁରୀ ଯାଉଥିବା ସମୟରେ ବସ୍ତା ଥାନା ଅନ୍ତର୍ଗତ ବସ୍ତା ବାଇପାସ୍ ଅନତି ଦୂରରେ ହଠାତ୍ ଏକ ଗାଈ ରାଜପଥ ର ରାସ୍ତା ଉପରକୁ ଆସିଯିବାରୁ ତାକୁ ବଞ୍ଚେଇବା କୁ ଯାଇ କାର ଟି ଦୁର୍ଘଟନା ଗ୍ରସ୍ତ ହୋଇ ରାଜପଥ ଉପରେ ଓଲଟି ପଡ଼ି ଥିଲା । ଫଳରେ ଗାଡ଼ିରେ ଥିବା ୫ଜଣ ଙ୍କ ମଧ୍ୟରୁ ୨ଜଣ ମହିଳା ଗୁରୁତର ହେଇ ଥିବା ବେଳେ ଅନ୍ୟ ୩ଜଣ ଆହତ ହୋଇ ଥିଲେ । ଖବର ପାଇ ବସ୍ତା ପୋଲିସ, ଦମକଳ ବାହିନୀ ଓ ରାଜପଥ ଆମ୍ବୁଲାନ୍ସ ଘଟଣା ସ୍ଥଳରେ ପହଞ୍ଚି କାର ରୁ ଯାତ୍ରୀ ମାନଙ୍କୁ ଉଦ୍ଧାର କରି ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇ ଥିଲେ । ଗୁରୁତର ଆରତୀ ଘୋଷ .୪୫,ବର୍ଣ୍ଣାଳୀଘୋଷ ୨୮, ଦିଲ୍ଲୀପ ଘୋଷ ୫୦ .ଅର୍ଷିଘୋଷ. ୩.ରାଜୀବ ଘୋଷ.୩୦. ବୋଲି ଜଣା ପଡ଼ିଛି । ତେବେ ପରିସ୍ଥିତି ଅଣ ଆୟତ ହେବାରୁ ଗୁରୁତର ଦୁଇଜଣ ମହିଳାଙ୍କୁ ବାଲେଶ୍ୱର ମୂଖ୍ଯ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ବୋଲି ବସ୍ତା ସ୍ୱାସ୍ଥକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଦେବ ବ୍ରତ ଜେନା ପ୍ରକାଶ କରିଛନ୍ତି ।

# ଓଲଟିଲା ଗୋଳାବାରୁଦ ବୋଝେଇ କଣ୍ଟେନର : ଅଳ୍ପକେ ବର୍ତ୍ତିଲେ ଚାଳକ

ଜଳେଶ୍ୱର, ୨୬/୧୨ (ନି.ପ୍ର): ୬୦ନମ୍ବର ଜାତୀୟ ରାଜପଥରେ ଭାରତୀୟ ସାମରିକ ବାହିନୀର ୧୯ଟି କଣ୍ଟେନର କର୍ଣ୍ଣାଟକରୁ ଖଡଗପୁର ଗଲାବେଳେ ଜଳେଶ୍ୱର ଥାନା ଅନ୍ତର୍ଗତ ହୋଟେଲ ରାଜପଥ ନିକଟରେ ଭାରସାମ୍ୟ ହରାଇ ଗୋଟିଏ ଓଲଟି ପଡିଥିଲା । ଭୋର ସମୟରେ ଏହା ଘଟିଥିବାରୁ ଖବରପାଇ କଣ୍ଟେନର ଚାରିପଟେ ସିଆଇଏସ୍ଏଫର ଜବାନମାନେ ଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ନିଜ ଅକ୍ତିଆର୍‌ରେ ରଖିଥିଲେ । ସେଥିରେ ଥିବା ସାମରିକ ବାହିନୀର ଗୋଳାବାରୁଦ ଓ ସରଞ୍ଜାମ ସଂପର୍କରେ ସେମାନେ ସୂଚନା ଦେଇନଥିବା ବେଳେ ଏ ସମ୍ପର୍କରେ କୌଣସି ତଥ୍ୟ ଦେବାକୁ ମନା କରିଥିଲେ । ଘଟଣାରୁ ପ୍ରକାଶ, ସାମରିକ ବାହିନୀର ଏନ୍.ଏଲ-୦୧-ଏବି-୮୭୧୨ କଣ୍ଟେନରଟି ବହୁ ସାମରିକ ସରଞ୍ଜାମ ଧରି ରାସ୍ତାକଡକୁ ଓଲଟିଥିଲା । ଭାଗ୍ୟକୁ ନିକଟରେ କୌଣସି ଯାନ ନଥିବାରୁ ବଡ ଧରଣର ଦୁର୍ଘଟଣାରୁ ରକ୍ଷା ମିଳିଥିଲା । ଏହି ୧୮ଚକ ବିଶିଷ୍ଟ କଣ୍ଟେନରରେ ବହୁ ଯୁଦ୍ଧ ସରଞ୍ଜାମ ଥିବାର ଦୂରରୁ ଦେଖିବାକୁ ମିଳୁଥିବା ବେଳେ ଏ ସମ୍ପର୍କରେ ଦାୟିତ୍ୱରେ ଥିବା କର୍ମକର୍ତ୍ତା ଅରୁଣ କୁମାର କୌଣସି ତଥ୍ୟ ଦେବାକୁ ମନା କରିଥିଲେ । ୧୮ଟି କଣ୍ଟେନର ଗନ୍ତବ୍ୟସ୍ଥଳକୁ ଚାଲିଯାଇଥିବା ବେଳେ ଉକ୍ତ ଯାନଟି ଘଟଣାସ୍ଥଳରେ ପଡିରହିଥିଲା । ଆଶ୍ଚର୍ଯ୍ୟର ବିଷୟ ଦୁର୍ଘଟଣାଗ୍ରସ୍ତ ଯାନର ଚକ ଗୁଡିକ ଅତି ପୁରୁଣା ଓ ସେଥିରେ କଟା ଓ ଫାଟ ଦାଗ ଦେଖିବାକୁ ମିଳୁଛି । ଯୁଦ୍ଧ ସାମଗ୍ରୀ ନେଇ ଯାଉଥିବା ଏପରି ଅସୁରକ୍ଷିତ ଯାନଗୁଡିକ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷ କିପରି ନଜର ଦେଇନାହାନ୍ତି ତାହାହିଁ ଆଲୋଚ୍ୟର ବିଷୟ । ଗୋଳାବାରୁଦ ବିସ୍ଫୋରଣ ହୋଇଥିଲେ କେବଳ ୬୦ନଂ ଜାତୀୟ ରାଜପଥ ନୁହେଁ ନିକଟସ୍ଥ ଗ୍ରାମଗୁଡିକ ନିଶ୍ଚିହ୍ନ ହୋଇ ଯାଇଥାନ୍ତା । ପ୍ରକାଶଯୋଗ୍ୟ ଗତ ୫ମାସ ତଳେ ୬୦ ନଂ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ରାସ୍ତାର ଡାଉନ୍ ଲାଇନ୍‌ର ମରାମତି ଲାଗି ପ୍ରାୟ ଦେଢ କି.ମି. ସ୍ଥାନ ଅବରୋଧ ଧ ଖୋଳିଥିବାରୁ ଅପ୍ ଓ ଡାଉନ୍‌ର ସମସ୍ତ ଯାନ ଗୋଟିଏ ରାସ୍ତାରେ ଚଳାଚଳ କରୁଛି । ଫଳରେ ଏହିସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟି ଆସୁଛି ।

# ଅନୁପ୍ ଜେଲୋଟା ପାଇଲେ ପଞ୍ଚଦଶ ଚଉଷଠି ଯୋଗିନୀ ସଂଗୀତ ପୁରସ୍କାର




ଭୁବନେଶ୍ୱର, ୨୬/୧୨ (ନି.ପ୍ର): ପଞ୍ଚଦଶ ଚଉଷଠି ଯୋଗିନୀ ମହୋତ୍ସବ ୨୦୨୧ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ସାହୁ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଶୁଭାରମ୍ଭ କରିଥିଲେ । ନୃତ୍ୟ ପ୍ରତିଭାର ସଭାପତି ଡ. ରଜନୀ ରଂଜନ ଦାଶ ଓ ସଂପାଦିକା ପ୍ରତିଭା ପଣ୍ଡା ଉପସ୍ଥିତ ଥିଲେ । ପ୍ରଜ୍ଞାନୃତ୍ୟାୟନ ଦ୍ୱାରା ରାମାୟଣ, ଗୁରୁପ୍ରତିଭା ପଣ୍ଡାଙ୍କ ନୃତ୍ୟ ପ୍ରତିଭା ଦ୍ୱାରା ନବରତ୍ନ, ଚିତ୍ରସେନ ସ୍ୱାଇଁଙ୍କ ଆରାଧନା ଡ୍ୟାନ୍ସ ଏକାଡେମୀ ଦ୍ୱାରା ଗୋଟିପୁଅ, ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ ନୃତ୍ୟ ପ୍ରତିଭାର ଷଡ଼ରତ୍ନ, ନୃତ୍ୟ ସଂଯୋଜନା ଏବଂ ଭଜନ ପରିବେଷଣ ଭଜନ ସମ୍ରାଟ ପଦ୍ମଶ୍ରୀ ପଣ୍ଡିତ ଅନୁପଜେଲୋଢ଼ା କରିଥିଲେ । ସୁଧୀରଂଜନ ମିଶ୍ର, ନିର୍ଦ୍ଦେଶକ ପି.ପି.ଏଲ, ପ୍ରାକ୍ତନ ଏମ୍.ପି. ଶ୍ରୀ ପ୍ରସନ୍ନ କୁମାର ପାଟ୍ଟଶାଣୀ, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ମାନ୍ୟବର ବାଚସ୍ପତି ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର ଯୋଗ ଦେଇଥିଲେ । ଏହି ଉତ୍ସବରେ ଅନୁପ୍‌ଜେଲୋଟାଙ୍କୁ ଚଉଷଠି ଯୋଗିନୀ ସଂଗୀତ ସମ୍ମାନ, ଗୁରୁ ଗଜେନ୍ଦ୍ର ପଣ୍ଡା, ନାଟ୍ୟନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ, ଚିତ୍ରକଳା ପାଇଁ ସୁବ୍ରତ ମଲ୍ଲିକ ଏବଂ ସାହିତ୍ୟ ସମ୍ମାନ କଥାକାର ପଦ୍ମଜ ପାଳ ଏବଂ ଯୁବ କବି ସୁମନ ଦାସଙ୍କୁ ପ୍ରଦାନ କରାଯାଇଥିଲା । ଉତ୍ସବ ପରିଚାଳନା କରିଥିଲେ ମିଳନ ।

## ୧୪୪ ଜଣ ରାଜ୍ୟରେ ଆଜି କରୋନାରୁ ସୁସ୍ଥ ହେଲେ

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୪୪ ଜଣ କରୋନା ସଂକ୍ରମଣରୁ ସୁସ୍ଥ ହୋଇଛନ୍ତି । ଏଥିରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୭୬ଜଣ ଅଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୩ ହଜାର ୯୯୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି କଟକ ଜିଲ୍ଲାରୁ ୨୧ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଝାରସୁଗୁଡ଼ାରୁ ୫, ବାଲେଶ୍ୱର, ଦେବଗଡ଼, ମୟୂରଭଂଜରୁ ୩-୩, ଭଦ୍ରକ, ଗଂଜାମ, ଯାଜପୁର, ପୁରୀ, ସୁନ୍ଦରଗଡ଼, ବଲାଙ୍ଗୀର, ନୟାଗଡ଼ରୁ ଜଣେ ଲେଖାଏଁ ସୁସ୍ଥ ହୋଇଥିବା ନେଇ ସୂଚନା ଦିଆ ଯାଇଛି ।

# ବିଜେଡି ଦଳର ପ୍ରତିଷ୍ଠା ଦିବସ ପାଳିତ

## ବିଜେଡିର ବିକଳ୍ପ ନାହିଁ : ନବୀନ ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ

ଜଳେଶ୍ୱର, ୨୬/୧୨(ନିପ୍ର): ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ଆଜି ଅପରାହ୍ନରେ ମୂରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବ୍ଲକ ଓ ପୌରପାଳିକା ଦୁଇ ସ୍ଥାନରୁ ଆସିଥିବା କର୍ମୀମାନଙ୍କୁ ବିଧାୟକ ଅଶ୍ୱିନୀ ପାତ୍ର ଯୋଗ ଦେଇ ବିଜେଡି ୨୫ବର୍ଷର ଯୁବକ, ବିଜୁ ବାବୁଙ୍କ ନାମରେ ନାମିତ ଏହି ଦଳ ମହିଳା ମାନଙ୍କୁ ଶଶକ୍ତି କରଣ ଯୋଜନା ଓ ବିଭିନ୍ନ ଲୋକହିତକର କାର୍ଯ୍ୟଯୋଗୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ହୋଇଛନ୍ତି ବୋଲି କହିଥିଲେ । ବିଭିନ୍ନ ଯୋଜନା ମାଧ୍ୟମରେ ସେ ସାଢେ଼୪ କୋଟି ଓଡିଆଙ୍କ ହୃଦହ ଜୟ କରିଥିବାରୁ ବିଜେଡିର ବିକଳ୍ପ ନାହିଁ ବୋଲି କହିଥିଲେ । ଜଳେଶ୍ୱର ବିକାଶ ଲାଗି ତାଙ୍କ ପ୍ରଚେଷ୍ଟାରେ ମୁଖ୍ୟମନ୍ତ୍ରୀ ଜଳେଶ୍ୱର ସହରକୁ ରକ୍ଷାଲାଗି ସାଢେ ୧୧କୋଟି ଟଙ୍କା ପ୍ରଦାନ କରିବା, ଜଳେଶ୍ୱର ବିଜୁପଟନାୟକ ଇନ୍‌ଡୋର ଷ୍ଟାଡିୟମ ଲାଗି ୯.୮୩କୋଟି ଟଙ୍କା ପ୍ରଦାନ, ୨ଟି ସେତୁ ନିର୍ମାଣ ହେବାକୁ ଯାଉଥିବା, ମୁକ୍ତା ଯୋଜନାରେ ୨.୯୩ କୋଟି ଟଙ୍କା ପ୍ରଦାନ କରିଥିବା ସେ କହିଥିଲେ ବ୍ଲକସ୍ତରୀୟ ମଂଚରେ ବ୍ଲକ ସଭାପତି ଭୂପତି ମିଦ୍ଧା ସଭାପତିତ୍ୱ କରିଥିବା ବେଳେ ମହିଳା ସଭାପତି ସଂଚିତା ସେନାପତି, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ତପନ ଦାସ, ଜିଲା ମହିଳା ସଭାପତି ବିନ୍ଦୁବାଳା ସେନାପତି ବକ୍ତବ୍ୟ ରଖିଥିଲେ । ସେହିପରି ପୌରାଞ୍ଚଳରୁ ଆୟୋଜିତ ସଭାରେ ବିଜୟ କୁମାର କାମିଲା ସଭାପତିତ୍ୱ କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତୀପ ପ୍ରଧାନ, ଯୁବ ସଭାପତି ଆନନ୍ଦ କର, ଛାତ୍ର ସଭାପତି ସୁରଜ ଚୌରାସୀଆ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତରଣୀ ଭୂୟାଁ, ମଧୁସୂଦନ ସେନାପତି, ଚନ୍ଦନ କର, ଅବଦୁଲ ରହିମ୍, ଗୋବିନ୍ଦ ସାହୁ, ବିଶ୍ୱଭୂଷଣ ଦାସ, ସୁଷମା ଦାସ, ଆବାସ ଅଲ୍ଲି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପର୍ଯ୍ୟଟନ ମନ୍ତ୍ରୀ



ଖଇରା, ୨୬/୧୨ (ନି.ପ୍ର): ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ରବିବାର ଦିନ ବାଲେଶ୍ୱର ଜିଲା ଖଇରା ବ୍ଲକ ଗସ୍ତରେ ଆସି ରକ୍ତଦସନ ଶିବିର ଓ ୨ପ୍ରକଳ୍ପର ଉଦ୍‌ଘାଟନ କରିଥିବା ବେଳେ ସମ୍ପେଇ ଠାରେ ବିଭିନ୍ନ ନାଳର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି । ପ୍ରଥମେ ଜଳଦା ଉପ୍ରା ବିଦ୍ୟାଳୟ ପରିସରରେ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଜୀବନବନିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ପ୍ରହଲ୍ଲାଦ ପତି,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତି,ଯୁବ ସଙ୍ଗଠକ ବିଭକ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।ମୋଟ ୯୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପରେ ୩କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପୋଲ ଓ ଢୁଢୁଆ,କଣ୍ଟାପଡା ଓ ଦୋଳତା ନାଳର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ କରିଥିଲେ । ଡ୍ରେନେଜ ବିଭାଗର କନିଷ୍ଠ ଯନ୍ତ୍ରୀ ସୁବାଶ ସାହା ଓ କାର୍ଯ୍ୟଗ୍ରାହୀ ସୌମ୍ୟରଞ୍ଜନ ସାମଲ,ଜିଲା ପରିଷଦ ସଭ୍ୟ ଜୟନ୍ତୀ ମହଲା,ପୂର୍ବତନ ସରପଞ୍ଚ କରୁଣାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପରେ ମନ୍ତ୍ରୀ ପାଣିଗ୍ରାହୀ ଗୋବିନ୍ଦପୁର ପଞ୍ଚାୟତର ବୁଢାଗଡିଆ ଠାରେ ନିର୍ମିତ ହୋଇଥିବା ମିଶନଶକ୍ତି ଗୃହକୁ ମହିଳା ଗୋଷ୍ଠିଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ । ଏହି ପରିପ୍ରେକ୍ଷୀରେ ସରପଞ୍ଚ ରାମେଶ୍ୱର ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ପାଣିଗ୍ରହୀଙ୍କ ସମେତ ପୂର୍ବତନ ସରପଞ୍ଚ କାହ୍ନୁ ସାହୁ,ପ୍ରାକ୍ତନ ବ୍ୟାଙ୍କ ପରିଚାଳକ ରବିନ୍ଦ୍ର ବେହେରା,ଯୁବ ସଙ୍ଗଠକ ପପୁ ବାରିକ,ମହିଳା ମହାସଂଘ ସଭାପତି ସସ୍ମିତା ପାତ୍ର,ସମ୍ବାଦିକା ମମତା ଖଣ୍ଡା,ନାରୀନେତ୍ରୀ ପାର୍ବତୀ ବାରିକ ଓରଶ୍ମିବାଳା ବେହେରା,ନିର୍ମଳା ରାଉତ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ନାରୀ ମାନେ ସ୍ୱାବଲମ୍ବି ହେଲେ ରାଜ୍ୟ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହୋଇ ପାରିବ ବୋଲି ମନ୍ତ୍ରୀ କହିଥିଲେ । ଏଥିସହ ଖଇରା ଓ ଔପଦାରେ ଭୁତଳଜଳ ମାଧ୍ୟମରେ ଚାଷ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩୦କୋଟି ଟଙ୍କା ପ୍ରଦାନ କରାଯିବା ଓ ଏଥିରେ ଗୋବିନ୍ଦପୁର ପଞ୍ଚାୟତ ସାମିଲଥିବା କଥା ମନ୍ତ୍ରୀ କହିବା ପରେ ଉପସ୍ଥିତ ଜନସାଧାରଣ କରତାଳି ଦେଇ ସ୍ୱାଗତ କରିଥିଲେ ।

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ




ଭଦ୍ରକ, ୨୬/୧୨ (ନି.ପ୍ର): କୋଭିଡ଼ ଗାଇଡ୍ ଲାଇନ୍ ଅନୁସରଣ ପୂର୍ବକ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ସଂଘର ସମାବେଶ କେନ୍ଦ୍ର ନିତ୍ୟାନନ୍ଦ ଭବନ କୁଆଁସ ଠାରେ ସଭାପତି ଦିଗମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର ଉତ୍ସବ ଉଦ୍‌ଘାଟନ ଓ ମୁଖପତ୍ର 'ଉତ୍ତରଣ' ଉନ୍ମୋଚନ କରି ଉଦ୍‌ବୋଧନ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଆଧାତ୍ମିକ ଚିନ୍ତନ ଓ ବୟସ୍କଙ୍କ ପାଇଁ ଉପାଦେୟ ବିଷୟରେ ନିଜର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁଗ୍ମ ସଂପାଦକ ଅଜିତ୍ କୁମାର ନାୟକ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସାଧାରଣ ସଂପାଦକ ପ୍ରଭାକର ମଲ୍ଲିକ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନ ସହ ସଂଘ ଦ୍ୱାରା ସଂପାଦିତ କାର୍ଯ୍ୟକ୍ରମ ଓ ଦାବୀ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର କାର୍ଯ୍ୟକାରୀ ସଭାପତି ପଦ୍ମନାଭ ପାଢ଼ୀ, ଉଦୟନାଥ ମହାନ୍ତି ମଞ୍ଚ ପରିଚାଳନା ଓ ସଂଯୋଜନା କାର୍ଯ୍ୟ ସଂପାଦନ କରିଥିଲେ । ଡ଼ଃ ଗୋଲକ ବିହାରୀ ସାହୁ ମୁଖପତ୍ର 'ଉତ୍ତରଣ'ର ସଂପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂଘର ଅଶିବର୍ଷୀୟ ୧୪ ଜଣ ଆଜୀବନ ସଦସ୍ୟ / ସଦସ୍ୟାଙ୍କ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ ହରମୋହନ କୁଅଁର, ଶାନ୍ତନୁ କୁମାର ରାଉତ । ଦେବେନ୍ଦ୍ର କୁମାର ସ୍ୱାଇଁ , ନରେନ୍ଦ୍ର ନାଥ ଦାସ, କିଶୋର ଚନ୍ଦ୍ର ନାୟକ, ଇଂ ଇନ୍ଦ୍ରମଣି ନନ୍ଦ, ଯୁଧିଷ୍ଠିର ନନ୍ଦ, ରାଧାରମଣ ମହାନ୍ତି, କାଶୀନାଥ ଦାସ, ରମେଶ ଚନ୍ଦ୍ର ପତ୍ରୀ, କାଳିନ୍ଦୀ ଚରଣ ପଣ୍ଡା, ବ୍ରହ୍ମନାରାୟଣ ଦାସ, ଲକ୍ଷ୍ମଣ ସିଂ, ଭାବଗ୍ରାହୀ ମିଶ୍ର ସଦସ୍ୟା ବୀଣାପାଣି ପଣ୍ଡା, ମାଳତୀ ମହାପାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କ ସମ୍ବର୍ଦ୍ଧନୀୟ ମାନପତ୍ର ପାଠ କରାଯାଇଥିଲା । ଗୟାଧର ପଲାଇ, କୃପାସିନ୍ଧୁ ବାରିକ, ମୁରଲୀଧର ପଣ୍ଡା ସ୍ମୃତି ପୁରସ୍କାର ଓ କାଶୀନାଥ ସାହୁଙ୍କ ଛାତ୍ରଛାତ୍ରୀ ପ୍ରତିଭା ସମ୍ମାନରେ ୧୯ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଲକ୍ଷ୍ମଣ କୁମାର ମହାନ୍ତି, ବାଦଲ କିଶୋର ମହାପାତ୍ର, ଡ଼. କ୍ଷୀରୋଦ କୁମାର ସାମଲ, ମୁଖପତ୍ର ଉତ୍ତରଣ ଉନ୍ମୋଚନରେ କୈଳାଶ ଚନ୍ଦ୍ର ପଣ୍ଡା, ଇଂ. ବିମ୍ବାଧର ବ୍ରହ୍ମ, ପଦ୍ମନ କୁମା ରାୟ, ଇଂ ସୁବାସ ଚନ୍ଦ୍ର ସାହୁ, ଡ଼ଃ ଭାଗବତ ତ୍ରିପାଠୀ, ଡଃ ରାମଚନ୍ଦ୍ର ପଣ୍ଡା, ଡ଼. ରାଧାରାଣୀ ମହାପାତ୍ର, କାଶୀନାଥ ସାହୁ, ନାରାୟଣ ଚନ୍ଦ୍ର ପଣ୍ଡା, ରବିନ୍ଦ୍ର ମହାନ୍ତି ସହଯୋଗ ପ୍ରଦାନ କରିଥିଲେ । ପ୍ରତାପ ଚନ୍ଦ୍ର ଦଳାଇ, ବିନୟ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ମଲ୍ଲିକ, ଉପେନ୍ଦ୍ର ନାଥ ରାଉତ, ବୀର ନାରାୟଣ ଦାସ, ହରେକୃଷ୍ଣ ସାହୁ, ପ୍ରଶାନ୍ତ କୁମାର ଦେ, ହରେକୃଷ୍ଣ ତ୍ରିପାଠୀ, ନିରଞ୍ଜନ ବିଶ୍ୱାଳ, ଅରବିନ୍ଦ ବସନ୍ତରାୟ, ଚନ୍ଦ୍ରମୋହନ ମହାନ୍ତି, ମୁକ୍ତିକାନ୍ତ ମହାପାତ୍ର, ଦୁଃଶାସନ ମହାନ୍ତି, କେଦାର ଭଟ୍ଟାଚାର୍ଯ୍ୟ, ବସନ୍ତ କୁମାର ଦେ ପଞ୍ଜିକରଣ କାର୍ଯ୍ୟ ସଂପାଦନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ । ଯୁଗ୍ମ ସଂପାଦକ ଶ୍ରୀ କରୁଣାକର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜପଥ ନିକଟ ଘରୋଇ ନର୍ସିଂହୋମ୍‌ରେ ଶିଶୁର ମୃତ୍ୟୁ : ଉତ୍ତେଜନା ଓ ଭଂଗାରୁଜା

ଜଳେଶ୍ୱର, ୨୬/୧୨(ନିପ୍ର): ୬୦ନଂ ଜାତୀୟ ରାଜପଥର ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅନ୍ତର୍ଗତ ଜମାଲପୁର ବାଇପାସ୍‌ର ଅନତୀ ଦୂରରେ ଏକ ଘରୋଇ ନର୍ସିଂହୋମ୍‌ରେ ଗତକାଲି ଶନିବାର ଶିଖରପୁର ଗ୍ରାମର ରବିନ୍ଦ୍ର ମହାକୁଡଙ୍କ ପୁତ୍ରବଧୂ ମନ୍ଦାକିନୀ ମହାକୁଡ ପ୍ରସବ ଜନୀତ ଯନ୍ତ୍ରଣା ଯୋଗୁଁ ଭର୍ତ୍ତି ହୋଇଥିଲେ । ଆଜି ରବିବାର ମଧ୍ୟାହ୍ନରେ ଏହି ନର୍ସିଂ ହୋମରେ ପିଲା ଜନ୍ମ ବେଳେ ଶିଶୁର ମୃତ୍ୟୁ ଘଟିଥିଲା । ଏଥିଲାଗି ଡାକ୍ତରଙ୍କୁ ଦାୟୀ କରି ଗର୍ଭବତୀ ମହିଳାଙ୍କ ସମ୍ପର୍କୀୟମାନେ ଏକଜୁଟ ହୋଇଥିଲେ ଓ ପରେ ଉତ୍ତେଜିତ ଲୋକେ ଭଂଗାରୋଜା କରିଥିଲେ । ଜଳେଶ୍ୱର ଅଂଚଳର ଜନୈକ ସରକାରୀ ଡାକ୍ତର ଏହି ପ୍ରସୂତୀର ପ୍ରସବ କରାଇବାଲାଗି ମୋଟା ଅଂକର ଅର୍ଥ ଦାବି କରିଥିବା ସଂପର୍କରେ ବହୁକଥା ଶୁଣିବାକୁ ମିଳୁଛି । କେବଳ ଏହି ଗୋଟିଏ ଘଟଣା ନୁହେଁ । ଏହି ପ୍ରସୂତୀ ବିଭାଗର ଡାକ୍ତର ଜଣକ ସରକାରୀ ଡାକ୍ତରଖାନାକୁ ଆସୁଥିବା ପ୍ରସୂତୀ ମାନଙ୍କୁ ବୁଝାସୁଝା କରାଇ ଘରୋଇ ନର୍ସିଂହୋମ ଗୁଡିକରେ ପ୍ରସବ କରାଉଥିବା ସମ୍ପର୍କରେ ଉତ୍ତେଜିତ ଲୋକଙ୍କ ଠାରୁ ଶୁଣିବାକୁ ମିଳୁଥିବା ବେଳେ ବିଭିନ୍ନ ନର୍ସିଂହୋମରେ ବହୁସମୟରେ ପ୍ରସୂତୀ ଓ ଶିଶୁଙ୍କର ମୃତ୍ୟୁ ଘଟିଆସୁଛି । କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# କୋଭିଡ କଟକଣା ପାଇଁ ଫିକା ପଡିଲା ବଡଦିନ

ବାରିପଦା, ୨୬/୧୨ (ନି.ପ୍ର): ଆଜି ଡିସେମ୍ବର ୨୫ ପବିତ୍ର ବଡଦିନ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ । ପ୍ରତିବର୍ଷ ବଡ ଦିନ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଚର୍ଚ୍ଚରେ ଧୁମଧାମରେ ପାଳନ କରା ଯାଇଥାଏ । ମାତ୍ର ଚଳିତ ବର୍ଷ କୋଭିଡ କଟକଣା ଜନିତ କାରଣରୁ ଜିଲ୍ଲାର ଚର୍ଚ୍ଚ ଗୁଡିକରେ ଦେଖିବାକୁ ମିଳିଛି ଖାଁ ଖାଁ ଅବସ୍ଥା । ନା ଅଛି ପୂର୍ବଭଳି ସାଜସଜ୍ଜା ନା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଦିବସରେ ଅଛି ପୂର୍ବ ଭଳି ଆଡ଼ମ୍ବର । ଯାହା ଫଳରେ ଫିକା ପଡ଼ିଛି ବଡ଼ଦିନ ପାଳନ । ରାଜ୍ୟ ସରକାରଙ୍କ କୋଭିଡ ନିୟମାବଳୀ ଅନୁସାରେ ପାଳିତ ହେଉଛି ଯୀଶୁଙ୍କ ଜନ୍ମଦିନ । ମାତ୍ର ୫୦ ଜଣ ଲେଖାଏ ଚର୍ଚ୍ଚ ଭିତରେ ଉପସ୍ଥିତ ରହି ପ୍ରାର୍ଥନା କରୁଥିବା ବେଳେ, ମୁହଁରେ ମାସ୍କ ଲଗାଇ ଏବଂ ସାମାଜିକ ଦୂରତା ପାଳନ କରି ଚାଲିଛି ବଡଦିନ ପାଳନ । ଚର୍ଚ୍ଚ ଗୁଡିକରେ ସମସ୍ତ ସରକାରୀ ଗାଇଡ ଲାଇନ ପାଳନ କରି ନିରାଡମ୍ବର ଭାବରେ ବଡ ଦିନ ପାଳନ କରାଯାଉଥିବାର କହିଛନ୍ତି ବାରିପଦାର ଚର୍ଚ୍ଚ ଇନଚାର୍ଜ ଫାଦର ରାଜେଶ ।

## ଦୁଇଦିନିଆ ଚନ୍ଦ୍ରଭାଗା ମହୋତ୍ସବ ୨୯ରୁ

ବାଲେଶ୍ୱର,୨୬/୧୨ (ନି.ପ୍ର): ସରକାରଙ୍କ ସଦ୍ୟ କୋଭିଡ କଟକଣାକୁ ଗୁରୁତ୍ୱ ଦେଇ ଚଳିତବର୍ଷ ଚନ୍ଦ୍ରଭାଗା ମହୋତ୍ସବ ୫ ଦିନ ପରିବର୍ତ୍ତେ ୨ଦିନରେ ସୀମିତ ରଖିବା ପାଇଁ ଉତ୍ସବ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ଚନ୍ଦ୍ରଭାଗା ମହୋତ୍ସବ ୩୧ବର୍ଷରେ ପହଞ୍ଚିଥିବା ବେଳେ ପ୍ରତିବର୍ଷ ୫ ଦିନଧରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ମାତ୍ର ସମ୍ଭାବ୍ୟ ତୃତୀୟ ଲହର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ତଥା ସରକାରଙ୍କ କଟକଣାକୁ ଗୁରୁତ୍ୱ ଦେଇ ଆସନ୍ତା ୨୯ ଓ ୩୦ ତାରିଖ ଦୁଇଦିନ ଉତ୍ସବ ଅନୁଷ୍ଠିତ ହେବ ବୋଲି ଚନ୍ଦ୍ରଭାଗା ଅନୁଷ୍ଠାନର ମୁଖ୍ୟ କବି ଶ୍ରୀଦେବ ସୂଚନା ଦେଇଛନ୍ତି ।

# ଜୟ ବଜରଙ୍ଗୀ ୟୁଥ କ୍ଲବ ପକ୍ଷରୁ ଦୁଇ ଦିନିଆ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ନୀଳଗିରି, ୨୬/୧୨ (ନି.ପ୍ର): ଶେରଗଡ଼ ତେଲିଆପଦା ରେ ଥିବା ଜୟ ବଜରଙ୍ଗୀ ୟଥ୍ କ୍ଲବ ପକ୍ଷରୁ ହାଜିପୁର ହାଟ ପଡ଼ିଆ ଠାରେ ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣମେଂଟରେ ମୋଟ ୮ଗୋଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନୀ ମ୍ୟାଚରେ ରସାଳପୁର ଓ ବାଲେଶ୍ୱର ଛତୁଆ ପୋଖରୀ ମଧରେ ଅନୁଷ୍ଠିତ ହୋଇଥିବା ବେଳେ ଛତୁଆପୋଖରୀ ଟିମ୍ ଚମ୍ପିଆନ ହୋଇଥିବା ବେଳେ ରସାଳପୁର ଟିମ୍ ରନର୍ସଅପ ହୋଇଛି । ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କୃତ କରିଥିଲେ । ଛତୁଆ ପୋଖରୀ ଟିମ୍ କୁ ୧୦ହଜାର ଅର୍ଥ ରାଶି ପ୍ରଦାନ କରାଯାଇଥିବା ବେଳେ ରନର୍ସଅଫ ଦଳ ରସାଳପୁର ଟିମ୍‌କୁ ୭ହଜାର ଟଙ୍କା ର ଅଥରାଶି ପ୍ରଦାନ କରାଯାଇଛି । କ୍ଲବର ସଭାପତି ବିରେନ୍ଦ୍ର ନାୟକ, ସଂପାଦକ ସୁବାଶ ପରିଡ଼ା, ଉପସଭାପତି ସଂଜୟ ଷଡ଼ଙ୍ଗୀ, ସହ-ସଂପାଦକ ଦୀପକ ରାଉତ, ମ୍ୟାନେଜର ଶରତ ଦାସ, ମୁଖ୍ୟ ପରିଚାଳକ ରତିକାନ୍ତ ପ୍ରଧାନ ସମତେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ ।

# ମହମ୍ମଦନଗରପାଟଣା ମିଶନଶକ୍ତି ଗୃହ କାମରେ ଆସୁନି : ମହିଳାଙ୍କ ଗଣଧାରଣା

ଜଳେଶ୍ୱର, ୨୬/୧୨(ନିପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମହମ୍ମଦନଗର ପାଟଣା ଠାରେ ନିର୍ମାଣ ହୋଇ ପଡିରହିଥିବା ମିଶନଶକ୍ତିର ଏକ ଗୃହ ନିର୍ମାଣକାର୍ଯ୍ୟ ସରିଥିଲେ ମଧ୍ୟ ମହିଳାଙ୍କ କାମରେ ଆସୁନଥିବାରୁ ଆଜି ଗ୍ରାମର ବହୁ ମହିଳା ଏକତ୍ରୀତ ହୋଇ ମିଶନଶକ୍ତିର ନିର୍ମାଣାଧିନଗୃହ ସମ୍ମୁଖରେ ଧାରଣାରେ ବସିଥିଲେ । ସେମାନେ ବ୍ଲକ କର୍ମକର୍ତ୍ତୃପକ୍ଷଙ୍କୁ ଦାୟୀ କରି ନାରାବାଜି କରିଥିଲେ । ନାରୀଶକ୍ତିକରଣ ଲାଗି ସରକାର ବିଶନ ଶକ୍ତି ଯୋଜନାରେ ବହୁ କାର୍ଯ୍ୟକ୍ରମ କରି ଆସୁଥିବା ବେଳେ ମହମ୍ମଦନଗରପାଟଣା ପଂଚାୟତରେ ସଫଳ ରୂପାୟନ ହେଉନଥିବାରୁ ବିରୋଧାଭାସ ଲାଗି ରହିଥିବା ସେମାନେ କହିଛନ୍ତି । ଆଜି ସର୍ବେଶ୍ୱର ସାହୁ, ମନୋରମା ସାହୁ, ସୁମତୀ ସାହୁ, କୁନି ସାହୁ, ଲିଳିମଣି ଜେନା, ଇତିଶ୍ରୀ ପଣ୍ଡା, ସବିତା ଦାସ, ଯଶୋମତି ଦେ, ଗୌରହରି ସାହୁ, ଭାରତୀ ସାହୁ, ଶିବଚରଣ ସାହୁ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

# ବିଜୁ ଭବନରେ ୨୫ତମ ପ୍ରତିଷ୍ଠା ଦିବସ ପାଳିତ



ବାରିପଦା,୨୬/୧୨ (ନି.ପ୍ର): ରବିବାର ଆଜି ବାରିପଦା ସ୍ଥିତ ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ୨୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଅପରାହ୍ନରେ ପ୍ରଥମେ ବିଜୁ ପଟ୍ଟନାୟକ ଗୋଲେଇ ଠାରେ ଦଳର ଜିଲ୍ଲା ସଭାପତି ତଥା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାର୍ଣ୍ଡି, ପୂର୍ବତନ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧକ୍ଷ ଡ.ଦେବାଶିଷ ମାର୍ଣ୍ଡି, ବିଜୁ ମହିଳା ଜନତା ଦଳର ମୟୂରଭଞ୍ଜ-୧ର ସଭାପତି ଦିପ୍ତିଲତା ମିଶ୍ର ଏବଂ ଶତାଧିକ କର୍ମୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ବିଜୁ ଭବନ ଠାରେ ଆୟୋଜିତ ସଭାରେ ଉପସ୍ଥିତ ହୋଇଥିଲେ । ସଭାରେ ସଭାପତିତ୍ୱ କରୁଥିବା ଡ.ଦେବାଶିଷ ମାର୍ଣ୍ଡି, ମୁଖ୍ୟ ଅତିଥି ତଥା ମାନ୍ୟଗଣ୍ୟ ମନ୍ତ୍ରୀମଣ୍ଡଳିଙ୍କୁ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ସଭାରମ୍ଭ କରିବା ପାଇଁ ଅନୁରୋଧ କରିଥିଲେ । ପ୍ରଥମେ ଜିଲ୍ଲା ସଭାପତି ତଥା ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ତାଙ୍କ ବକ୍ତବ୍ୟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ଓଡିଶା ପ୍ରତି ଅବଦାନ ଏବଂ ତ୍ୟାଗ ଫଳସ୍ୱରୂପ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି । ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଲୋକାଭୀମୁଖି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କର ବିଜୁ ଜନତା ଦଳ ପ୍ରିୟ ପାତ୍ର ହୋଇପାରିଛି । ଶ୍ରୀମତୀ ହେମ୍ବ୍ରମ ତାଙ୍କ ବକ୍ତବ୍ୟରେ ବିଜୁ ଜନତା ଦଳ ଆଗାମି ତ୍ରି ସ୍ତରୀୟ ପଞ୍ଚାୟତି ନିର୍ବାଚନରେ ୫୬ଟି ଯାକ ଜିଲ୍ଲାପରିଷଦ ଆସନ ଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ପୂର୍ବତନ ଉପ-ବାଚସ୍ପତି ଶ୍ରୀ ମାର୍ଣ୍ଡି ସମସ୍ତ ଜିଲ୍ଲା ପରିଷଦ ଆସନ ଏବଂ ୨୬ଟି ଯାକ ବ୍ଲକରେ ଚେୟାରମ୍ୟାନ୍ ଗଠନ କରିବ ବୋଲି ଦୃଢ଼ୋକ୍ତି କରିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ୨୬ ନମ୍ବର ୱାର୍ଡ଼ ଏବଂ ୨୭ ନମ୍ବର ୱାର୍ଡ଼ରୁ ଶତାଧିକ ମହିଳା ଏବଂ ପୁରୁଷମାନେ ବିଜୁ ଜନତା ଦଳରେ ଯୋଗଦେଇଥିଲେ । ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରି ଦେଇ ସ୍ୱାଗତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବାରିପଦା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ବାରିପଦା ପୌରପରିଷଦର ପୂର୍ବତନ ଉପ-ନଗରପାଳ ଜିତେନ୍ଦ୍ର ମହାନ୍ତି, ରାଜ୍ୟ ଖୋଦି ଓ ଗ୍ରାମ୍ୟ ଉଦ୍ୟଗ ବୋର୍ଡର ସଦସ୍ୟ ସରୋଜ କୁମାର ବୋଷ, ଯୁବ ଜନତା ସଭାପତି ଅରୁଣ ବରାଡ, ଛାତ୍ର ସଭାପତି ସୁନୀଲ ନାୟକ, ଜୋନାଲ ଛାତ୍ର ସଭାପତି ସେକ୍ ଅବଦୁଲ୍ ହବିବ୍, ବାରିପଦା ବ୍ଲକର ଅଧକ୍ଷ ପାର୍ବତୀ ହେମ୍ବ୍ରମ, ବଡସାହି ବ୍ଲକର ଉପାଧକ୍ଷ ଅନ୍ତର୍ଯାମି ବେହେରା, ବାରିପଦା ଟାଉନ ସଭାପତି ସୁରଭି ଦାସ, ବାରିପଦା ବ୍ଲକର ମହିଳା ସଭାପତି କବିତା ସିଂ, ସରୋଜ ମହାପାତ୍ର, ଶ୍ରାବଣୀ ଦାସ, ଗୀତାରାଣୀ ବେହେରା, ପ୍ରଭାତି ପୃଷ୍ଟୀ, ସମ୍ପା ମଜୁମଦାର, ସଂଯୁକ୍ତ ଭୁଜବୋଲ୍, ରେହୋନା ସୁଲତାନ, ଅନନ୍ତ ଦାସ, ପ୍ରଭାତ ନାଏକ, ନିରୋଜ ସାହୁ, ଦେବାଶିଷ ଦାସ, ସ୍ୱରୂପ ପଟ୍ଟନାୟକ, ପୂର୍ଣ୍ଣାନନ୍ଦ ପରିଡା, ସୟଦ ଫିରଜୁଦିନ୍, ଏସ.କେ. ରଖିମ୍, ସନ୍ତୋଷ ପଟ୍ଟନାୟକ, ଦୁର୍ଗାମଣୀ ଆର୍ଯ୍ୟ, କୃଷ୍ଣଚନ୍ଦ୍ର ଦାସ, ବୈଦନାଥ ରଥ, ତପନ କର ଏବଂ ଖୁଣ୍ଟା ବ୍ଲକ, ବଡସାହି ବ୍ଲକ ଓ ବାରିପଦା ବ୍ଲକର ବହୁ ମାତ୍ରାରେ ଉପସ୍ଥିତ ରହି ପ୍ରତିଷ୍ଠା ଦିବସ ସଭାକାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida

❒ Editor: Sairindhree Sahoo